- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-03 •SATURDAY •27 JUNE 2026 •PAGE-12 •₹ 7.00 | SAMBALPUR | •ବର୍ଷ-୪୪ •ସଂଖ୍ୟା-୦୩ •ଶନିବାର •୨୭ ଜୁନ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦




ଯଶଙ୍କୁ ଟକ୍କର ଦେବେ ଶ୍ରଦ୍ଧା

ପୃଷ୍ଠା ୧୧ ଦେଖନ୍ତୁ...





TANISHQ

## Celebrating Her Traditions, Her Way

Join us for an exclusive showcase of jewellery inspired by heritage and crafted for the modern woman.

Explore handcrafted designs that blend timeless artistry with contemporary elegance.

UP TO ₹601 OFF* per gram on gold jewellery | GET 100%* Exchange value on your old gold brought from any jeweller

Offer valid from 26th to 28th June 2026

Talk to our jewellery expert to know more 1800 2966 677 | Buy online at tanishq.co.in | or Download our App | *Conditions apply, For T&C visit our website.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043

Amalapada, Lane-2, Angul, Mob-9090066000, 8147485152 | Cantonment Road, Cuttack, Mob-9238307044

## କେଇକୋ ଫୁଜିମୋରି ପେରୁର ପ୍ରଥମ ମହିଳା ରାଷ୍ଟ୍ରପତି



ଲିମା, ୨୬।୬(ଏଜେନ୍ସି): ପେରୁର ନିର୍ବାଚନ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ଦେଶର ଦକ୍ଷିଣପନ୍ଥୀ ନେତ୍ରୀ ୫୧ ବର୍ଷୀୟା କେଇକୋ ଫୁଜିମୋରି ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଚତୁର୍ଥ ଥର ପାଇଁ ରାଷ୍ଟ୍ରପତି ନିର୍ବାଚନ ଲଢୁଥିବା କେଇକୋ ପ୍ରାୟ ୫୦.୧ ପ୍ରତିଶତ ଭୋଟ୍ ପାଇ ନିଜର ପ୍ରତିଦ୍ୱନ୍ଦ୍ୱୀ ବାମପନ୍ଥୀ ପ୍ରାର୍ଥୀ ରୋବୋର୍ଟୋ ସାଞ୍ଚେଜ୍‌ଙ୍କୁ ଅତି ଅଳ୍ପ ବ୍ୟବଧାନରେ ପରାଜିତ କରିଛନ୍ତି। ଆସନ୍ତା ଜୁଲାଇ ୨୮ ତାରିଖରେ ସେ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିବେ। ପେରୁର ପୂର୍ବତନ ରାଷ୍ଟ୍ରପତି ଆଲବର୍ଟୋ ଫୁଜିମୋରିଙ୍କ କନ୍ୟା କେଇକୋଙ୍କ ପିଲାଦିନ ଏବଂ ରାଜନୈତିକ ଜୀବନ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ନବେ ଦଶକରେ ଦେଶରେ ଉଗ୍ରବାଦୀ ହିଂସା ଚରମ ସୀମାରେ ଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କ ପରିବାରକୁ ବଙ୍କର ଭିତରେ ଦିନ କାଟିବାକୁ ପଡ଼ିଥିଲା। ପରବର୍ତ୍ତୀ ସମୟରେ ୧୯୯୪ ମସିହାରେ ପିତାମାତାଙ୍କ ମଧ୍ୟରେ ବିବାଦ ଯୋଗୁଁ ମାତ୍ର ୧୯ ବର୍ଷ ବୟସରେ ନିଜ ପାଠପଢ଼ା ଛାଡ଼ି ସେ ପେରୁର ସବୁଠାରୁ କମ୍ ବୟସ୍କ 'ଫାଷ୍ଟ ଲେଡି' ବା ପ୍ରଥମ ମହିଳା ଭାବେ ଦାୟିତ୍ୱ ତୁଲାଇଥିଲେ। ରାଜନୈତିକ ଜୀବନ ମଧ୍ୟରେ କେଇକୋଙ୍କୁ ଅର୍ଥ ହେରଫେର ଏବଂ ବେଆଇନ ନିର୍ବାଚନ ପାଣ୍ଠି ସଂଗ୍ରହ ମାମଲାରେ ୨୦୧୮ ମସିହାରେ ପ୍ରାୟ ୧୩ ମାସ ଜେଲ୍‌ରେ ରହିବାକୁ ପଡ଼ିଥିଲା। ଜେଲ୍‌ରୁ ମୁକୁଳିବା ପରେ ସେ ନିଜ ଦଳକୁ ଏକାଠି ରଖି ପୁଣି ରାଜନୀତିରେ ସକ୍ରିୟ ହୋଇଥିଲେ। ବର୍ତ୍ତମାନ ଦେଶରେ ବଢୁଥିବା ଅପରାଧ, ଦୁର୍ନୀତି ଏବଂ ରାଜନୈତିକ ଅସ୍ଥିରତା ମଧ୍ୟରେ କେଇକୋ ପେରୁର ଶାସନ ଭାର ହାତକୁ ନେବାକୁ ଯାଉଛନ୍ତି।

## ଗୋଆରେ ଚାଲିବ କୋଚି ଭଳି ୱାଟର୍ ମେଟ୍ରୋ



ପାଣାଜୀ, ୨୬।୬(ଏଜେନ୍ସି): କେରଳର କୋଚି ସହର ଭଳି ବର୍ତ୍ତମାନ ଗୋଆରେ ମଧ୍ୟ ଜଳପଥରେ ମେଟ୍ରୋ ବା 'ୱାଟର ମେଟ୍ରୋ' ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଶୁକ୍ରବାର ଗୋଆ ଗସ୍ତ ସମୟରେ ଏହି ପ୍ରସ୍ତାବିତ ପ୍ରକଳ୍ପକୁ ପ୍ରାଥମିକତା ଭିତ୍ତିରେ ପ୍ରଥମ ପର୍ଯ୍ୟାୟରେ ହିଁ ଶେଷ କରିବାକୁ ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ମାଣ୍ଡୋଭୀ ନଦୀ କୂଳରେ ଅବସ୍ଥିତ ଗୋଆର ରାଜଧାନୀ ପାଣାଜୀ ସହର ସହିତ ନଦୀ କୂଳବର୍ତ୍ତୀ ଅନ୍ୟାନ୍ୟ ସହର ଏବଂ ଗ୍ରାମଗୁଡ଼ିକୁ ଜଳପଥ ମାଧ୍ୟମରେ ଯୋଡ଼ାଯିବ। କୋଚି ମେଟ୍ରୋ ରେଳ ଲିମିଟେଡ୍ ଦ୍ୱାରା ଏହି ପ୍ରକଳ୍ପର ପ୍ରାଥମିକ ସର୍ଭେ କରାଯାଇ ପ୍ରାୟ ୮ଟି ସମ୍ଭାବ୍ୟ ରୁଟ୍ ଚିହ୍ନଟ କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ଅନୁରୋଧ କ୍ରମେ ଏହି ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ପାଣାଜୀ ବନ୍ଦରର ଏକ ନୂତନ ଟର୍ମିନାଲ୍ ଭବନ ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଗତ ୧୨ ବର୍ଷ ମଧ୍ୟରେ ଭାରତର ସାମୁଦ୍ରିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଦେଶର ବନ୍ଦରଗୁଡ଼ିକର କ୍ଷମତା ଦୁଇଗୁଣା ବୃଦ୍ଧି ପାଇବା ସହ ଆଭ୍ୟନ୍ତରୀଣ ଜଳପଥଗୁଡ଼ିକ ମଧ୍ୟ ବାଣିଜ୍ୟ ଏବଂ ପରିବହନର ଏକ ପ୍ରମୁଖ ମାଧ୍ୟମ ସାଜିଛନ୍ତି, ଯାହା ଭାରତୀୟ ଅର୍ଥନୀତିକୁ ଆଗକୁ ବଢ଼ାଇବାରେ ସହାୟକ ହେବ।

## ଏନ୍‌ସିଇଆର୍‌ଟି ବହିରୁ ହଟିଲା ସମାଜବାଦୀ ଓ ଧର୍ମନିରପେକ୍ଷ ଶବ୍ଦ

**ଜରୁରୀକାଳୀନ ପରିସ୍ଥିତି ଉପରେ ଯୋଡ଼ାଗଲା ନୂଆ ଅଧ୍ୟାୟ**

ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି): ରାଷ୍ଟ୍ରୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ ବା ଏନସିଇଆରଟି ଦ୍ୱାରା ନବମ ଶ୍ରେଣୀର ନୂତନ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରୁ ସମ୍ବିଧାନର ପ୍ରସ୍ତାବନାକୁ ହଟାଇ ଦିଆଯାଇଛି। ଏହା ସହିତ ପ୍ରସ୍ତାବନାରେ ଥିବା 'ସମାଜବାଦୀ' ଏବଂ 'ଧର୍ମନିରପେକ୍ଷ' ଭଳି ଗୁରୁତ୍ୱପୂର୍ଣ୍ଣ ଶବ୍ଦଗୁଡ଼ିକୁ ମଧ୍ୟ ଏହି ବହିରୁ ବାଦ୍ ଦିଆଯାଇଥିବା ବେଳେ 'ଜରୁରୀକାଳୀନ ପରିସ୍ଥିତି' ସମ୍ପର୍କରେ ଏକ ନୂତନ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି। ନୂତନ ପାଠ୍ୟପୁସ୍ତକର ଏକ ଅଧ୍ୟାୟରେ ୧୯୭୫ ମସିହାର ଜରୁରୀକାଳୀନ ପରିସ୍ଥିତିକୁ ଭାରତୀୟ ଗଣତନ୍ତ୍ରର ସବୁଠାରୁ ବଡ଼ ଆହ୍ୱାନ ଭାବେ ବର୍ଣ୍ଣନା କରାଯାଇଛି। ଏଥିରେ ତତ୍କାଳୀନ ଇନ୍ଦିରା ଗାନ୍ଧୀ ସରକାରଙ୍କ ବିରୋଧରେ ବଢୁଥିବା ଜନଅସନ୍ତୋଷ, ମୌଳିକ ଅଧିକାରର ନିଲମ୍ବନ, ଗଣମାଧ୍ୟମ ଉପରେ କଟକଣା ଏବଂ ନେତାମାନଙ୍କ ଗିରଫଦାରୀ ବିଷୟରେ ଉଲ୍ଲେଖ ରହିଛି। ଏହା ସହିତ ବିହାର ଓ ଗୁଜରାଟରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ହୋଇଥିବା ଗଣଆନ୍ଦୋଳନ ଏବଂ ଜରୁରୀକାଳୀନ ପରିସ୍ଥିତି ପରେ ୧୯୭୭ ନିର୍ବାଚନରେ ଶାସକ ଦଳର ପରାଜୟକୁ ଭାରତୀୟ ଗଣତନ୍ତ୍ରର ସୁଦୃଢ଼ତାର ପ୍ରମାଣ ବୋଲି ଦର୍ଶାଯାଇଛି। ପୁସ୍ତକରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ 'ସମାଜବାଦୀ' ଓ 'ଧର୍ମନିରପେକ୍ଷ' ଶବ୍ଦ ଦ୍ୱୟକୁ ୧୯୭୬ ମସିହାରେ ଜରୁରୀକାଳୀନ ପରିସ୍ଥିତି ସମୟରେ ହିଁ ୪୨ତମ ସମ୍ବିଧାନ ସଂଶୋଧନ ଜରିଆରେ ଯୋଡ଼ାଯାଇଥିଲା। ଏହା ବ୍ୟତୀତ ଗଣତନ୍ତ୍ର ପ୍ରତି ଥିବା ଅନ୍ୟାନ୍ୟ ଆହ୍ୱାନ ଯେପରିକି ମିଥ୍ୟା ଖବର, ଦୁର୍ନୀତି, ଆଞ୍ଚଳିକତାବାଦ ଏବଂ ଲିଙ୍ଗଗତ ଅସମାନତା ଉପରେ ମଧ୍ୟ ଏଥିରେ ଆଲୋଚନା କରାଯାଇଛି। ପ୍ରଥମ ଥର ପାଇଁ ଛାତ୍ରଛାତ୍ରୀଙ୍କ ଦାୟିତ୍ୱବୋଧ ବଢ଼ାଇବାକୁ 'ଗଣତନ୍ତ୍ର ଏବଂ ଆପଣ' ଶୀର୍ଷକ ଏକ ନୂଆ ବିଭାଗ ସ୍ଥାନ ପାଇଛି। ଏହା ସହିତ ଭାରତୀୟ ନିର୍ବାଚନ କମିଶନଙ୍କ ସଫଳତାକୁ ପ୍ରଶଂସା କରାଯିବା ସହ ଗଣମାଧ୍ୟମକୁ ଗଣତନ୍ତ୍ରର 'ଚତୁର୍ଥ ସ୍ତମ୍ଭ' ଭାବେ ଅଭିହିତ କରାଯାଇଛି।

## ୧୧ ଜଣ ବାଂଲାଦେଶୀ ଆତଙ୍କବାଦୀଙ୍କ ବିରୋଧରେ ଚାର୍ଜସିଟ୍

ଗୌହାଟୀ, ୨୬।୬(ଏଜେନ୍ସି): ଭାରତରେ ଆତଙ୍କବାଦୀ ନେଟୱାର୍କର ବିସ୍ତାର ଏବଂ ଯୁବକମାନଙ୍କୁ ସଂଗଠନରେ ସାମିଲ କରିବା ପାଇଁ ଚାଲିଥିବା ଏକ ବଡ଼ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରି ଜାତୀୟ ତଦନ୍ତକାରୀ ସଂସ୍ଥା ବା ଏନଆଇଏ ୧୧ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ପ୍ରତିବନ୍ଧିତ ଆତଙ୍କବାଦୀ ସଂଗଠନ 'ଜମାତ-ଉଲ୍-ମୁଜାହିଦ୍ଦିନ ବାଂଲାଦେଶ'ର ଏକ ଶାଖା ସହିତ ଜଡ଼ିତ ଏହି ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଗୁଆହାଟୀ ସ୍ଥିତ ସ୍ୱତନ୍ତ୍ର ଅଦାଲତରେ ଏହି ଚାର୍ଜସିଟ୍ ଦାଖଲ କରାଯାଇଛି। ଏନଆଇଏର ତଦନ୍ତରୁ ଜଣାପଡ଼ିଛି ଯେ, ଏହି ସଂଗଠନର ବରିଷ୍ଠ ସଦସ୍ୟ ଇମାମ ମହମୁଦ ହବିବୁଲ୍ଲା ଭାରତ ମାଟିରେ ନିଜର ଆତଙ୍କବାଦୀ ଏଜେଣ୍ଡାକୁ ଆଗକୁ ବଢ଼ାଇବା ପାଇଁ 'ଇମାମ ମହମୁଦର କାଫିଲା' ନାମକ ଏକ ଶାଖା ଗଠନ କରିଥିଲା। ଏହି ସଂଗଠନ ଜରିଆରେ ପଶ୍ଚିମବଙ୍ଗ, ଆସାମ ଏବଂ ତ୍ରିପୁରା ଭଳି ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଉଗ୍ରବାଦୀ ଚିନ୍ତାଧାରାର ପ୍ରସାର କରିବା, ସ୍ଥାନୀୟ ଯୁବକମାନଙ୍କୁ ଭ୍ରମିତ କରି ସଂଗଠନରେ ସାମିଲ କରିବା ଏବଂ ଭାରତ ବିରୋଧୀ କାର୍ଯ୍ୟକଳାପ ଚଳାଇବା ପାଇଁ ଗୁପ୍ତ ବୈଠକ ଓ ଡିଜିଟାଲ୍ ମାଧ୍ୟମର ବ୍ୟବହାର କରାଯାଉଥିଲା। ଏହି ମାମଲାରେ ଗିରଫ ହୋଇଥିବା ଦୁଇ ପ୍ରମୁଖ ଅଭିଯୁକ୍ତ ନସିମୁଦ୍ଦିନ ଆସାମରେ ଏବଂ ଜାଗିର ମିଆଁ ତ୍ରିପୁରାରେ ଏହି ଆତଙ୍କବାଦୀ ସଂଗଠନର କାର୍ଯ୍ୟକଳାପର ନେତୃତ୍ୱ ନେଉଥିଲେ।

## ଦିଲ୍ଲୀରେ ସେପ୍ଟିକ୍ ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ଶ୍ରମିକଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୬।୬(ଏଜେନ୍ସି): ଦିଲ୍ଲୀର ମୁଣ୍ଡକା ଶିଳ୍ପାଞ୍ଚଳରେ ଥିବା ଏକ କାରଖାନାର ସେପ୍ଟିକ୍ ଟାଙ୍କି ଭିତରେ ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସି ଶୁକ୍ରବାର ଅପରାହ୍ନରେ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୁଣ୍ଡକାର ଜ୍ୱାଳାପୁରୀ ଅଞ୍ଚଳରେ ଥିବା ଏକ କାରଖାନାରେ ଏହି ଅଭାବନୀୟ ଘଟଣା ଘଟିଛି। ଅଗ୍ନିଶମ ବାହିନୀର ସୂଚନା ଅନୁଯାୟୀ, ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ କାରଖାନାର ସେପ୍ଟିକ୍ ଟାଙ୍କି ଭିତରେ କିଛି ଲୋକ ଫସି ରହିଥିବା ଖବର ମିଳିଥିଲା। ଏହା ପରେ ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନିଶମ ଗାଡ଼ି ଏବଂ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ଟାଙ୍କି ଭିତରେ ଥିବା ପ୍ରବଳ ବିଷାକ୍ତ ଗ୍ୟାସ୍ ଯୋଗୁଁ ସେମାନେ ଶ୍ୱାସରୁଦ୍ଧ ହୋଇ ସେଠାରେ ହିଁ ଅଚେତ ହୋଇପଡ଼ିଥିଲେ। ଅଗ୍ନିଶମ କର୍ମଚାରୀମାନେ ତିନି ଜଣଙ୍କୁ ଟାଙ୍କି ଭିତରୁ ବାହାରକୁ ଆଣିଥିଲେ ମଧ୍ୟ ସେତେବେଳକୁ ସେମାନଙ୍କର ମୃତ୍ୟୁ ହୋଇସାରିଥିଲା।

## ଡେନ୍‌ମାର୍କରେ ଅଜାନ ଉପରେ କଟକଣା ହେବ

କୋପେନହେଗେନ, ୨୬।୬(ଏଜେନ୍ସି): ଡେନମାର୍କରେ ବଢୁଥିବା ଇସଲାମୀକରଣକୁ ରୋକିବା ପାଇଁ ସେଠାକାର ସରକାର ସାରା ଦେଶରେ ମସଜିଦ୍‌ରୁ ଦିଆଯାଉଥିବା ସାର୍ବଜନୀନ ପ୍ରାର୍ଥନା ଡାକରା ବା ଅଜାନ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବାକୁ ପ୍ରସ୍ତୁତି ଚଳାଇଛନ୍ତି। ସର୍ବସାଧାରଣ ସ୍ଥାନରେ ମୁହଁ ଢାଙ୍କିବା ଉପରେ ପୂର୍ବରୁ କଟକଣା ଲଗାଯାଇଥିବା ବେଳେ ବର୍ତ୍ତମାନ ଏହି ନୂଆ ପ୍ରସ୍ତାବ ଉପରେ ବିଚାର କରାଯାଉଛି। ଦେଶର ପ୍ରବାସୀ ମନ୍ତ୍ରୀ ମୋର୍ଟେନ ବୋଡସ୍କୋଭ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଡେନମାର୍କର କିଛି ଅଞ୍ଚଳ ବର୍ତ୍ତମାନ ପାକିସ୍ତାନର ରାଜଧାନୀ 'ଇସଲାମାବାଦର ଉପକଣ୍ଠ' ଭଳି ଅନୁଭୂତ ହେଉଛି। ଡେନମାର୍କ ଆକାଶରେ ଅଜାନ ଶବ୍ଦ ଶୁଣାଯିବା ଉଚିତ ନୁହେଁ ଏବଂ ଏହାର ଏଠାରେ କୌଣସି ସ୍ଥାନ ନାହିଁ। ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକସେନଙ୍କ ନେତୃତ୍ୱରେ ସରକାର ଏବେ ଶିକ୍ଷାନୁଷ୍ଠାନଗୁଡ଼ିକରୁ ପ୍ରାର୍ଥନା ଗୃହ ହଟାଇବା ସହ ଅନୁପ୍ରବେଶ ରୋକିବା ପାଇଁ ୟୁରୋପର ସବୁଠାରୁ କଠୋର ନୀତି ଆପଣାଇଛନ୍ତି। ଡେନମାର୍କରେ ମୋଟ ଜନସଂଖ୍ୟାର ପ୍ରାୟ ୫ ପ୍ରତିଶତ ମୁସଲିମ ସମ୍ପ୍ରଦାୟର ଲୋକ ଅଛନ୍ତି।

## 'ଅପରେସନ୍ ସିନ୍ଦୂର' ପ୍ରକାଶ ପାଇଲା ସହିଦ ଯବାନଙ୍କ ନାମ

ନୂଆଦିଲ୍ଲୀ, ୨୬।୬(ଏଜେନ୍ସି): ଗତ ବର୍ଷ ମେ ମାସରେ ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଦୃଢ଼ ଜବାବ ଦେବାକୁ ଯାଇ ଭାରତୀୟ ସେନା ପକ୍ଷରୁ କରାଯାଇଥିବା 'ଅପରେସନ୍ ସିନ୍ଦୂର'ରେ ପ୍ରାଣବଳୀ ଦେଇଥିବା ୬ ଜଣ ବୀର ସୈନିକଙ୍କ ପରିଚୟ ପ୍ରଥମ ଥର ପାଇଁ ସାର୍ବଜନୀନ କରାଯାଇଛି। ଦେଶମାତୃକାର ସୁରକ୍ଷା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ଏହି ଅମର ଶହୀଦମାନଙ୍କ ନାମ ନୂଆଦିଲ୍ଲୀସ୍ଥିତ ଜାତୀୟ ସମର ସ୍ମାରକୀର 'ତ୍ୟାଗ ଚକ୍ର'ରେ ଖୋଦିତ କରାଯାଇ ସେମାନଙ୍କୁ ଚିରଦିନ ପାଇଁ ସମ୍ମାନିତ କରାଯିବ। ଶହୀଦ ହୋଇଥିବା ଏହି ସେନା ଅଧିକାରୀ ଓ ଯବାନମାନଙ୍କ ମଧ୍ୟରେ ଭାରତୀୟ ସ୍ଥଳସେନାର ୫ ଜଣ ଏବଂ ଭାରତୀୟ ବାୟୁସେନାର ଜଣେ ଯୋଦ୍ଧା ସାମିଲ ଅଛନ୍ତି। ସେମାନେ ହେଲେ ସୁବେଦାର ମେଜର ପବନ କୁମାର, ରାଇଫଲମ୍ୟାନ୍ ସୁନୀଲ କୁମାର, ଲାନ୍ସ ନାୟକ ଦିନେଶ କୁମାର, ଅଗ୍ନିବୀର ମୁରଲୀ ନାୟକ, ହାବିଲଦାର ସୁନୀଲ କୁମାର ସିଂ ଏବଂ ବାୟୁସେନା ସର୍ଜେଣ୍ଟ ସୁରେନ୍ଦ୍ର କୁମାର। ଏହି ବୀରମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ସେମାନଙ୍କ ଅସାଧାରଣ ସାହସିକତା ପାଇଁ ମରଣୋତ୍ତର ଭାବେ ବୀରତ୍ୱ ପୁରସ୍କାରରେ ସମ୍ମାନିତ କରାଯାଇଛି। ରାଇଫଲମ୍ୟାନ୍ ସୁନୀଲ କୁମାରଙ୍କୁ ମରଣୋତ୍ତର ଭାବେ 'ବୀର ଚକ୍ର' ଏବଂ ସର୍ଜେଣ୍ଟ ସୁରେନ୍ଦ୍ର କୁମାରଙ୍କୁ ମରଣୋତ୍ତର ଭାବେ 'ବାୟୁସେନା ପଦକ' ପ୍ରଦାନ କରାଯାଇଛି। ୨୦୨୫ ମସିହାର ବିଭିନ୍ନ ସାମରିକ ଅଭିଯାନ ସମୟରେ ସହିଦ ହୋଇଥିବା ସମସ୍ତ ସୈନିକଙ୍କ ନାମ ସହିତ ଏହି ୬ ଜଣ ବୀରଙ୍କ ନାମ ମଧ୍ୟ ଜାରି କରାଯାଇଛି। ସ୍ୱାଧୀନତା ପରଠାରୁ ଦେଶ ପାଇଁ ପ୍ରାଣ ଉତ୍ସର୍ଗ କରିଥିବା ପ୍ରତ୍ୟେକ ସୈନିକଙ୍କ ନାମ, ପଦବୀ ଓ ସେନା ଶାଖା ଜାତୀୟ ସମର ସ୍ମାରକୀର ୧୬ଟି ଗୋଲାକାର ଗ୍ରାନାଇଟ୍ ପ୍ରସ୍ତର କାନ୍ଥରେ ସ୍ଥାନ ପାଇଛି, ଯେଉଁଠାରେ ଏବେ ଏହି ବୀରମାନଙ୍କ ନାମ ସଦାସର୍ବଦା ପାଇଁ




ଶୋଭା ପାଇବ। ସୂଚନାଯୋଗ୍ୟ ଯେ, ଗତ ୨୦୨୫ ମସିହା ମଇ ୭ ତାରିଖରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତୀୟ ସେନା ପକ୍ଷରୁ 'ଅପରେସନ୍ ସିନ୍ଦୂର' ଆରମ୍ଭ କରାଯାଇଥିଲା। ଏହି ଅଭିଯାନ ଅଧୀନରେ ଭାରତୀୟ ସଶସ୍ତ୍ର ବାହିନୀ ପକ୍ଷରୁ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ ଜମ୍ମୁ-କାଶ୍ମୀରରେ ଥିବା ଲସ୍କର-ଇ-ତୋଇବା, ଜୈଶ-ଇ-ମହମ୍ମଦ ଏବଂ ହିଜବୁଲ ମୁଜାହିଦ୍ଦିନ ଭଳି ସଂଗଠନର ୯ଟି ପ୍ରମୁଖ ଆତଙ୍କବାଦୀ ଆଡ୍ଡା ଉପରେ ସଠିକ୍ ଓ ବେଗବାନ ଆକ୍ରମଣ କରାଯାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ। ଏହାର ଜବାବରେ ପାକିସ୍ତାନ ପକ୍ଷରୁ ଡ୍ରୋନ ଆକ୍ରମଣ ଓ ଗୋଳାବାରୁଦ ବର୍ଷଣ କରାଯିବା ଫଳରେ ଉଭୟ ଦେଶ ମଧ୍ୟରେ ଚାରି ଦିନ ଧରି ପ୍ରତ୍ୟକ୍ଷ ସଂଘର୍ଷ ଚାଲିଥିଲା। ପରେ ଭାରତ ଲାହୋରର ରାଡାର ପ୍ରତିଷ୍ଠାନ ଏବଂ ଗୁଜରାନୱାଲା ନିକଟସ୍ଥ ଆଡ୍ଡାଗୁଡ଼ିକୁ ସଫଳତାର ସହ ଧ୍ୱଂସ କରିବା ପରେ ମଇ ୧୦ ତାରିଖରେ ଦୁଇ ଦେଶର ସାମରିକ ଅଭିଯାନ ମହାନିର୍ଦ୍ଦେଶକଙ୍କ ଆଲୋଚନା ଭିତ୍ତିରେ ଏକ ଯୁଦ୍ଧବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଗତ ମାସରେ ଏହି ସଫଳ ସାମରିକ ଅଭିଯାନର ପ୍ରଥମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି 'ଅପରେସନ୍ ସିନ୍ଦୂର'କୁ ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ଜବାବ ଏବଂ ଜାତୀୟ ସୁରକ୍ଷା ପ୍ରତି ଦେଶର ପ୍ରତିବଦ୍ଧତାର ପ୍ରତୀକ ବୋଲି ଅଭିହିତ କରିଥିଲେ। ଦେଶର ସୁରକ୍ଷା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ଭାରତୀୟ ସେନାର ଯବାନମାନେ ଯେଉଁ ଅତୁଳନୀୟ ସାହସ, ସଠିକତା ଏବଂ ଦୃଢ଼ ସଂକଳ୍ପ ପ୍ରଦର୍ଶନ କରିଛନ୍ତି, ତାହା ଦେଶବାସୀଙ୍କୁ ସଦାସର୍ବଦା ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। ଅମର ଶହୀଦଙ୍କ ଏହି ବଳିଦାନ ନିକଟରେ ସମଗ୍ର ଦେଶ ଆଜି କୃତଜ୍ଞତା ଜ୍ଞାପନ କରୁଛି।

## ସରକାରୀ ଅଧିକାରୀଙ୍କ ଘରୁ ମିଳିଲା କୋଟି କୋଟି ଟଙ୍କାର ସୁନା, ହୀରା, ନଗଦ ଅର୍ଥ

ହାଇଦରାବାଦ, ୨୬।୬(ଏଜେନ୍ସି): ହାଇଦରାବାଦର ସାମିରପେଟ ଅଞ୍ଚଳର ଜଣେ ନିଲମ୍ବିତ ତହସିଲଦାର ତଥା ଯୁଗ୍ମ ଉପ-ନିବନ୍ଧକ (ଜଏଣ୍ଟ ସବ୍-ରେଜିଷ୍ଟ୍ରାର) ଥୁମ୍ମାକୋମ୍ମା ସୁଚରିତାଙ୍କ ଅସାଧୁତାକୁ ନେଇ ଏକ ବଡ଼ ପର୍ଦ୍ଦାଫାଶ ହୋଇଛି। ଭ୍ରଷ୍ଟାଚାର ନିରୋଧୀ ବ୍ୟୁରୋ (ଏସିବି) ପକ୍ଷରୁ ସୁଚରିତା ଏବଂ ତାଙ୍କ ସହଯୋଗୀମାନଙ୍କ ବିଭିନ୍ନ ବାସଭବନ ଉପରେ



କରାଯାଇଥିବା ଚଢ଼ାଉ ବେଳେ ପ୍ରାୟ ୫.୦୫ କୋଟି ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ସରକାରୀ ହିସାବ ଅନୁଯାୟୀ ଏହାର ମୂଲ୍ୟ ୫ କୋଟିରୁ ଅଧିକ ହୋଇଥିବା ବେଳେ ବଜାର ଦର ଅନୁସାରେ ଏହାର ପ୍ରକୃତ ମୂଲ୍ୟ କେତେ ଗୁଣା ଅଧିକ ହେବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ, ସୁଚରିତା ପୂର୍ବରୁ ୩୦ ଲକ୍ଷ ଟଙ୍କାର ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇ ବର୍ତ୍ତମାନ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଏହି ମାମଲାର ଅଧିକ ତଦନ୍ତ କରୁଥିବା ଅଧିକାରୀମାନେ ଯେତେବେଳେ ତାଙ୍କର ଏବଂ ତାଙ୍କ ସମ୍ପର୍କୀୟ ଓ ବେନାମୀ ସହଯୋଗୀମାନଙ୍କ ଘରେ ଯାଞ୍ଚ କରିଥିଲେ, ସେତେବେଳେ ସେମାନଙ୍କ ଆଖି ଖୋସି ହୋଇଯାଇଥିଲା। ଏହି ଚଢ଼ାଉ ସମୟରେ ସିଦ୍ଧିପେଟ ଅଞ୍ଚଳରେ ୨.୧୭ ଏକର ଚାଷ ଜମି, ହାଇଦରାବାଦରେ ୩ଟି ବିଳାସପୂର୍ଣ୍ଣ ଫ୍ଲାଟ୍, ୨ଟି ପ୍ଲଟ୍, ଦୁଇଟି ଦାମୀ କାର୍, ୧.୨ କୋଟି ଟଙ୍କାର ସୁନା ଓ ହୀରା ଅଳଙ୍କାର, ୧୨ ଲକ୍ଷ ଟଙ୍କାର ନଗଦ ଅର୍ଥ ଏବଂ ବ୍ୟାଙ୍କରେ ୩୮ ଲକ୍ଷ ଟଙ୍କାର ଜମା ରାଶି ଥିବା ଜଣାପଡ଼ିଛି।

## ଇଡ଼ି ଦ୍ୱାରା ୩.୬୬ କୋଟିର ଜୀବନ ବୀମା ପଲିସି ଜବତ

ଭୋପାଳ, ୨୬।୬(ଏଜେନ୍ସି):ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ସହ ଜଡ଼ିତ ପ୍ରାୟ ୧, ୨୬୬ କୋଟି ଟଙ୍କାର ଏକ ବଡ଼ ଆର୍ଥିକ ପ୍ରତାରଣା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଭୋପାଳ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆର୍ଥିକ ଅପରାଧ ନିରୋଧୀ ଆଇନ (ପିଏମଏଲଏ) ଅଧୀନରେ ଇଡି 'ଆଡଭାଣ୍ଟେଜ ଓଭରସିଜ ପ୍ରାଇଭେଟ ଲିମିଟେଡ' (ଏଓପିଏଲ) କମ୍ପାନୀର ମୁଖ୍ୟ ପ୍ରବର୍ତ୍ତକ ଶ୍ରୀକାନ୍ତ ଭାସିଙ୍କ ଦୁଇଟି ଅନ୍ତର୍ଜାତୀୟ ଜୀବନ ବୀମା ପଲିସିକୁ ଜବତ କରିଛି। ଏହି ଦୁଇଟି ଜୀବନ ବୀମା ପଲିସି 'ଜୁରିକ୍ ଇଣ୍ଟରନ୍ୟାସନାଲ ଲାଇଫ୍ ଲିମିଟେଡ' ସଂସ୍ଥାରେ ଥିଲା, ଯାହାର ସାମ୍ପ୍ରତିକ ମୂଲ୍ୟ ପ୍ରାୟ ୩.୬୬ କୋଟି ଟଙ୍କା ଅଟେ। କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ଦ୍ୱାରା ରୁଜୁ ହୋଇଥିବା ପ୍ରାଥମିକ ମାମଲାକୁ ଆଧାର କରି ଇଡି ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗ ଅନୁଯାୟୀ, ଉକ୍ତ କମ୍ପାନୀ ଏବଂ ଏହାର ନିର୍ଦ୍ଦେଶକମାନେ ଜାଲ୍ ବ୍ୟାପାରିକ ଦସ୍ତାବିଜ ପ୍ରସ୍ତୁତ କରି ଏବଂ ବ୍ୟାଙ୍କ ଅର୍ଥକୁ ଅନ୍ୟ ଆଡ଼େ ପଠାଇ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ବିପୁଳ ପରିମାଣର ଆର୍ଥିକ କ୍ଷତି ପହଞ୍ଚାଇଥିଲେ।

## ପଶ୍ଚିମବଙ୍ଗରେ ଲାଗୁହେବ ସମାନ ନାଗରିକ ସଂହିତା

କୋଲକାତା, ୨୬।୬(ଏଜେନ୍ସି): ପଶ୍ଚିମବଙ୍ଗରେ ସମାନ ନାଗରିକ ସଂହିତା ବା ୟୁସିସି ଲାଗୁ କରାଯିବ ବୋଲି ଶୁକ୍ରବାର ରାଜ୍ୟର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସ୍ପଷ୍ଟ କରିଛନ୍ତି। ଗୁଜରାଟ, ଉତ୍ତରାଖଣ୍ଡ ଏବଂ ଆସାମ ଭଳି ସମାନ ପ୍ରକ୍ରିୟା ଆପଣାଇ ପଶ୍ଚିମବଙ୍ଗରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯିବ ଏବଂ ଆସନ୍ତା ସୋମବାର ଦିନ ବିଧାନସଭାରେ ଏହି ପ୍ରସ୍ତାବିତ ବିଲ୍‌ର ସମ୍ପୂର୍ଣ୍ଣ ରୂପରେଖ ଉପସ୍ଥାପନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଗତ ମେ ୨୫ ତାରିଖରେ ବିଧାନସଭାରେ ଆଗତ ହୋଇଥିବା ଏହି ବିଲ୍‌ରେ ବହୁବିବାହ ପ୍ରଥା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବା ସହ ବିବାହ ନକରି ଏକାଠି ରହୁଥିବା ସମ୍ପର୍କ (ଲିଭ୍-ଇନ୍ ରିଲେସନସିପ୍)ର ପଞ୍ଜୀକରଣକୁ ବାଧ୍ୟତାମୂଳକ କରିବା ପାଇଁ ପ୍ରସ୍ତାବ ରହିଛି। ଏହା ସହିତ ଧର୍ମ ନିର୍ବିଶେଷରେ ବିବାହ, ବିବାହ ବିଚ୍ଛେଦ ଏବଂ ସମ୍ପତ୍ତି ଉତ୍ତରାଧିକାର ପାଇଁ ଏକ ସମାନ ଆଇନଗତ ବ୍ୟବସ୍ଥା ପ୍ରସ୍ତୁତ କରାଯିବ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମୟରେ ଭାରତୀୟ ଜନତା ପାର୍ଟିର ସଂକଳ୍ପ ପତ୍ରରେ ଏହା ଏକ ପ୍ରମୁଖ ପ୍ରତିଶ୍ରୁତି ଥିଲା। ପୂର୍ବତନ ତୃଣମୂଳ କଂଗ୍ରେସ ସରକାରକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ସରକାର କେବଳ ତୁଷ୍ଟୀକରଣ, ଦୁର୍ନୀତି ଓ ପରିବାରବାଦକୁ ପ୍ରଶ୍ରୟ ଦେଇ ରାଜ୍ୟକୁ ପଛକୁ ଠେଲି ଦେଇଥିଲା। ବର୍ତ୍ତମାନ ରାଜ୍ୟରେ ଏକ ଜାତୀୟତାବାଦୀ ସରକାର ଗଠନ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗରେ ବିକାଶମୂଳକ କାର୍ଯ୍ୟ ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଦ୍ରୁତ ଗତିରେ ଆଗକୁ ବଢ଼ାଯିବ।

**● ଟୋଲ୍ ପ୍ଲାଜାରେ ପିଟିହେଲା ଏଲ୍‌ପିଜି ଟ୍ୟାଙ୍କର**

## ଡ୍ରାଇଭର ଜୀବନ୍ତ ଦଗ୍ଧ, ୫ ଗୁରୁତର

କୌଶାମ୍ବୀ, ୨୬।୬(ଏଜେନ୍ସି): ଉତ୍ତର ପ୍ରଦେଶର କୌଶାମ୍ବୀ ଜିଲ୍ଲାରେ ଶୁକ୍ରବାର ସକାଳ ପ୍ରାୟ ୬ଟା ସମୟରେ ଏକ ବଡ଼ ଧରଣର ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଏଲ୍‌ପିଜି ଗ୍ୟାସ୍ ଟ୍ୟାଙ୍କର ନିୟନ୍ତ୍ରଣ ହରାଇ ସିହୋରୀ ଟୋଲ୍ ପ୍ଲାଜା ସହ ପିଟି ହୋଇଯାଇଥିଲା। ଟକ୍କର ଏତେ ଜୋରଦାର ଥିଲା ଯେ ଏହାପରେ ଏକ ପ୍ରକାଣ୍ଡ ବିସ୍ଫୋରଣ ହେବା ସହ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା। ଏହି ଦୁର୍ଘଟଣାରେ ଟ୍ୟାଙ୍କର ଚାଳକ ଜଣକ ଗାଡ଼ି ଭିତରୁ ବାହାରି ନପାରି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅଗ୍ନିକାଣ୍ଡର ତୀବ୍ରତା ଯୋଗୁଁ ତାଙ୍କ ଶରୀର ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଥିବା ବେଳେ ଉଦ୍ଧାରକାରୀ ଦଳ କେବଳ କଙ୍କାଳର କିଛି ଅଂଶ ଉଦ୍ଧାର କରିଛନ୍ତି। ଏହି ଦୁର୍ଘଟଣାରେ ଟୋଲ୍ ପ୍ଲାଜାର ୫ ଜଣ କର୍ମଚାରୀ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଟୋଲ୍ ପ୍ଲାଜା ୟାର୍ଡରେ ପାର୍କିଂ କରାଯାଇଥିବା ୧୬ଟି ମୋଟରସାଇକେଲ ଏବଂ ୨ଟି କାର୍ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି। ବିସ୍ଫୋରଣ ପରେ ଆକାଶରେ ପ୍ରାୟ ୨ କିଲୋମିଟର ଦୂର ପର୍ଯ୍ୟନ୍ତ କଳା ଧୂଆଁର ଆସ୍ତରଣ ଦେଖିବାକୁ ମିଳିଥିଲା, ଯାହାଫଳରେ ହାଇୱେର ଉଭୟ ପାର୍ଶ୍ୱରେ ଗାଡ଼ିଗୁଡ଼ିକର ଦୀର୍ଘ ଲାଇନ୍ ଲାଗିଯାଇଥିଲା ଏବଂ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ପ୍ରାୟ ଅଧଘଣ୍ଟାର କଠିନ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ କୋଖରାଜ ଥାନା ପୋଲିସ ଆହତମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଇବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ବ୍ରିଟେନରେ ୬,୦୦୦ କଏଦୀଙ୍କୁ ଆଗୁଆ ମୁକ୍ତ କରାଯିବ

ଲଣ୍ଡନ, ୨୬।୬(ଏଜେନ୍ସି): ଇଂଲଣ୍ଡ ଏବଂ ୱେଲ୍ସର ଜେଲ୍‌ଗୁଡ଼ିକରେ କଏଦୀ ସଂଖ୍ୟା ଅତ୍ୟଧିକ ବଢ଼ିଯାଇଥିବାରୁ ସେଠାକାର ସରକାର ଜେଲ୍ ସଂସ୍କାର କାର୍ଯ୍ୟକ୍ରମ ଅଧୀନରେ ପ୍ରାୟ ୬, ୦୦୦ କଏଦୀଙ୍କୁ ସେପ୍‌ଟେମ୍ବର ମାସରୁ ପର୍ଯ୍ୟାୟକ୍ରମେ ଆଗୁଆ ମୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବ୍ରିଟେନର ନ୍ୟାୟ ମନ୍ତ୍ରଣାଳୟର ଯୋଜନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ୧୮ ମାସରୁ କମ୍ କାରାଦଣ୍ଡ ଭୋଗୁଥିବା ଅପରାଧୀଙ୍କୁ ଛଡ଼ାଯିବ। ପରବର୍ତ୍ତୀ ସମୟରେ ଭଲ ବ୍ୟବହାର ପ୍ରଦର୍ଶନ କରୁଥିବା ଏବଂ ଦୀର୍ଘକାଳୀନ ସଜା କାଟୁଥିବା କଏଦୀଙ୍କୁ ମଧ୍ୟ ଏହି ନିୟମ ଆଧାରରେ ମୁକ୍ତ କରାଯିବ। ତେବେ ହତ୍ୟା ଭଳି ସଙ୍ଗୀନ ଅପରାହ୍ନରେ ଆଜୀବନ କାରାଦଣ୍ଡ ପାଇଥିବା ଅପରାଧୀଙ୍କ ପାଇଁ ଏହି ନିୟମ ଲାଗୁ ହେବ ନାହିଁ। ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରିଛନ୍ତି। ବିରୋଧୀ ନେତାମାନଙ୍କ କହିବା ଅନୁଯାୟୀ, ଅପରାଧୀମାନଙ୍କୁ ସମୟ ପୂର୍ବରୁ ଛାଡ଼ିଦେବା ଦ୍ୱାରା ପୀଡ଼ିତମାନେ ନ୍ୟାୟରୁ ବଞ୍ଚିତ ହେବେ ଏବଂ ସମାଜରେ ଅସୁରକ୍ଷା ବୃଦ୍ଧି ପାଇବ।

## ଭେନେଜୁଏଲା ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୨୩୫କୁ ବୃଦ୍ଧି

## ସହାୟତା ପାଇଁ ଭାରତର 'ଅପରେସନ୍ ଅମିସ୍ତାଦ୍' ଆରମ୍ଭ

କାରାକାସ, ୨୬।୬(ଏଜେନ୍ସି): ଗତ ବୁଧବାର ଭେନେଜୁଏଲାରେ ଆସିଥିବା ଦୁଇଟି ଶକ୍ତିଶାଳୀ ଭୂକମ୍ପ ଯୋଗୁଁ ସେଠାରେ ବ୍ୟାପକ ସଂହାର ଲୀଳା ଦେଖାଦେଇଛି। ସାମ୍ପ୍ରତିକ ସୂଚନା ଅନୁଯାୟୀ, ଏହି ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁ ସଂଖ୍ୟା ୨୩୫କୁ ବୃଦ୍ଧି ପାଇଥିବା ବେଳେ ୪, ୩୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସରକାରୀ ସୂତ୍ର ଅନୁସାରେ, ଏବେ ମଧ୍ୟ ୩୯, ୦୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ଭାଙ୍ଗିପଡ଼ିଥିବା କୋଠାବାଡ଼ିର ଭଗ୍ନାବଶେଷ ତଳୁ ଏବେ ବି ଲୋକଙ୍କ ଚିତ୍କାର ଶୁଣାଯାଉଥିବାରୁ ଉଦ୍ଧାର କାର୍ଯ୍ୟକୁ ଆହୁରି ଜୋରଦାର କରାଯାଇଛି ଏବଂ ଅଧିକ ଲୋକ ଜୀବିତ ଉଦ୍ଧାର ହେବାର ଆଶା ରହିଛି। ଭୂକମ୍ପ ଆସିବା ସମୟରେ ଭେନେଜୁଏଲାରେ ଏକ ଜାତୀୟ ଛୁଟିଦିନ ଥିଲା ଏବଂ ଅଧିକାଂଶ ଲୋକ ଘର ଭିତରେ ରହି ବିଶ୍ୱକପ୍ ଫୁଟବଲ୍ ମ୍ୟାଚ୍ ଦେଖୁଥିଲେ। ଏହି କାରଣରୁ ମାଟିରେ ମିଶିଯାଇଥିବା କୋଠାଗୁଡ଼ିକ ତଳେ ବହୁ ସଂଖ୍ୟାରେ ଲୋକ ଦେବି ହୋଇ ରହିଥିବା ଆଶଙ୍କା କରାଯାଉଛି। ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ, ଏହି ବିପର୍ଯ୍ୟୟରେ ମୃତ୍ୟୁ ସଂଖ୍ୟା ୧୦, ୦୦୦ କିମ୍ବା ତାଠାରୁ ଅଧିକ ହେବାର ଆଶଙ୍କା ରହିଛି। ସ୍ଥିତିକୁ ଦୃଷ୍ଟିରେ ରଖି ସେଠାକାର କାର୍ଯ୍ୟକାରୀ ରାଷ୍ଟ୍ରପତି ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଏହି ମହାବିପତ୍ତି ସମୟରେ ଭେନେଜୁଏଲାବାସୀଙ୍କୁ ସାହାଯ୍ୟ କରିବା ପାଇଁ ଭାରତ ସରକାର ତୁରନ୍ତ 'ଅପରେସନ୍ ଅମିସ୍ତାଦ୍' ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭେନେଜୁଏଲାର ପ୍ରଶାସନ ସହ ଆଲୋଚନା କରି ଭାରତ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଭାରତୀୟ ବାୟୁସେନାର ଦୁଇଟି ବିଶାଳ ସି-୧୭ ଗ୍ଲୋବମାଷ୍ଟର ବିମାନ ଯୋଗେ ଭେନେଜୁଏଲାକୁ ସହାୟତା ସାମଗ୍ରୀ ପଠାଯାଇଛି। ଏହି ବିମାନରେ ଭାରତୀୟ ସେନାର ଏକ ସ୍ୱତନ୍ତ୍ର କ୍ଷେତ୍ରୀୟ ଚିକିତ୍ସାଳୟ (ଫିଲ୍ଡ ହସ୍ପିଟାଲ) ୟୁନିଟ୍ ପଠାଯାଇଛି, ଯାହା ସେଠାରେ ଜରୁରୀକାଳୀନ ଚିକିତ୍ସା ଯୋଗାଇବ। ଏହା ସହିତ ୩୫ ଟନରୁ ଅଧିକ ଜରୁରୀକାଳୀନ ରିଲିଫ୍ ଓ ସହାୟତା ସାମଗ୍ରୀ ମଧ୍ୟ ପ୍ରେରଣ କରାଯାଇଛି। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି ଯେ, ଏହି ମାନବୀୟ ସଙ୍କଟ ସମୟରେ ଭାରତ ଦୃଢ଼ତାର ସହ ଭେନେଜୁଏଲାବାସୀଙ୍କ ସହ ଛିଡ଼ା ହୋଇଛି ଏବଂ ସେମାନଙ୍କୁ ସମସ୍ତ ସମ୍ଭବପର ସହାୟତା ଯୋଗାଇଦେବାକୁ କୃତସଂକଳ୍ପ।

## ଫିଲିପାଇନ୍ସ ଓ ପାକିସ୍ତାନରେ ଭୂକମ୍ପ ଝଟ୍‌କା

ମାନିଲା/ଇସଲାମାବାଦ, ୨୬।୬(ଏଜେନ୍ସି): ଶୁକ୍ରବାର ଦକ୍ଷିଣ ଫିଲିପାଇନ୍ସର ମିନ୍ଦାନାଓ ଦ୍ୱୀପରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଆମେରିକାର ଭୂତାତ୍ତ୍ୱିକ ସର୍ଭେକ୍ଷଣ (ୟୁଏସ୍‌ଜିଏସ୍) ଅନୁଯାୟୀ, ରିକ୍ଟର ସ୍କେଲରେ ଏହି ଭୂକମ୍ପର ତୀବ୍ରତା ୬.୫ ରହିଥିବା ବେଳେ ଏହାର କେନ୍ଦ୍ରସ୍ଥଳ ଭୂପୃଷ୍ଠରୁ ୨୯ କିଲୋମିଟର ଗଭୀରତାରେ ଥିଲା। ଏହି ଝଟ୍‌କା ପରେ ତୁରନ୍ତ କୌଣସି ଧନଜୀବନ ହାନିର ସୂଚନା ମିଳିନାହିଁ ଏବଂ ସୁନାମି ନେଇ କୌଣସି ସତର୍କ ସୂଚନା ମଧ୍ୟ ଜାରି କରାଯାଇ ନାହିଁ। କେବଳ ଫିଲିପାଇନ୍ସ ନୁହେଁ, ଆଜି ପାକିସ୍ତାନରେ ମଧ୍ୟ ୫.୩ ତୀବ୍ରତାର ଏକ ମଧ୍ୟମ ଧରଣର ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ମିନ୍ଦାନାଓ ଦ୍ୱୀପରେ ଚଳିତ ମାସ ମଧ୍ୟରେ ଏହା ଦ୍ୱିତୀୟ ବଡ଼ ଭୂକମ୍ପ। ଏହାପୂର୍ବରୁ ଜୁନ୍ ପ୍ରଥମ ସପ୍ତାହରେ ଏଠାରେ ଏକ ପ୍ରଳୟଙ୍କରୀ ୭.୮ ତୀବ୍ରତାର ଭୂକମ୍ପ ଆସିଥିଲା, ଯେଉଁଥିରେ ୮୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହେବା ସହ ୧, ୩୦୦ ରୁ ଅଧିକ ଲୋକ ଆହତ ହୋଇଥିଲେ। ସେହି ସମୟରେ ସୁନାମି ଆସିବା ଭୟରେ ଉପକୂଳବର୍ତ୍ତୀ ଅଞ୍ଚଳରୁ ବ୍ୟାପକ ସ୍ଥାନାନ୍ତରଣ କରାଯାଇଥିଲା। ଏପରିକି ଭୂକମ୍ପ ଯୋଗୁଁ ସମୁଦ୍ର ଶଯ୍ୟା ପ୍ରାୟ ୨ ମିଟର ଉପରକୁ ଉଠିଯାଇଥିଲା, ଯାହାଫଳରେ ପାଣି ଭିତରେ ଥିବା କୋରାଲ୍ ରିଫ୍ (ପ୍ରବାଳ ପ୍ରାଚୀର) ବାହାରକୁ ଦେଖାଯାଇଥିଲା। ଫିଲିପାଇନ୍ସ ଭୌଗୋଳିକ ଭାବେ ପ୍ରଶାନ୍ତ ମହାସାଗରର 'ରିଙ୍ଗ୍ ଅଫ୍ ଫାୟାର୍' ଅଞ୍ଚଳରେ ଅବସ୍ଥିତ। ଏହି ଅଞ୍ଚଳରେ ଅନେକ ଆଗ୍ନେୟଗିରି ଏବଂ ଟେକ୍ଟୋନିକ୍ ପ୍ଲେଟ୍ ଗୁଡ଼ିକର ମିଳନ ସ୍ଥଳ ଥିବାରୁ ଏଠାରେ ପ୍ରତିଦିନ ପ୍ରାୟ ଭୂକମ୍ପ ଅନୁଭୂତ ହୋଇଥାଏ।



ସମ୍ବିତଙ୍କୁ ଜାତୀୟ ସୁଯୋଗ
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-03 ♦SATURDAY ♦27 JUNE 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୦୩ ♦ଶନିବାର ♦୨୭ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




## ପିଲାଙ୍କ ପଢ଼ାବହିରେ ତ୍ରୁଟି: କଡ଼ା କାର୍ଯ୍ୟାନୁଷ୍ଠାନ ନେଲେ ମୁଖ୍ୟମନ୍ତ୍ରୀ

# ଏସ୍‌ସିଇଆର୍‌ଟିର ୪ ଅଧିକାରୀ ନିଲମ୍ବିତ


### ତ୍ରୁଟିଶୂନ୍ୟ ଶିକ୍ଷାଦାନ ପାଇଁ କମିଟିର ୧୪ ସୁପାରିସ

■ ଭୁବନେଶ୍ୱର, ୨୬।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ମାଲମାଲ ତ୍ରୁଟି ଘଟଣାରେ ହୋଇଛି କଡ଼ା କାର୍ଯ୍ୟାନୁଷ୍ଠାନ। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର (ଏସସିଇଆରଟି) ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀ ଓ ୩ ସହକାରୀ ନିର୍ଦ୍ଦେଶକଙ୍କୁ ସରକାର ନିଲମ୍ବନ କରିଛନ୍ତି। ସେହିପରି ଅନ୍ୟ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି।

ଉନ୍ନୟନ କମିସନରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ତତ୍କାଳୀନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ନିଲମ୍ବନ କରିଛନ୍ତି। ତାଙ୍କ ସହିତ ଆଉ ୩ ଜଣ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ କୁମାର ସାହୁ, ଓ ଭାରତୀ ଟୁଡୁଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ଏହା ସହିତ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନେ ▶ପୃଷ୍ଠା-୭

### ଷଷ୍ଠ ଶ୍ରେଣୀ ଧନ୍ଦାମୂଳକ କୌଶଳ ଶିକ୍ଷାରେ 'ଝାଲ୍‌ମୁଢ଼ି'

■ ଭୁବନେଶ୍ୱର, ୨୬।୬ (ସମିସ): ସ୍କୁଲ ବହିରେ ମାଲମାଲ ତ୍ରୁଟି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ପଢ଼ା ବହିରେ ଭୁଲ ସଂଖ୍ୟା ୨୬୦୦ ଟପିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ମୁଦ୍ରଣ ପ୍ରମାଦକୁ ବାଦ ଦେଲେ ଭୁଲ ତଥ୍ୟ, ଭୁଲ ଫଟୋ ଓ ଭୁଲ ପ୍ରସଙ୍ଗ ପାଠ୍ୟପୁସ୍ତକରେ ସ୍ଥାନ ▶ପୃଷ୍ଠା-୭



୮ମ ଶ୍ରେଣୀ ପୁସ୍ତକରେ ହିନ୍ଦୀ ଫିଲ୍ମ ଗୀତ 'ନିମ୍ବୁଡ଼ା ନିମ୍ବୁଡ଼ା'

### ବହିରେ ତ୍ରୁଟି ପଛରେ ଷଡ଼ଯନ୍ତ୍ର: ମୁଖ୍ୟମନ୍ତ୍ରୀ


■ ଭୁବନେଶ୍ୱର, ୨୬।୬ (ସମିସ): ସ୍କୁଲ ପିଲାଙ୍କ ପଢ଼ା ବହିରେ ଶହଶହ ତ୍ରୁଟିକୁ ନେଇ ସରକାର ଅଡ଼ୁଆରେ ପଡ଼ିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଭୂମିକା ସନ୍ଦେହ ଘେରକୁ ଆସିଛି। ସରକାରୀ ପ୍ରେସ ବଦଳରେ ବାହାରେ ବେସରକାରୀ ପ୍ରେସରେ ବହି ଛାପାକୁ ▶ପୃଷ୍ଠା-୭

**କିଏ ଷଡ଼ଯନ୍ତ୍ର କରିଛି ତୁରନ୍ତ ତଦନ୍ତ କରାଯାଉ: କଂଗ୍ରେସ**

**ଚାଲି ନ ଜାଣି ବାଟକୁ ଦୋଷ: ବିଜେଡି**

### ରାମ ମନ୍ଦିର ଦାନ ଅର୍ଥ ହେରଫେର ମାମଲା

## ଚମ୍ପତ ରାୟଙ୍କ ସମେତ ଦୁଇ ବରିଷ୍ଠ କର୍ମକର୍ତ୍ତାଙ୍କ ଇସ୍ତଫା



■ ଅଯୋଧ୍ୟା, ୨୬।୬ (ଏଜେନ୍ସି): ଅଯୋଧ୍ୟାର ପ୍ରସିଦ୍ଧ ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ଭକ୍ତମାନଙ୍କ ଦ୍ୱାରା ଅର୍ପଣ କରାଯାଉଥିବା ନଗଦ ଦାନ ଅର୍ଥ ହେରଫେର ଅଭିଯୋଗକୁ ନେଇ ସେଠାକାର ପରିଚାଳନା କମିଟିରେ ଏକ ବଡ଼ ବିପର୍ଯ୍ୟୟ ଦେଖାଦେଇଛି। ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ସ୍ୱାଧୀନ ସଂସ୍ଥାର ମୁଖ୍ୟ ମହାସଚିବ ଚମ୍ପତ ରାୟ ଏବଂ ଅନ୍ୟତମ ବରିଷ୍ଠ ସଦସ୍ୟ ଅନିଲ ମିଶ୍ର ନିଜ ପଦବୀରୁ ଇସ୍ତଫା ▶ପୃଷ୍ଠା-୭

### ଚାବି ରଖୁଥିବା ସଦସ୍ୟ ଓ ବ୍ୟାଙ୍କ କର୍ମଚାରୀଙ୍କ ସମେତ ୮ ଗିରଫ

■ ଲକ୍ଷ୍ନୌ, ୨୬।୬ (ଏଜେନ୍ସି): ଅଯୋଧ୍ୟା ଶ୍ରୀରାମ ମନ୍ଦିରର ପ୍ରାୟ ୭ ରୁ ୭.୫ କୋଟି ଟଙ୍କାର ଦାନ ଅର୍ଥ ଆତ୍ମସାତ ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳର ପ୍ରାଥମିକ ରିପୋର୍ଟ ଆଧାରରେ ପୁଲିସ ଗୁରୁବାର ବିଳମ୍ବିତ ରାତିରେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ମନ୍ଦିରର ଦାନ ବାକ୍ସରୁ ଟଙ୍କା ଗଣତି କାର୍ଯ୍ୟରେ ସିଧାସଳଖ ସାମିଲ ଥିଲେ। ଏହି ମାମଲାରେ ▶ପୃଷ୍ଠା-୭

### ସିଆଇଆଇ-ପୂର୍ବାଞ୍ଚଳ କାଉନସିଲ ବୈଠକ

## ଶିଳ୍ପାୟନରେ ସବୁ ରେକର୍ଡ ଭାଙ୍ଗିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ



■ ଭୁବନେଶ୍ୱର, ୨୬।୬ (ସମିସ): ସିଆଇଆଇ-ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ରାଜ୍ୟର ଶିଳ୍ପ ବିକାଶ ଓ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ନୂଆ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି। ଓଡ଼ିଶା ସହିତ ସମଗ୍ର ପୂର୍ବ ଭାରତର ରାଜ୍ୟ ଗୁଡ଼ିକର ଶିଳ୍ପାୟନ ପ୍ରକ୍ରିୟାକୁ ବ୍ୟାପକ ଭାବେ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ "ଗୋ ଇଷ୍ଟ" ନାମରେ ନୂଆ ଏକ ନୂତନ ପ୍ଲାଟଫର୍ମ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି " ଗୋ ଇଷ୍ଟ'ର ଅର୍ଥ ହେଉଛି "ଓଡ଼ିଶା ସରକାର-ଇଷ୍ଟର୍ନ ଇନଭେଷ୍ଟମେଣ୍ଟ ଆକ୍ସିଲେରେଟର୍ ଏବଂ ସ୍ପେଶାଲ୍ ଟାସ୍କ ଫୋର୍ସ'। ଏହି ନୂତନ ପଦକ୍ଷେପ ମାଧ୍ୟମରେ ସମଗ୍ର ପୂର୍ବାଞ୍ଚଳ ଓ ପୂର୍ବୋତ୍ତର ରାଜ୍ୟର ଶିଳ୍ପ ଗୋଷ୍ଠୀଗୁଡ଼ିକ ତାଙ୍କ ନିଜ ରାଜ୍ୟରେ ତାଙ୍କର ଇଣ୍ଡଷ୍ଟ୍ରିଆଲ୍ ବେସ୍ ଓ ମାର୍କେଟ୍‌କୁ ସୁରକ୍ଷିତ ରଖି ଓଡ଼ିଶାରେ ନିବେଶ କରିବାକୁ ବ୍ୟାପକ ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶା ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ଏଥିସହିତ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ' ମଧ୍ୟରେ ଏକ ସମର୍ପିତ 'ଗୋ ଇଷ୍ଟ ସେଲ୍'

**ନିବେଶ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବ 'ଗୋ ଇଷ୍ଟ'**

**ସମାବେଶୀ ଶିଳ୍ପାୟନରେ ଦେଶରେ ଅଗ୍ରଣୀ ହେବ ଓଡ଼ିଶା**

ଗଠନ କରାଯିବ। ନିବେଶ ପ୍ରକ୍ରିୟା ଏବଂ ମଞ୍ଜୁରୀର ସ୍ଥିତିକୁ ରିଏଲ୍ ଟାଇମ୍ (ତତ୍କାଳ) ମନିଟରିଂ ଓ ଟ୍ରାକିଂ କରିବା ପାଇଁ ଏକ ସ୍ୱତନ୍ତ୍ର "ଗୋ ସ୍ୱିଫ୍ଟ" ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ ନୀତି ରିଜୋଲ୍ୟୁସନ୍-୨୦୨୨ରେ କିଛି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ସଂକ୍ରାନ୍ତରେ ▶ପୃଷ୍ଠା-୭

### ଲାଲ୍‌ଜୀ ଦେଶାଇ ରାଜ୍ୟ କଂଗ୍ରେସ ନୂଆ ପ୍ରଭାରୀ



■ ଭୁବନେଶ୍ୱର, ୨୬।୬ (ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନୂତନ ପ୍ରଭାରୀ ଭାବେ ନିଯୁକ୍ତି ପାଇଛନ୍ତି ଲାଲ୍‌ଜୀ ଦେଶାଇ। ରାଜ୍ୟ ପ୍ରଭାରୀ ଅଜୟ କୁମାର ଲାଲୁଙ୍କ ସ୍ଥାନରେ ଶ୍ରୀ ଦେଶାଇଙ୍କୁ ରାଜ୍ୟ କଂଗ୍ରେସର ପ୍ରଭାରୀ ଭାବରେ ଅବସ୍ଥାପିତ କରାଯାଇଛି। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଅନୁମୋଦନ କ୍ରମେ ଶୁକ୍ରବାର ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରିଛନ୍ତି। ଶ୍ରୀ ଦେଶାଇ ଏହା ପୂର୍ବରୁ କଂଗ୍ରେସ ସେବା ଦଳର ଜାତୀୟ ସଭାପତି (ମୁଖ୍ୟ ସଂଗଠକ) ରହିଥିଲେ। ୨୦୨୪ ସାଧାରଣ ▶ପୃଷ୍ଠା-୭

### ମହେଶ ଦୀକ୍ଷିତ ଆଇବି ମୁଖ୍ୟ



■ ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି): ଦେଶର ପ୍ରମୁଖ ଆଭ୍ୟନ୍ତରୀଣ ଗୁପ୍ତଚର ସଂସ୍ଥା 'ଇଣ୍ଟେଲିଜେନ୍ସ ବ୍ୟୁରୋ' (ଆଇବି)ର ନୂତନ ନିର୍ଦ୍ଦେଶକ ଭାବେ ବରିଷ୍ଠ ଆଇପିଏସ ଅଧିକାରୀ ମହେଶ ଦୀକ୍ଷିତଙ୍କୁ ନିଯୁକ୍ତ କରାଯାଇଛି। କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ଦ୍ୱାରା ତାଙ୍କ ନାମକୁ ମଞ୍ଜୁରୀ ମିଳିଛି। ସେ ପୂର୍ବତନ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀର ଦାୟିତ୍ୱ ଗ୍ରହଣ କରିବେ। ଆନ୍ଧ୍ରପ୍ରଦେଶ କ୍ୟାଡରର ୧୯୯୩ ବ୍ୟାଚର ଆଇପିଏସ ଅଧିକାରୀ ମହେଶ ଦୀକ୍ଷିତଙ୍କର ଗୁପ୍ତଚର ▶ପୃଷ୍ଠା-୭

### କ୍ରିକେଟ ଖେଳ ବେଳେ ଅଘଟଣ

## ବଜ୍ରପାତରେ ଦୁଇ ନାବାଳକଙ୍କ ମୃତ୍ୟୁ

■ ମନମୁଣ୍ଡା/ଶଗଡ଼ା/ଜହ୍ନାପଙ୍କ, ୨୬।୬ (ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଝାଙ୍କରପଡ଼ା ଗ୍ରାମରେ ଶୁକ୍ରବାର କ୍ରିକେଟ ଖେଳ ବେଳେ ବଜ୍ରପାତରେ ଦୁଇ ଜଣ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ଦୁଇ ନାବାଳକ ଝାଙ୍କରପଡା ଗାଁର ଖଗେଶ୍ୱର ମିର୍ଦ୍ଧାଙ୍କ ପୁଅ ବିଶ୍ୱଜିତ ମିର୍ଦ୍ଧା (୧୧) ଏବଂ ଚଉଁରିଆପଦର ଗାଁର ତ୍ରିପୁର କୁମ୍ଭାରଙ୍କ ପୁଅ ଚରଣ କୁମ୍ଭାର (୧୫)। ଉଭୟେ ଗାଁ ପଡିଆରେ କ୍ରିକେଟ ଖେଳୁଥିବା ବେଳେ



ବର୍ଷା ଆସିଯିବାରୁ ପାଖରେ ଥିବା ଏକ ତେନ୍ତୁଳି ଗଛ ତଳେ ଆଶ୍ରୟ ନେଇଥିଲେ। ହଠାତ ବହୁତ ଜୋରରେ ବଜ୍ରପାତ ହୋଇଥିଲା; ଯେଉଁଥିରେ ଉଭୟ ଟଳି ପଡ଼ିଥିଲେ। ଗାଁ ଲୋକେ ଏହା ଜାଣିବା ପରେ ତୁରନ୍ତ ଉଭୟଙ୍କୁ ମନମୁଣ୍ଡା ଡାକ୍ତରଖାନା ନେଇଥିଲେ। ପରେ ସୋନପୁର ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର କିନ୍ତୁ ସେମାନଙ୍କୁ ମୃତ ଘୋଷଣା କରିଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ, ଚରଣ ନିଜ ମାମୁଁ ଘର ଗାଁ ଝାଙ୍କରପଡ଼ାକୁ ଆସିଥଲେ। ସମ୍ପର୍କରେ ମଧ୍ୟ ଉଭୟ ମାମୁଁ-ଭଣଜା ବୋଲି ଜଣା ପଡିଛି।

# ଗଞ୍ଜେଇ କାରବାରରେ ସରକାରୀ ଶିକ୍ଷକ



**ଏସ୍‌ଟିଏଫ୍‌ର ଅପରେସନ 'ଗ୍ରୀନ୍ କ୍ଲିନ୍'**

**ମିଳିଲା ଛିଣ୍ଡା ୧୦ ଟଙ୍କିଆ ନୋଟ୍**

**କିଙ୍ଗପିନ୍ ଦୁର୍ବାସା ସହ ୩ ଗିରଫ**

**୪ ରାଜ୍ୟରେ କରୁଥିଲେ ଚାଲାଣ**

**୭ ଦିନିଆ ରିମାଣ୍ଡ ଆବେଦନ**

■ ଭୁବନେଶ୍ୱର ୨୬।୬ (ସମିସ): ମାସେ ଧରି ଚାଲିଥିବା ଗୁପ୍ତ ଅପରେସନ୍ ପରେ ଆନ୍ତଃରାଜ୍ୟ ଗଞ୍ଜେଇ ସିଣ୍ଡିକେଟର ପର୍ଦ୍ଦାଫାସ୍ କରିଛି ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ଗଞ୍ଜେଇ ଚାଲାଣର କିଙ୍ଗପିନ୍ ସମେତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସରକାରୀ ଶିକ୍ଷକ ତଥା ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଟିକିରପଡ଼ାର ଦୁର୍ବାସା ସାହୁ, ସୁବୁଦ୍ଧି ସାହୁ, ଅରୁଣ କୁମାର ରଣା ଓ ପ୍ରକାଶ ଖଟୁଆ।

ଏସ୍‌ଟିଏଫ୍ ସୂଚନା ଅନୁସାରେ, ଗତ ବୁଧବାର ଏସ୍‌ଟିଏଫ୍ ଟିମ୍ ଆଠଗଡ଼ ବେଣ୍ଟପଡ଼ା କାଜୁ ଜଙ୍ଗଲରେ ଚଢ଼ଉ କରି ୧୯୦ କିଲୋ ଗଞ୍ଜେଇ ଜବତ କରିବା ସହ ଫିରିଙ୍ଗିଆର ନୀଳାମ୍ବର କହଁରକୁ ଗିରଫ କରିଥିଲା। ତା' ଠାରୁ ଛିଣ୍ଡା ୧୦ ଟଙ୍କିଆ ନୋଟ୍ ମିଳିବା ପରେ ସିନେମା ଶୈଳୀରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ସିଣ୍ଡିକେଟର ମାଷ୍ଟରମାଇଣ୍ଡ ଗୋଟିଏ ୧୦ ଟଙ୍କିଆ ନୋଟକୁ ଦୁଇ ଭାଗ କରି ଖଣ୍ଡେ ଡ୍ରାଇଭରକୁ ଓ ଆଉ ଖଣ୍ଡେ ରିସିଭରକୁ ଦେଉଥିଲା। ଗଞ୍ଜେଇ ବୋଝେଇ ଗାଡ଼ି ଠିକଣା ପହଞ୍ଚିବା ପରେ ୧୦ ଟଙ୍କିଆ ନୋଟ୍ ମ୍ୟାଚ୍ କରି ଡେଲିଭେରୀ ଦେଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ନୀଳାମ୍ବର ଠାରୁ ଛିଣ୍ଡା ୧୦ ଟଙ୍କିଆ ନୋଟ୍ ଜବତ ହେବାପରେ ସିଣ୍ଡିକେଟର ମୁଖିଆ ଓ ରିସିଭରକୁ ଧରିବା ଲାଗି ଏସ୍‌ଟିଏଫ୍ ଜାଲ ବିଛାଇଥିଲା।

ଶୁକ୍ରବାର ସକାଳେ ସିଣ୍ଡିକେଟର କିଙ୍ଗପିନ୍ ଦୁର୍ବାସା, ସୁବୁଦ୍ଧି, ଅରୁଣ ଓ ପ୍ରକାଶ ମିଶି ଗଞ୍ଜେଇ ଡିଲ୍ ପାଇଁ ପଶ୍ଚିମବଙ୍ଗ ଯାଉଥିବା ଖବର ମିଳିଥିଲା। ଏସ୍‌ଟିଏଫର ଗୋଟିଏ ଟିମ୍ ବୌଦ୍ଧ ▶ପୃଷ୍ଠା-୭



# ଦୁଇ ଆନ୍ତଃରାଜ୍ୟ ସୁନା ଚେନ୍ ଲୁଟେରା ଗିରଫ

**ସମ୍ବଲପୁର, ୨୬।୬ (ସମିସ)**

ଏକ ଆନ୍ତଃରାଜ୍ୟ ବାଇକ୍ ଆରୋହୀ ସୁନା ଚେନ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି ସମ୍ବଲପୁର ଟାଉନ ଥାନା ପୁଲିସ। ସମ୍ପୃକ୍ତ ଅନ୍ୟ ରାଜ୍ୟର ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ପୁଲିସ ସେମାନଙ୍କଠାରୁ ବିପୁଳ ପରିମାଣର ସୁନା, ନଗଦ ଟଙ୍କା, ମୋବାଇଲ ଫୋନ ଜବତ କରିଛି। ଅଭିଯୁକ୍ତ ମାନେ ହେଲେ ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା ସିଂଘୋଡ଼ା ଥାନା ଛିବ୍ରା ଗ୍ରାମର ଧନୁଷ ତାରିଆ ଓରଫ୍ ଅଗସ୍ତି (୨୬) ଏବଂ ଘୁଚାପାଲି ଗ୍ରାମର ଶେଖର ଦାଶ (୨୦)। ଗିରଫ ଅଭିଯୁକ୍ତମାନଙ୍କଠାରୁ ପୁଲିସ ଆଶାପାଲି ନିକଟରୁ ଲୁଟ ହୋଇଥିବା ପ୍ରାୟ ୧୪ ଗ୍ରାମ ଓଜନର ସୁନା ଚେନ, କ୍ଷେତରାଜପୁର ଅଞ୍ଚଳରୁ ଲୁଟ୍‌କରି ତରଳାଯାଇଥିବା ପ୍ରାୟ ୨୨ ଗ୍ରାମର ସୁନା, ଏକ ଆଇଫୋନ, ନଗଦ ୫ ହଜାର ଟଙ୍କା ଏବଂ ଲୁଟ୍‌ରେ ବ୍ୟବହୃତ କଳାରଙ୍ଗର ବାଇକ୍ ଓ ହେଲ୍‌ମେଟ୍ ଜବତ କରିଥିବା ଆଜି ଏସଡିପିଓ ତୋଫାନ ବାଗ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।



ଏସ୍‌ଡିପିଓ ଶ୍ରୀ ବାଗ୍‌ଙ୍କ ସୂଚନା ଅନୁଯାୟୀ, ସହରର ବିଭିନ୍ନ ସ୍ଥାନରୁ ଦୁଇଟି ସୁନାଚେନ ଲୁଟ୍ ନେଇ ଥାନାରେ ଅଭିଯୋଗ ହୋଇଥିଲା। ୧୦ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ୫୦ ମିନିଟ୍ ସମୟରେ ଆଶାପାଲି ଅଞ୍ଚଳରୁ ଜଣେ ମହିଳାଙ୍କ ବେକରୁ ୧୪ ଗ୍ରାମ ଓଜନର ସୁନା ଚେନ ଲୁଟ ହୋଇଥିଲା। ଅଭିଯୋଗକାରୀ ସୁଜାତା ମହାପାତ୍ର ଏବଂ ତାଙ୍କ ପୁଅ ଟାଉନ ଥାନା ଅଧୀନ ଆଶାପାଲି ସ୍କୁଲ ସମ୍ମୁଖରେ ଥିବା ଏକ ଦୋକାନରେ ଜଳଖିଆ ଖାଉଥିଲେ। ଏହି ସମୟରେ ଏକ ନମ୍ବର ପ୍ଲେଟ୍ ନ ଥିବା କଳା ରଙ୍ଗର କେଟିଏମ୍ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ହଠାତ୍ ପହଞ୍ଚି ସୁଜାତାଙ୍କ ବେକରୁ ପ୍ରାୟ ୧୪ ଗ୍ରାମ ଓଜନର ସୁନା ଚେନ୍ ଛିଣ୍ଡାଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ଟାଉନ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା। ପୁଲିସ ଏହି ଘଟଣାରେ ସଫଳତା ପାଇ ଦୁଇଜଣ ଅଭିଯୁକ୍ତ ଧନୁଷ ତାରିଆ ଓ ଶେଖର ଦାଶକୁ ଗିରଫ କରିଛି। ପଚରାଉଚରା ବେଳେ ଗିରଫ ମୁଖ୍ୟ ଅଭିଯୁକ୍ତ ଧନୁଷ ନାଁରେ ପୂର୍ବରୁ ବହୁ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି ବୋଲି ଏସଡିପିଓ କହିଛନ୍ତି। ସେହିପରି ଜୁନ ୧୧ ତାରିଖରେ କ୍ଷେତରାଜପୁର ଦୁର୍ଗାମଙ୍ଗଳମ ନିକଟରୁ ଆଉ ଏକ ୨୪ ଗ୍ରାମର ସୁନା ଚେନ୍ ଲୁଟ୍ ହୋଇଥିଲା, କ୍ଷେତରାଜପୁର ଥାନା ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହି ଗ୍ୟାଙ୍ଗ ସମ୍ବଲପୁର ଟାଉନ ଥାନା, କ୍ଷେତରାଜପୁର ଥାନା ଏବଂ ବରଗଡ଼ ଅଞ୍ଚଳର ଦୁଇଟି ମାମଲା ସମେତ ସମୁଦାୟ ୪ଟି ସୁନା ଚେନ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଛନ୍ତି। ଏହି ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ସଦସ୍ୟ ତଥା ସେମାନଙ୍କ ଅପରାଧିକ କାର୍ଯ୍ୟକଳାପକୁ ନେଇ ପୁଲିସର ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

■ ଲୋନ୍ ନ ନେଇ ଘର ସିଲ୍ କରିବା ଘଟଣା

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଖୋଲିଲା

**ସମ୍ବଲପୁର /ଜମନକିରା, ୨୬।୬ (ସମିସ) :** ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅଧୀନ ଗୌତମଟିକରା ପିପଲପଡ଼ାର ଦିବ୍ୟାଙ୍ଗ ବ୍ୟକ୍ତି ଧନଞ୍ଜୟ ପ୍ରଧାନ କୌଣସି ଋଣ ନେଇନାହାନ୍ତି କିମ୍ବା ଋଣ ପ୍ରଦାନରେ ଗ୍ୟାରେଣ୍ଟର୍ ପ୍ଲଟର ୧୭ ଡିସିମିଲ ଜମିରେ ଧନଞ୍ଜୟ ପ୍ରଧାନଙ୍କ ଘର ଥିବାବେଳେ, ସେହି ପ୍ଲଟର ୧୧ ଡିସିମିଲ ଜମି ପ୍ରସନ୍ନ ପ୍ରଧାନଙ୍କ ନାମରେ ରହିଛି। ଡିସିବି ବ୍ୟାଙ୍କରୁ କେହି ଋଣ ନେଇଥିବାରୁ ବ୍ୟାଙ୍କ ପକ୍ଷରୁ ଜମି ଜବତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ, ଋଣ ସହ ସମ୍ପୃକ୍ତ ନ ଥିବା ଧନଞ୍ଜୟ ପ୍ରଧାନଙ୍କ ଘରକୁ ଏହି କାର୍ଯ୍ୟାନୁଷ୍ଠାନରେ ସିଲ୍ କରିଦିଆଗଲା। ଅଭିଯୋଗ ଅନୁଯାୟୀ, ଧନଞ୍ଜୟ ପ୍ରଧାନ କିମ୍ବା ତାଙ୍କ ପରିବାର ସଦସ୍ୟ ଋଣ ନେଇ ନଥିବା ସତ୍ତ୍ୱେ ଗତ ୫ ତାରିଖରେ ଡିସିବି ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଜମନକିରା ଅତିରିକ୍ତ ତହସିଲଦାର ପୁଲିସ୍ ଉପସ୍ଥିତିରେ ଘରକୁ ସିଲ୍ କରିଥିଲେ। ପରିବାର ପକ୍ଷରୁ ଜମିର ପଟ୍ଟା ଓ କାଗଜପତ୍ର ଦେଖାଯାଇଥିଲେ



**୨୧ ଦିନ ଧରି ଦିବ୍ୟାଙ୍ଗ ପରିବାର ହନ୍ତସନ୍ତ**

**ପ୍ରଶାସନ ପକ୍ଷରୁ ଭଙ୍ଗାଗଲା ଜଉମୁଦ**



ହୋଇନାହାନ୍ତି। କିନ୍ତୁ ତାଙ୍କ ଘରକୁ ସିଲ୍ କରିଦିଆଗଲା। ଋଣ ନେଇଥିବା ଅଭିଯୋଗରେ ଗତ ୫ ତାରିଖରେ ସିଲ୍ କଲେ ଡିସିବି ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ବ୍ଲକ ପ୍ରଶାସନ। ଧନଞ୍ଜୟ ଓ ତାଙ୍କ ସ୍ତ୍ରୀ, ବିଧବା ବୋହୂ ଏବଂ ୯ ଓ ୧୪ ବର୍ଷ ବୟସ୍କା ଦୁଇ ନାତୁଣୀ ଅତି ଦୟନୀୟ ଅବସ୍ଥାରେ ଗୋଟିଏ କୋଠରିରେ ଦିନ ବିତାଉଥିଲେ। ଜମି କାଗଜାତ ଦେଖିଲାନି ପ୍ରଶାସନ ୧୦ ମିନିଟ୍ ମଧ୍ୟରେ ଘରୁ ବାହାରି ଯିବାକୁ କହିଥିଲା। ଏମିତିକି ସିଲ୍ ହୋଇଥିବା ଘରେ ଦୁଇ ନାତୁଣୀଙ୍କ ବହି ଓ ସ୍କୁଲ ୟୁନିଫର୍ମ ଥିବାରୁ ତାଙ୍କ ପାଠପଢ଼ାରେ ମଧ୍ୟ ତାଲା ପଡ଼ିଯାଇଥିଲା। ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଦୀର୍ଘ ୨୧ ଦିନ ପରେ ଜମନକିରା ତହସିଲଦାର ପ୍ରବୀଣା ବିଲୁଙ୍ଗ ଓ ଥାନାଧିକାରୀ ରଞ୍ଜନ ନାଗଙ୍କ ଉପସ୍ଥିତିରେ ସିଲ୍ ଖୋଲାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ଏବେ ଦେଖିବାକୁ ବାକି ରହିଲା ଏଭଳି ତ୍ରୁଟି ପାଇଁ ଦାୟୀ କିଏ ଏବଂ ପ୍ରଶାସନ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ସୂଚନାଯୋଗ୍ୟ ଯେ, ଜମନକିରା ତହସିଲ ଅଧୀନ ଗୌଡ଼ପାଲି ଆରଆଇ ସର୍କଲର କୁଶୁଲି ମୌଜାର ଖାତା ନଂ୮୮ ଅନ୍ତର୍ଗତ ପ୍ଲଟ ନଂ ୨୮୪/୧୪୨୦ରେ ଧନଞ୍ଜୟ ପ୍ରଧାନ ଓ ଅନ୍ୟ ପରିବାର ସଦସ୍ୟଙ୍କ ଜମି ରହିଛି। ଏହି ମଧ୍ୟ ଶୁଣି ନ ଥିଲେ। ହଠାତ୍ ପହଞ୍ଚି ଘରୁ ବାହାରି ଯିବାକୁ ମାତ୍ର ୧୦ ମିନିଟ୍ ସମୟ ଦେଇଥିଲେ। ବରଂ ଅଧିକ ପ୍ରତିବାଦ କଲେ ଅବଶିଷ୍ଟ ଅଂଶକୁ ମଧ୍ୟ ସିଲ୍ କରିଦିଆଯିବ ବୋଲି ଧମକ ଦେଇଥିବା ପରିବାର ଲୋକେ କହୁଛନ୍ତି। ବିନା ଋଣ ନେଇ ଏଭଳି ଅମାନବୀୟ ଭାବେ ଜଣେ ଦିବ୍ୟାଙ୍ଗ ଓ ତାଙ୍କ ପରିବାରକୁ ଘରୁ ବାହାର କରିଦିଆଯିବା ଏବଂ ଘର ସିଲ୍ କରିଦିଆଯିବା ଏବେ ସମଗ୍ର ସମ୍ବଲପୁର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି ଯେ, ସମ୍ପୃକ୍ତ ବ୍ୟାଙ୍କରୁ ୧୭ ଲକ୍ଷ ଟଙ୍କା ଲୋନ୍ ନିଆଯାଇଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷ ଉପରୋକ୍ତ ପ୍ଲଟ୍ ବନ୍ଧକ (ମୋର୍ଟଗେଜ୍) ହୋଇଥିବା ଦେଖାଇବା ପରେ ସ୍ଥାନୀୟ ତହସିଲ ପକ୍ଷରୁ ସିଲ୍ କରାଯାଇଥିଲା। ତେବେ, ଆଜି ସିଲ୍ ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇ ଖୋଲି ଦିଆଯାଇଛି। ଏହାସହ କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ବୋନ୍ଦର ସୂଚନା ଦେଇଛନ୍ତି।

## 'ସଖୀ' ପକ୍ଷରୁ ନିଶା ନିବାରଣ ଦିବସ

**କୁଚିଣ୍ଡା ୨୬।୬(ସମିସ):** କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ୱାନଷ୍ଟପ୍ ସେଣ୍ଟର, ସଖୀ ତରଫରୁ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ପାଳନ କରାଯାଇଥିଲା। ଡ. ସାଇ ସୁବାସ ଷଡ଼ଙ୍ଗୀ ଏବଂ ସମ୍ବଲପୁର ୱାନଷ୍ଟପ ସେଣ୍ଟର ସଖୀର ମୌସୁମୀ ଦୋରା ଏବଂ ପରାମର୍ଶ ଦାତ୍ରୀ ଇତିଶ୍ରୀ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଏହି ସଭାରେ କେନ୍ଦ୍ରର ପାରାମେଡିକାଲ ଷ୍ଟାଫ୍ ନୟନା ବାଘ୍ ସମସ୍ତଙ୍କୁ ସେବା ବିଷୟରେ ଅବଗତ କରାଇଥିଲେ। କୁଚିଣ୍ଡା ଉପଖଣ୍ଡର ଏସଡିଏମ୍‌ଓ ଡ. ସୁବୋଧ କୁମାର ନାୟକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୁଚିଣ୍ଡା ସଖୀ କେନ୍ଦ୍ର ପ୍ରଶାସିକା ଜ୍ୟୋତି ପ୍ରଧାନ ଏବଂ କର୍ମକର୍ତ୍ତା ବର୍ଷା, ବାସନ୍ତୀ, ଗୋଲକ, ସୁଜିତ୍, ସପନା, ସୁଭଶ୍ରୀ ଓ ରତ୍ନା ସହଯୋଗ କରିଥିଲେ।

## ୨୮ରେ ପୋଲିଓ ବୁନ୍ଦା: ଲକ୍ଷ୍ୟ ୮୪୮୬୬ ଶିଶୁ

**ସମ୍ବଲପୁର, ୨୬।୬ (ସମିସ):** ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ମିଳିତ ପ୍ରୟାସରେ ଇଣ୍ଟେନ୍ସିଫାଇଡ୍ ପଲ୍ସ ପୋଲିଓ ଇମ୍ୟୁନାଇଜେସନ୍ (ଆଇପିପିଆଇ) କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଆସନ୍ତା ୨୮ ତାରିଖରେ ଜିଲ୍ଲାର ୮୮୨ଟି ବୁଥ୍‌ରେ ବୁଥ୍ ଦିବସ ପାଳନ କରାଯିବ। ପରବର୍ତ୍ତୀ ୨୯ ଓ ୩୦ ତାରିଖରେ ଘରକୁ ଘର ବୁଲି ସର୍ଭେ କରାଯାଇ ବୁଥ୍ ଦିବସରେ ଟିକା ପାଇବାରୁ ବଞ୍ଚିତ ଶିଶୁମାନଙ୍କୁ ପୋଲିଓ ଟିକା ପ୍ରଦାନ କରାଯିବ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ୫ ବର୍ଷରୁ କମ୍ ବୟସର ପ୍ରତ୍ୟେକ ଶିଶୁଙ୍କୁ ଦୁଇ ବୁନ୍ଦା ମୁଖ୍ୟ ପୋଲିଓ ଟିକା (ଓପିଭି) ପ୍ରଦାନ କରି ପୋଲିଓ ରୋଗରୁ ସୁରକ୍ଷିତ ରଖିବା। ସ୍ୱାସ୍ଥ୍ୟ ବିଭାଗର ସ୍ଲୋଗାନ ରହିଛି - ପ୍ରତ୍ୟେକ ଶିଶୁଙ୍କୁ ଦୁଇ ବୁନ୍ଦା ପୋଲିଓ ଟିକା ପୋଲିଓମୁକ୍ତ ସମ୍ବଲପୁର ଆମ ସମସ୍ତଙ୍କ ଦାୟିତ୍ୱ। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ସମ୍ବଲପୁର ଜିଲ୍ଲାର ୮୦୪୪୩ ଜଣ ଶିଶୁଙ୍କୁ ପୋଲିଓ ଟିକା ପ୍ରଦାନ କରାଯାଇଥିଲା। ଆସନ୍ତା ୨୮ ତାରିଖରେ ପୋଲିଓ ଟିକା ପ୍ରଦାନ ପାଇଁ ସମସ୍ତ ପ୍ରକାରର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମିଳିଥିବା ତଥ୍ୟ



ଅନୁଯାୟୀ, ଜିଲ୍ଲାରେ ପରିବାର ସଂଖ୍ୟା ୨, ୬୯, ୬୧୯ ରହିଥିବାବେଳେ 'ଶୂନ'ରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁ ସଂଖ୍ୟା ଲକ୍ଷ୍ୟ ରହିଛି ୮୪, ୮୬୬। ଜିଲ୍ଲାର ୮୮୨ଟି ବୁଥ୍‌ରେ ଟିକା (ବୁନ୍ଦା) ପ୍ରଦାନ କରାଯିବ। ଟ୍ରାନ୍‌ଜିଟ୍ ଟିମ୍ ସଂଖ୍ୟା ୪୧ ଓ ମୋବାଇଲ ଟିମ୍ ସଂଖ୍ୟା ୨୧। ଜିଲ୍ଲାରେ ମୋଟ ୯୪୪ଟି ଟିମ୍‌ରେ ୧୮୮୮ ଜଣ ସଦସ୍ୟ ରହିଛନ୍ତି। କାର୍ଯ୍ୟକ୍ରମରେ ୯୧ ଜଣ ସୁପର୍‌ଭାଇଜର୍ ରହିବେ। ଏହାବ୍ୟତୀତ ସମ୍ବଲପୁର ପୌରାଞ୍ଚଳ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସହରାଞ୍ଚଳ ଏବଂ ପ୍ରବାସୀ ପରିବାରର ଶିଶୁମାନଙ୍କୁ ସମ୍ପୂର୍ଣ୍ଣ ଭାବେ ପୋଲିଓ ଟିକାକରଣ କରିବା ପାଇଁ ପୌରାଞ୍ଚଳରେ ୨୪ଟି ଟ୍ରାନ୍ସିଟ୍ ଟିମ୍ ଏବଂ ୧୦ଟି ମୋବାଇଲ୍ ଟିମ୍ ନିୟୋଜିତ ହେବେ। ଏହି ଟିମ୍‌ଗୁଡ଼ିକ ବସ୍‌ଷ୍ଟାଣ୍ଡ, ରେଳଷ୍ଟେସନ, ବଜାର, ନିର୍ମାଣ ସ୍ଥଳ ଏବଂ ବସ୍ତି ଅଞ୍ଚଳ ପରି ସ୍ଥାନରେ କାର୍ଯ୍ୟକରିବେ। ଶିଶୁ ପୂର୍ବରୁ କେତେଥର ପୋଲିଓ ଟିକା ପାଇଥିଲେ ମଧ୍ୟ, ଆସନ୍ତା ୨୮ ତାରିଖ 'ବୁଥ୍ ଦିବସ'ରେ ୫ ବର୍ଷରୁ କମ୍ ବୟସର ପ୍ରତ୍ୟେକ ଶିଶୁଙ୍କୁ ନିକଟସ୍ଥ ପଲ୍ସ ପୋଲିଓ ବୁଥ୍‌କୁ ନେଇ ଦୁଇ ବୁନ୍ଦା ପୋଲିଓ ଟିକା ନିଶ୍ଚିତ ଭାବେ ପିଆନ୍ତୁ ବୋଲି ଜିଲ୍ଲା ପ୍ରଶାସନ ଏବଂ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଭିଭାବକମାନଙ୍କୁ ଅନୁରୋଧ କରାଯାଇଛି।

# ଧର୍ମେନ୍ଦ୍ରଙ୍କ ଜନ୍ମଦିନରେ ବିଭିନ୍ନ କାର୍ଯ୍ୟକ୍ରମ

**ସମ୍ବଲପୁର, ୨୬।୬(ସମିସ):** ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ବିଜେପି ଯୁଯୁମୁରା ମଣ୍ଡଳପକ୍ଷରୁ ଏକ ସେବାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି



ଉପଲକ୍ଷେ ସ୍ଥାନୀୟ ହାତିବାରି କୁଷ୍ଠାଶ୍ରମ ପରିସରରେ ବିଜେପି କର୍ମକର୍ତ୍ତାଙ୍କ ଦ୍ୱାରା ବ୍ୟାପକ ଚାରାରୋପଣ କରାଯିବା ସହ ଅନ୍ତେବାସୀଙ୍କୁ ସେବା ସାମଗ୍ରୀ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୁଯୁମୁରା ସମିତିସଭ୍ୟ ଜୟନ୍ତ ପ୍ରଧାନ ଓ ମଣ୍ଡଳ ସଭାପତି ମହାଦେବ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜ କର୍ମୀ, ଜୀନୁ ବିଶ୍ୱାଳ, ଆଲୋକ ପ୍ରଧାନ, ଅପୁ ପ୍ରଧାନ, ନୀଳମଣି ସେଟ, ଗଜପତି ପଧାନ, ଯତୀନ ବାରିକ, ହୃଦଆନନ୍ଦ ମିଶ୍ର, ରଞ୍ଜନ ଖରସଆଳ, ନେହେରୁ ଖରସଲ, ବିବେକା ସାହୁ ଏବଂ ଜ୍ୟୋତି ସାହୁଙ୍କ ସମେତ ବହୁ ବିଜେପି କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସେହିପରି ରେଢ଼ାଖୋଲ ନିର୍ବାଚନମଣ୍ଡଳୀର ଖଲିଆପାଲି ହନୁମାନ ବାଟିକାରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଆକାଶ ମିଶ୍ର, ଯୁଯୁମୁରା ବ୍ଲକର ସାଂସଦ ପ୍ରତିନିଧି ପ୍ରମୋଦ ମିଶ୍ର, କପିଳ ପ୍ରଧାନ, ବିଜେପିର ବରିଷ୍ଠ ନେତା ଗୋବିନ୍ଦ ଅଗ୍ରୱାଲ, ଯୁବନେତା ସୋମ୍ୟରଞ୍ଜନ ବଡପଣ୍ଡା, ସୁଧାଂଶୁ ମହାପାତ୍ର, ସୁଦୀପ୍ତ ନାୟକ, ଦିନେଶ ବଡପଣ୍ଡା, ଗୋକୁଳାନନ୍ଦ ସାହୁ, ମୁନୁ ବେହେରା, ବାଦଲ ମହାପାତ୍ର, ସତ୍ୟନାରାୟଣ ବାଗ, ରାଜେଶ ମହାପାତ୍ର, ଗୁଣନିଧି ପ୍ରଧାନ, ଚନ୍ଦନ ମହାପାତ୍ର, ଆଶିଷ ନାୟକ, ଦେବାନନ୍ଦ ଭୋସାଗର, ବିନୋଦ ମେହେର, ଅମ୍ବରିଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଉପଲକ୍ଷେ ଧର୍ମେନ୍ଦ୍ର ପ୍ରଧାନ ଫେନ୍ କ୍ଲବ ପକ୍ଷରୁ ରାମଦାସ ପଣ୍ଡାଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ମୋଟ ୭୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରକୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିପିନ ବିହାରୀ ନନ୍ଦ ଉଦ୍‌ଘାଟନ କରିଥିବାବେଳେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାୟକ, ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେର, ପୂର୍ବତନ ଜିଲ୍ଲା ସଭାପତି ଗିରିଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଦାମୋଦର କର, କଳ୍ପନା ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ମନୋଜ ପଲସନିଆ, ସୁଧୀର ବହିଦାର ଓ ମୁକେଶ ଜରିୱାଲ ଯୋଗଦାନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ଆବାହକ ଭବାନୀ ଶଙ୍କର ଭୋଇ, ସଙ୍ଗଠନ ସଂଯୋଜକ ସୁବୋଧ କୁମାର ଦୋରା, ଗୋପବନ୍ଧୁ ସେନାପତି, ପଙ୍କଜିନୀ ମେହେର, ସବିତା ନନ୍ଦ, ସୁଜାତା ଗୁରୁ, ଶଙ୍କର ମେହେର, ପ୍ରେମ ସାହାଣୀ, ଶୁଭମ ସାହୁ, ରାହୁଲ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ବୁର୍ଲାର ଡାକ୍ତର ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତି ପକ୍ଷରୁ ଶୁକ୍ରବାର ହୀରାକୁଦସ୍ଥିତ କଳ୍ପତରୁ ସେବାଶ୍ରମ ପରିସରରେ ଅନ୍ତେବାସୀଙ୍କ ଗହଣରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ଜନ୍ମଦିନ ପାଳନ କରାଯାଇଛି। ଏହି ଅବସରରେ ସ୍ମୃତି ସମିତିର ଆବାହକ ତରଣୀସେନ ଚାନ୍ଦ, ସଭାପତି ରମାକାନ୍ତ ସାହୁ, ସମ୍ପାଦକ ବସନ୍ତ ମେହେର ଉପସ୍ଥିତ ଥିଲେ। ଏଥିରେ ଜିତୁ ଲାମା, ନଗୀ ମହାନନ୍ଦ, ଜଗନ୍ନାଥ ଚୌଧୁରୀ, ତ୍ରିଲୋଚନ ସିଂ କୌର, ଜଗଜିତ ସିଂ, ନରୋତ୍ତମ ମେହେର, ଲଳିତ ଲୁହା, ହରେକୃଷ୍ଣ ରେଡି. ଶାନ୍ତି ଲାମା, ଲକ୍ଷ୍ମୀ ରାଇ, ସୀତା ପ୍ରଧାନ, ଶାନ୍ତିଲତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରସ୍ତାବିତ ଆପ୍ରୋଚ୍ ରୋଡ୍ ଅବରୋଧ କରିବା ଉପରେ କାର୍ଯ୍ୟାନୁଷ୍ଠାନ ଦାବିକଲା ଆଲୁମ୍ନି ସଂଘ

**ସମ୍ବଲପୁର, ୨୬।୬ (ସମିସ) :** ଲଜପତ ରାୟ ଆଇନ କଲେଜ ପୂର୍ବତନ ଛାତ୍ର ସଂଘ (ଆଲୁମିନି) କଲେଜକୁ ପ୍ରସ୍ତାବିତ ଆପ୍ରୋଚ୍ ରୋଡ୍ ଉପରେ ନୀଳ ଟିନ୍ ସିଟ୍ ଦ୍ୱାରା ରାସ୍ତା ଅବରୋଧ କରିବା ଭଳି ଘଟଣା ଉପରେ ଜରୁରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବଙ୍କଠାରେ ଦାବି ଜଣାଇଛି। କଲ୍ୟାଣ ମଣ୍ଡପ ପରିସରରେ ଅନଧିକୃତ ନିର୍ମାଣ ଇତ୍ୟାଦି ଭାଙ୍ଗିବା ବିଷୟରେ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପତ୍ର ଜରିଆରେ ଆୟୁକ୍ତ, ସମ୍ବଲପୁର ମହାନଗର ନିଗମଙ୍କୁ ଏବଂ ଚିଠି ସଂଖ୍ୟା ୧୮୯୫ ତା. ୧୮/୨/୨୦୨୫ ଜରିଆରେ ଆରଡିସି ସମ୍ବଲପୁର ମହାନଗର ନିଗମ ଆୟୁକ୍ତଙ୍କୁ ପତ୍ର ଲେଖିଥିଲେ। ଏଡିଏମ୍ (ରାଜସ୍ୱ)ଙ୍କ ଚିଠି ମାଧ୍ୟମରେ ଏକ ବର୍ଷରୁ ଅଧିକ ସମୟ ବିତିଯିବା ପରେ ମଧ୍ୟ ଅନଧିକୃତ ନିର୍ମାଣକୁ ହଟାଇବା ଦିଗରେ ମହାନଗର ନିଗମ କୌଣସି ପଦକ୍ଷେପ ନେଇନାହିଁ। ଆଇନ କଲେଜ ଆଲୁମିନି ସଂଘ ସମ୍ପାଦକ ତଥା ଆଇନଜୀବୀ ଦୁର୍ଗା ପାଢ଼ୀଙ୍କ ସ୍ମାରକ ପତ୍ର ଅନୁଯାୟୀ, ସମ୍ପ୍ରତି ଦେଖାଯାଇଛି ଯେ କେହି ଜଣେ ଉପରୋକ୍ତ ଅଞ୍ଚଳ, ପ୍ରସ୍ତାବିତ ଆପ୍ରୋଚ୍ ରୋଡ୍ ଏବଂ କଲେଜର ଡାଇମଣ୍ଡ ଜୁବିଲି ଗେଟ୍ ନିର୍ମାଣସ୍ଥଳକୁ ନୀଳ ରଙ୍ଗର ଟିନ୍ ସିଟ୍ ଦ୍ୱାରା ଅବରୋଧ କରିଛନ୍ତି। କଲ୍ୟାଣ ମଣ୍ଡପ ନିକଟରେ ମଧ୍ୟ ଅନଧିକୃତ ଜୋରଜବରଦସ୍ତ ନିର୍ମାଣ ଚାଲିଛି। ପୂର୍ବରୁ ବର୍ତ୍ତମାନର ଅଧକ୍ଷ ଏହାକୁ ବିରୋଧ କରିଥିଲେ, କିଛି ଦୁର୍ବୃତ୍ତ ଅଧକ୍ଷଙ୍କ ସହିତ ଖରାପ ବ୍ୟବହାର କରିଥିଲେ। ଅନଧିକୃତ ନିର୍ମାଣ ଭାଙ୍ଗିବା ଏବଂ ଅନ୍ୟ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଉନ୍ନୟନ ଅଧିକାରୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ମହାନଗର ନିଗମ ଡେପୁଟି କମିଶନର ଏବଂ ତହସିଲଦାରଙ୍କଠାରେ ଆଲୁମିନି ପକ୍ଷରୁ ଦାବି କରାଯାଇଛି।

## ରେଳପଥ ମହାପ୍ରବନ୍ଧକଙ୍କ ଟିଟିଲାଗଡ଼-ମୁନିଗୁଡ଼ା ସେକ୍ସନ ନିରୀକ୍ଷଣ



**ସମ୍ବଲପୁର, ୨୬।୬ (ସମିସ) :** ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ଟିଟିଲାଗଡ଼-ମୁନିଗୁଡ଼ା ସେକ୍ସନକୁ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣ ସମୟରେ ରେଳସେକ୍ସନର ବିଭିନ୍ନ ଷ୍ଟେସନରେ ନିରାପତ୍ତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତ୍ତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ଶ୍ରୀ ଫୁଙ୍କୱାଲ ବିଭିନ୍ନ ଷ୍ଟେସନରେ ଟ୍ରାଫିକ ସୁବିଧା କାର୍ଯ୍ୟ, ଯାତ୍ରୀଙ୍କ ସୁବିଧା ତଥା ଭିତ୍ତିଭୂମି ବିକାଶ ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମହାପ୍ରବନ୍ଧକ ମଧ୍ୟ, ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ଶ୍ରୀ ଫୁଙ୍କୱାଲ ସମୀକ୍ଷା କରିଛନ୍ତି। ଏଥିମଧ୍ୟରେ ପାର୍କିଂ କ୍ଷେତ୍ରରେ ଉନ୍ନତି, ସର୍କୁଲାର ବା ଚଳପ୍ରଚଳ କ୍ଷେତ୍ର ଏବଂ ଷ୍ଟେସନରେ ଲ୍ୟାଣ୍ଡସ୍କେପ୍ ଅନ୍ତର୍ଭୁକ୍ତ। ମହାପ୍ରବନ୍ଧକ ବିଶେଷ ଭାବରେ ଅମୃତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ଧ୍ୟାନ ଦେଇଥିଲେ। ମହାପ୍ରବନ୍ଧକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକର ଠିକ୍ ସମୟରେ ସମାପ୍ତ ହେବା ଉପରେ ଗୁରୁତ୍ୱାରୋପ କରି ଯାତ୍ରୀମାନଙ୍କ ପାଇଁ ସାମଗ୍ରିକ ସେବା ଗୁଣରେ ଉନ୍ନତି ଆଣିବାରେ ସେମାନଙ୍କର ମହତ୍ତ୍ୱକୁ ଦର୍ଶାଇଛନ୍ତି। ମହାପ୍ରବନ୍ଧକଙ୍କ ନିରୀକ୍ଷଣ ସମୟରେ ସମ୍ବଲପୁର ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ପ୍ରକଳ୍ପ ସମୟସୀମା ଏବଂ ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନାରେ ସହଯୋଗ କରିଥିଲେ।

# 'ସମ୍ବଲପୁରୀ ଦିନ୍' ପାଇଁ ପ୍ରସ୍ତୁତି



**ସମ୍ବଲପୁର, ୨୬।୬ (ସମିସ) :** ଆସନ୍ତା ଅଗଷ୍ଟ ୧ ଓ ୨ରେ ଧୁମ୍‌ଧାମରେ ପାଳିତ ହେବ ସମ୍ବଲପୁରୀ ଦିନ୍। ଅଗଷ୍ଟ ୧ ତାରିଖରେ ବାହାରିବ 'ୱାନ ଡେ ଫର୍ ସମ୍ବଲପୁରୀ' ମହା ଶୋଭାଯାତ୍ରା। ସ୍ଥାନୀୟ କଳା ପରିଷଦ ପ୍ରେକ୍ଷାଳୟରେ ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଦସ୍ୟ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ଚଳିତବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଚଳିତବର୍ଷ ସମ୍ବଲପୁରୀ ଦିନ୍ କେବଳ ଗୋଟିଏ ଦିନ ନୁହେଁ, ବରଂ ଦୁଇଦିନ ଧରି ଅଗଷ୍ଟ ୧ ଓ ୨ ତାରିଖରେ ପାଳନ କରାଯିବ। ଅଗଷ୍ଟ ୧ରେ 'ୱାନ ଡେ ଫର ସମ୍ବଲପୁରୀ' ପଦଯାତ୍ରାରେ ସମସ୍ତେ ସମ୍ବଲପୁରୀ ପୋଷାକ ପରିଧାନ କରି ସାମିଲ ହେବାପାଇଁ ନିବେଦନ କରାଯାଇଛି। ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ସବୁ ବର୍ଗର ଲୋକେ ନିଜ ସଂସ୍କୃତି ପ୍ରତି ଥିବା ଭଲପାଇବା ପ୍ରଦର୍ଶନ କରିବେ। ବୈଠକରେ ସମୀର ରଞ୍ଜନ ବାବୁ, ଡା. ସଞ୍ଜୀବ ମିଶ୍ର, ରତନ ପୂଜାରୀ, ଭୋଳା ମହାତ୍ତମ, ଅମିତ ପତି, ସୂର୍ଯ୍ୟ ଗୁରୁ, ବଣ୍ଟି ସାହୁ, ପାୟଲ ଭୋଇ, କାଞ୍ଚନ ଲୋହାର, ଦୁର୍ଗା ଦାଶ, ରାଜୀବ ସାହୁ, ଅରୁଣ ଦାସ, ଅଜିତ ବେହେରା, ରାଜକୁମାର, ତର୍ପଣ ପ୍ରଧାନ, ସୋମନାଥ, ଅମ୍ବରେଶ, ବିନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**୩୬୨ ବର୍ଷର ଭାଇଚାରା ପରମ୍ପରା**

# ପଢ଼ିହାରୀ ପରିବାରରୁ ବାହାରିବ ତାଜିଆ

**ସମ୍ବଲପୁର, ୨୬।୬ (ସମିସ)**

ସମ୍ବଲପୁରରେ ଶନିବାର ବାହାରିବ ମହରମ୍ ତାଜିଆ ଶୋଭାଯାତ୍ରା। ପ୍ରତିବର୍ଷ ସମ୍ବଲପୁରରେ ମହରମ୍ ଅବସରରେ ଭାଇଚାରାର ଏକ ଅନନ୍ୟ ନିଦର୍ଶନ ଦେଖିବାକୁ ମିଳେ। ଗୋଟିଏ ହିନ୍ଦୁ ପରିବାର ଶହ ଶହ ବର୍ଷ ଧରି ମହରମ୍ ପାଳନ କରିଆସୁଛନ୍ତି। ସମ୍ବଲପୁର ମୁଦିପଡ଼ାର ପଢ଼ିହାରି ପରିବାର ୧୬୬୪ ମସିହାରୁ ମହରମ୍ ଅବସରରେ ତାଜିଆ ବାହାର କରୁଛନ୍ତି। ମୁଦିପଡ଼ାର ହିନ୍ଦୁ ପରିବାର ପାଇଁ ଏହା ଏକ ପାରିବାରିକ ପରମ୍ପରା ପାଲଟିଛି। ଏହି ପରମ୍ପରା ୧୬୬୪ ମସିହାରେ ପରିବାରର ପୂର୍ବପୁରୁଷ ଜୟଦେବ ପଢ଼ିଆରୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା, ଯିଏ ମକ୍କା ଯାତ୍ରା କରିଥିଲେ ଏବଂ ଦୁଇଜଣ ମୌଲାନାଙ୍କ ସହିତ ସମ୍ବଲପୁର ଫେରି ଆସିଥିଲେ। ସମ୍ବଲପୁରର ତତ୍କାଳୀନ ଶାସକ



ଫାଇଲ ଫଟୋ

ରାଜା ଛତ୍ର ସାଏ ଏହି ଅନୁରୋଧକୁ ସମର୍ଥନ କରିଥିଲେ ଏବଂ ପଢ଼ିଆରୀ ପରିବାରରୁ ପ୍ରଥମ ତାଜିଆ ଶୋଭାଯାତ୍ରା ବାହାର କରିବାକୁ ଅନୁମତି ଦେଇଥିଲେ। ଏନେଇ ରାଜେନ୍ଦ୍ର ପଢ଼ିହାରୀ କହିଛନ୍ତି, ମୋର ପୂର୍ବପୁରୁଷଙ୍କ ମଧ୍ୟରୁ ଜୟଦେବ ପଢ଼ିହାରୀ ମକ୍କା ଯାଇ, ସେଠାରୁ ଫେରିବା ପରେ, ସେ ଆମ ପରିବାରରେ ଏହି ପରମ୍ପରା ଆରମ୍ଭ କରିଥିଲେ। ଜଣେ ହିନ୍ଦୁ ହୋଇଥିଲେ ମଧ୍ୟ ସେ ଦୁଇ ଧର୍ମର ପର୍ବ ମଧ୍ୟରେ କୌଣସି ପାର୍ଥକ୍ୟ ଦେଖନ୍ତି ନାହିଁ। ମୁଦିପଡ଼ାର ବାସିନ୍ଦାମାନେ ମଧ୍ୟ ତାଜିଆ ଶୋଭାଯାତ୍ରାରେ ଅଂଶଗ୍ରହଣ କରିବାକୁ ସବୁବେଳେ ଆଗେଇ ଆସିଥାନ୍ତି। ଶୋଭାଯାତ୍ରା ସମୟରେ ତାଜିଆଟି ମୁଦିପଡ଼ା ଇମାମ୍‌ବାଡ଼ାରୁ ବାହାରି ମୁଦିପଡ଼ା ଛକ, ଲସତଲିଆ ଛକ, ଏବଂ ଗେଇଟି ରୋଡ୍ ଦେଇ ଗୋଲବଜାରରେ ପହଞ୍ଚିଥାଏ। ଉଲ୍ଲେଖଯୋଗ୍ୟ ଯେ, ଏହି ତାଜିଆରେ ଏକ ମୁସଲିମ ପରିବାର ଗତ ୮ ପିଢ଼ି ହେଲା ଶ୍ରଦ୍ଧାର ସହ ଫାତିଆ ପଢ଼ି ଆସୁଛନ୍ତି। ସମ୍ବଲପୁରରେ ମହରମ ପର୍ବ ପାଇଁ ବ୍ୟାପକ ପୁଲିସ ବନ୍ଦୋବସ୍ତ କରାଯାଇଛି। ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ତତ୍ତ୍ୱାବଧାନରେ ୩ ଜଣ ଅତିରିକ୍ତ ଏସ୍‌ପି, ୧୬ ଜଣ ଡିଏସ୍‌ପି, ୩୭ ଜଣ ଇନ୍ସପେକ୍ଟର, ୭୯ ଜଣ ଏସ୍‌ଆଇ / ଏଏସ୍‌ଆଇ ଏବଂ ୩୮ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା ଜଣାପଡ଼ିଛି।

# ସିଭିଲ୍ ଟାଉନ୍‌ସିପ୍‌ରେ ଡ୍ରେନ୍ ଉପରୁ ହଟିଲା ଜବରଦଖଲ



● ଡ୍ରେନ୍ ଅବରୋଧ ନ କରିବାକୁ କମିଶନରଙ୍କ ନିବେଦନ

● ଜବରଦଖଲ ଉଚ୍ଛେଦ ଅଭିଯାନ ବ୍ୟାପକ କରାଯିବ: କମିଶନର

ରାଉରକେଲା, ୨୬।୬(ସମିସ): ରାଉରକେଲା ସହରକୁ ଜବରଦଖଲ ମୁକ୍ତ କରିବାକୁ ପ୍ରଶାସନ ତରଫରୁ ଉଚ୍ଛେଦ ଜୋରଦାର୍ ଉଚ୍ଛେଦ କରାଯାଉଛି। ଗୁରୁବାର ସ୍ଥାନୀୟ ସିଭିଲ୍ ଟାଉନ୍‌ସିପ୍ ଅଞ୍ଚଳରେ ରାଉରକେଲା ମହାନଗର ନିଗମର ଏନ୍‌ଫୋର୍ସମେଣ୍ଟ ଟିମ୍ ତରଫରୁ ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା।

ସହରର ବିଭିନ୍ନ ସ୍ଥାନରେ ଡ୍ରେନ୍ ଉପରେ ବେଆଇନ ନିର୍ମାଣ ଯୋଗୁଁ ବର୍ଷା ଦିନେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥାଏ। ଅନେକ ସମୟରେ କଭର ଡ୍ରେନ୍ ଗୁଡିକର ସଫେଇ କାର୍ଯ୍ୟରେ ମଧ୍ୟ ବାଧା ସୃଷ୍ଟି ହୋଇଥାଏ। ତେଣୁ ଆଗାମୀ ମୌସୁମୀକୁ ଆଖି ଆଗରେ ରଖି ଆରଏମସି ତରଫରୁ ସିଭିଲ ଟାଉନସିପର ପ୍ରାୟ ୩୦ଟି ଘର ସମ୍ମୁଖରେ ଥିବା ଡ୍ରେନ୍ ଉପରୁ ଜବରଦଖଲ ହଟାଯାଇଛି।

ରାଉରକେଲା ସହରକୁ ଜବରଦଖଲ ମୁକ୍ତ କରିବା ପାଇଁ ଆଗାମୀ ଦିନରେ ଅଭିଯାନକୁ ଆହୁରି ବ୍ୟାପକ କରାଯିବ ବୋଲି ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର୍ ସୂଚନା ଦେବା ସହ ଜନସାଧାରଣଙ୍କୁ ଜବରଦଖଲରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେଇଛନ୍ତି।

**ସମସ୍ୟା ଘେରରେ ଭୂତଡ଼ା ପଞ୍ଚାୟତ**

# ଚୁଆ ସହ ନାଳର ନାଳିପାଣି ପିଉଛନ୍ତି ଖଣି ଅଞ୍ଚଳବାସୀ





ରାଉରକେଲା, ୨୬।୬(ସମିସ): ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଭୂତଡ଼ା ପଞ୍ଚାୟତର ଅନେକ ଅଞ୍ଚଳରେ ଆଜି ବି ମୌଳିକ ସୁବିଧା ଅପହଞ୍ଚ। ରାସ୍ତା-ଘାଟ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଶେଷ କରି ପାନୀୟ ଜଳ ପାଇଁ ଲୋକେ ଡହଳବିକଳ ହେବା ସହ ବାଧ୍ୟ ହୋଇ ଚୁଆ କିମ୍ବା ବିଭିନ୍ନ ଖଣିଖାଦାନରୁ ବହି ଆସୁଥିବା ଦୂଷିତ ନାଳି ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ ଯେ, ଆଦିବାସୀମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଖଣି ପ୍ରଭାବିତ ଅଞ୍ଚଳରେ କମ୍ପାନୀ ଡିଏମ୍ଏଫ୍ ପାଣ୍ଠିରୁ ମଧ୍ୟ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଲହୁଣିପଡ଼ା ବ୍ଲକର ଖଣି ପ୍ରଭାବିତ ଅଞ୍ଚଳର ବିକଳ ଦୃଶ୍ୟ ଯେ କେହି ଦେଖିଲେ ବି ବିଚଳିତ ହୋଇ ପଡ଼ିବ। ଏହି ଅଞ୍ଚଳର ଲୋକେ କେଉଁଠି ପଥର ଫାଟରୁ ବାହାରୁଥିବା ପାଣି ପିଉଛନ୍ତି ତ ଆଉ କେଉଁଠି ଖଣି ଖାଦାନରୁ ବହି ଆସୁଥିବା ନାଳର ଦୂଷିତ ନାଳିପାଣି ସାଜିଛି ଏକମାତ୍ର ସାହାରା। ସୁନ୍ଦରଗଡ଼ ଜିଲ୍ଲାର ଖଣି ବହୁଳ ଶସ୍ୟକେଲା ପଞ୍ଚାୟତ ସହ ଭୂତୁଡ଼ା ପଞ୍ଚାୟତରେ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଦୃଶ୍ୟ। ଭୂତୁଡା ଗ୍ରାମ ପଞ୍ଚାୟତର ଭୂତୁଡା ଗ୍ରାମବାସୀ ନାଳର ନାଳିଆ ପ୍ରଦୂଷିତ ପାଣି ବ୍ୟବହାର କରୁଥିବା ଘଟଣା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ତେବେ ଖରା ଅଧିକ ହେଲେ ପଥରରୁ ପାଣି ବାହାରିବା ବନ୍ଦ ହୋଇଯାଉଛି। ଫଳରେ ଖଣି ଅଞ୍ଚଳରୁ ବୋହି ଆସୁଥିବା ପ୍ରଦୂଷିତ ନିଳିଆ ପାଣିକୁ ଗାଧୁଆପାଧୁଆ ସହ ପିଇବା ଏବଂ ରୋଷେଇରେ ବି ବ୍ୟବହାର କରୁଛନ୍ତି। ଦୈନିକ ହାଣ୍ଡି, ଗରା, ବାଲ୍‌ଟିରେ ଏହି ନାଳ ପାଣି ଭରି ନିଜ ଘରକୁ ନେଉଥିବା ଦେଖିବାକୁ ମିଳିଛି। ସେହିପରି ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବରସୁଆ ଅଞ୍ଚଳରେ ବି ସମାନ ଦୃଶ୍ୟ। ନାଳି ପାଣି ଭରା ନାଳରୁ ଗ୍ରାମବାସୀ ପ୍ରଦୂଷିତ ପାଣି ସଂଗ୍ରହ କରୁଛନ୍ତି। କାରୋ ନଦୀ ପଠାରେ ଚୁଆ ତିଆରି କରି ଚୁଆରୁ ପ୍ରଦୂଷିତ ନାଳି ପାଣି ସଂଗ୍ରହ କରୁଛନ୍ତି। ଯେଉଁ ପାଣିକୁ ଦେଖିଲେ ଭୟ ଲାଗୁଛି, ସେହି ପାଣିକୁ ଏମାନେ ଦୈନନ୍ଦିନ ବ୍ୟବହାର କରୁଛନ୍ତି। ଫଳରେ ଉକ୍ତ ଅଞ୍ଚଳର ଅଧିକାଂଶ ଲୋକ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ପାଣିକୁ ଗାଧୁଆପାଧୁଆରେ ବ୍ୟବହାର କରି ଚର୍ମ ରୋଗର ବି ଶୀକାର ହେଉଛନ୍ତି। ପୁରା ବାର ମାସ ଧରି ଅଞ୍ଚଳରେ ଜଳକଷ୍ଟ ଲାଗି ରହିଛି। ବରସୁଆଁ ଅଞ୍ଚଳର ଏଭଳି ସମସ୍ୟା ବର୍ଷ ବର୍ଷର। ଗ୍ରାମବାସୀ ଏହିପରି ଆଇରନ ଏବଂ କାଦୁଅ ମିଶ୍ରିତ ନାଳି ପାଣି ଭରା ନାଳରୁ ପାଣି ନେଉଛନ୍ତି। ସେଇ ଗୋଟିଏ ନାଳରେ ଗାଧୁଆ ଏବଂ ସେଇ ନାଳର ପାଣିକୁ ପିଇବା ପାଇଁ ବ୍ୟବହାର କରିବା ଘଟଣା ସମସ୍ତେ ଜାଣିଥିଲେ ବି କାହାର ନିଘା ନାହିଁ। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ଏବେ ବି ବିକାଶ ଅପହଞ୍ଚ।

# ସେଲ୍ ଅଧ୍ୟକ୍ଷଙ୍କ ସହ ସିଆଇଟିୟୁ ନେତୃତ୍ୱର ଆଲୋଚନା

ରାଉରକେଲା, ୨୬।୬(ସମିସ): ସେଲ୍‌ର ନୂତନ ଅଧ୍ୟକ୍ଷ ଡକ୍ଟର ଅଶୋକ ପଣ୍ଡାଙ୍କ ରାଉରକେଲା ପରିଦର୍ଶନ ଅବସରରେ ସିଆଇଟିୟୁ ତରଫରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ସୌଜନ୍ୟମୂଳକ ସାକ୍ଷାତ ସହ ଦାବିପତ୍ର ପ୍ରଦାନ କରି ଆଲୋଚନା କରାଯାଇଥିଲା। ତାଙ୍କ ନେତୃତ୍ୱରେ ସେଲ୍‌ଫ ତାର ସର୍ବଶ୍ରେଷ୍ଠ ଉତ୍ପାଦନ ସହ ଲକ୍ଷାଧିକ କୋଟି ଟଙ୍କାର ଆର୍ଥିକ କାରବାର କରିଛି। କିନ୍ତୁ ପରିତାପର ବିଷୟ ଏପର୍ଯ୍ୟନ୍ତ ଏନ୍‌ଜେସିଏସ୍ ଚୁକ୍ତିନାମା ହୋଇପାରିନାହିଁ। ତେଣୁ ତୁରନ୍ତ ଏନଜେସିଏସ୍ ଡାକି ୩୯ ମାସର ଏରିଅର ପ୍ରଦାନ ସହ ଚୁକ୍ତିନାମା ଶେଷ କରିବାକୁ ଅଧ୍ୟକ୍ଷ ଡକ୍ଟର ପଣ୍ଡାଙ୍କୁ ଅନୁରୋଧ କରାଯାଇଥିଲା। ସଂଖ୍ୟାଧିକ ବଦଳରେ ଏନଜେସିଏସ୍ ସଂହିତା ଅନୁଯାୟୀ ସହମତି ଆଧାରରେ ଚୁକ୍ତିନାମା କରିବାକୁ ସିଆଇଟିୟୁ ଦାବି କରିଥିଲା। ଏହାମଧ୍ୟରେ ରାଉରକେଲାର ଆଧୁନିକୀକରଣର ପ୍ରକ୍ରିୟା ସନ୍ତୋଷଜନକ ଏବଂ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ଆଲୋଚନା କରାଯାଇଥିଲା। ସେଲ୍ ତଥା ଖଣି ଅଞ୍ଚଳର ଘରୋଇକରଣ ବନ୍ଦ କରିବା ସହ ରାଉରକେଲାର ସହର ସେବା ବିଦ୍ୟାଳୟ ତଥା ଆଇଜିଏଚ୍‌ର ଘରୋଇକରଣ ପ୍ରକ୍ରିୟା ବନ୍ଦ କରିବାକୁ ଦାବି କରାଯାଇଥିଲା। ଆଇଜିଏଚର ଉନ୍ନତୀକରଣ ସହ ଆପୋଲୋ ବଦଳରେ ସୁପର ସ୍ପେସାଲିଟି ହସ୍ପିଟାଲ ଆଇଜିଏଚ୍ ପରିଚାଳନା କରାଯିବାକୁ ଦାବି କରାଯାଇଥିଲା। ଏହାସହ ସେକ୍ଟର ଅଞ୍ଚଳ ବିକାଶ ସହ ଖଣି ଅଞ୍ଚଳର ରାସ୍ତାଘାଟ, ଘର ଓ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବା, ଠିକା ଶ୍ରମିକମାନଙ୍କୁ କେନ୍ଦ୍ର ସରକାରଙ୍କର ସର୍ବନିମ୍ନ ମଜୁରୀ ପ୍ରଦାନ, ଦୈନିକ ୮ ଘଣ୍ଟା କାର୍ଯ୍ୟ, ଚାକିରିର ସୁରକ୍ଷା ପାଇଁ ଆଲୋଚନା କରାଯାଇଥିଲା। ଅବସର ଶ୍ରମିକ ଲାଇସେନ୍ସରେ ନେଇଥିବା କ୍ୱାର୍ଟର୍ସ ଓ ଦ୍ୱିତୀୟ ୟୁନିଟ୍ କ୍ୱାର୍ଟର୍ସ ଖାଲି କରିବାକୁ ଜାରି ସର୍କୁଲାରକୁ ପ୍ରତ୍ୟାହାର କରିବା ସହ ଏହାର ସ୍ଥାୟୀ ସମାଧାନ କରାଯିବା, ଖାଲି କ୍ୱାର୍ଟର୍ସ ଓ ଖାଲି ସ୍ଥାନକୁ ଗ୍ରହଣୀୟ ହାରରେ ଅବସର ଶ୍ରମିକଙ୍କୁ ଦେବାକୁ ଦାବି କରାଯାଇଥିଲା।

ଆଲୋଚନାରେ ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମା, ତରୁଣ ମିଶ୍ର ଇଡିଏଚ୍‌ଆର ଓ ବରିଷ୍ଠ ଅଧିକାରୀଙ୍କ ସହ ସାଧାରଣ ସମ୍ପାଦକ ବସନ୍ତ ନାୟକ, ଆରସିଡବ୍ଲ୍ୟୁର ସାଧାରଣ ସମ୍ପାଦକ ବିମାନ ମାଇତି, ଜୀବନ ବରିହା ଓ ଯଜ୍ଞେଶ୍ୱର ସାହୁ ପ୍ରମୁଖ ଆଲୋଚନା କରିଥିଲେ। ସେଲ୍ କର୍ତ୍ତୃପକ୍ଷ ଏହି ବିଷୟରେ ଦୃଷ୍ଟି ଦେବାକୁ ଆଶ୍ୱାସନା ଦେଇଥିଲେ।

# ଟଙ୍କା ନ ଦେବାରୁ ବୃଦ୍ଧ ଓ ଭିନ୍ନକ୍ଷମଙ୍କୁ ମୁଖ୍ୟମନ୍ତ୍ରୀ ବସ୍‌ରୁ ଓହ୍ଲାଇ ଦେଲେ କଣ୍ଡକ୍ଟର

● କଣ୍ଡକ୍ଟର ନିଲମ୍ବିତ, ତଦନ୍ତ ଆରମ୍ଭ

କୋଇଡ଼ା, ୨୬।୬(ସମିସ): ଟଙ୍କା ନଦେବାରୁ କୋଇଡ଼ାରୁ ଚୋରଧରା ଆସୁଥିବା ମୁଖ୍ୟମନ୍ତ୍ରୀ ବସ୍‌ରୁ ଜଣେ ଭିନ୍ନକ୍ଷମ ଓ ଜଣେ ବୃଦ୍ଧଙ୍କୁ ଓହ୍ଲାଇ ଦେଇଛି କଣ୍ଡକ୍ଟର। କଲଟାଠାରୁ ଜାମୁଡିହି ସାପ୍ତାହିକ ବଜାର ଯିବାକୁ ବସ୍‌ରେ ଉଭୟେ ଚଢ଼ିଥିଲେ। ସେମାନେ ମଦ୍ୟପାନ କରିଥିବା ସହ ଟଙ୍କା ନଦେବାରୁ କଣ୍ଡକ୍ଟର୍ ତାଙ୍କୁ ଜାମୁଡିହି ପରିବର୍ତ୍ତେ ତୋଡ଼ା ଠାରେ ଓହ୍ଲାଇ ଦେଇଥିଲେ। ଯାହାର ଭିଡିଓ



ଭାଇରାଲ୍ ପରେ ତଦନ୍ତ ପାଇଁ ୫ ଜଣିଆ ଟିମ୍ ଗଠନ ହୋଇଛି। କଣ୍ଡକ୍ଟର ଆଜାଦ୍ ସିଂକୁ ଓଏସଆରଟିସି ସଂସ୍ଥା ନିଲମ୍ବିତ କରିଛି। କୋଇଡା ବିଡିଓ ରଶ୍ମିରେଖା ପାତ୍ର ତଦନ୍ତ ରିପୋର୍ଟ ମାଗିବା ସହ କେ.ବଲାଙ୍ଗ ଥାନା ଅଧିକାରୀ ଘଟଣାର ତଦନ୍ତ ଚଳାଇଛନ୍ତି।

# ରାଜେଶ ମହାପାତ୍ର ହେବେ ଆର୍‌ଡିଏ ଅଧ୍ୟକ୍ଷ!

● ମୁଖ୍ୟମନ୍ତ୍ରୀଙ୍କୁ ସୁପାରିସ କଲେ ଜୁଏଲ୍

ରାଉରକେଲା, ୨୬।୬(ସମିସ): ରାଉରକେଲା ଉନ୍ନୟନ ପ୍ରାଧିକରଣ (ଆର୍‌ଡିଏ)ର ଅଧ୍ୟକ୍ଷ ହେବେ ଯୁବ ନେତା ତଥା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ସଭାପତି ରାଜେଶ ମହାପାତ୍ର। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ତାଙ୍କ ନାମ ସୁପାରିସ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି। ଜୁଏଲଙ୍କ ଏହି ଚିଠି ପରେ ବିଜେପି କର୍ମୀ ଓ ନେତୃମଣ୍ଡଳୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତ ୧ ଜୁନ୍ ୨୦୨୬ରେ ମୁଖ୍ୟମନ୍ତ୍ରୀଙ୍କୁ ସାଂସଦ ଓରାମ ଲେଖିଥିବା ଏହି ଚିଠିରେ ରାଜେଶ ମହାପାତ୍ରଙ୍କ ନେତୃତ୍ୱରେ ରାଉରକେଲା ସହରରେ ଯୋଜନାବଦ୍ଧ ସହରୀ ବିକାଶକୁ ନୂତନ ଗତି ମିଳିବ ଏବଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ପ୍ରଭାବଶାଳୀ କାର୍ଯ୍ୟକାରିତା ସୁନିଶ୍ଚିତ ହେବ ବୋଲି ଉଲ୍ଲେଖ କରିଛନ୍ତି। ତେବେ ଏହି ସୁପାରିସ ଚିଠି ସାମ୍ନାକୁ ଆସିବା ପରେ ବିଜେପି ଦଳ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦଳର ଅନେକ କର୍ମୀ ଅଭିଯୋଗ କରିଛନ୍ତି ଯେ, ୨୦୨୪ ବିଧାନସଭା ନିର୍ବାଚନ ସମୟରେ ରାଜେଶ ମହାପାତ୍ର ରାଉରକେଲା ଆସନରେ ବିଜେପି ପ୍ରାର୍ଥୀ ଦିଲୀପ ରାୟଙ୍କ ବିରୋଧରେ ଏବଂ ରଘୁନାଥପାଲି ଆସନରେ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ କାର୍ଯ୍ୟ କରିଥିଲେ। ଏଭଳି ବ୍ୟକ୍ତିଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପଦ ପାଇଁ ସୁପାରିସ କରାଯିବା ଦଳ ପାଇଁ ଦୀର୍ଘଦିନ ଧରି କାମ କରୁଥିବା ନିଷ୍ଠାବାନ କର୍ମୀମାନଙ୍କ ପ୍ରତି ଅବହେଳା ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।

ବିଜେପି ମହଲରେ ଏହା ମଧ୍ୟ ଚର୍ଚ୍ଚା ହେଉଛି ଯେ, ରାଜେଶଙ୍କୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ପୂର୍ବରୁ ଅସନ୍ତୋଷ ରହିଥିଲା। ଏପରି ପରିସ୍ଥିତିରେ କେନ୍ଦ୍ରମନ୍ତ୍ରୀଙ୍କ ସୁପାରିସ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେହିପରି ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ଦଳର ବରିଷ୍ଠ ନେତା ଧିରେନ ସେନାପତି ଦଳୀୟ ଟିକଟ ପାଇଁ ଆଶାୟୀ ପ୍ରାର୍ଥୀ ଥିବା ଏବଂ ଦଳର କର୍ମୀ ନେତାମାନେ ତାଙ୍କୁ ଚାହୁଁଥିଲା ବେଳେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଓରାମ ଧିରେନ ସେନାପତିଙ୍କ ନାମକୁ ଅଣଦେଖା କରି ନିହାର ରାୟଙ୍କ ନାମ ସୁପାରିଶ କରିଥିଲେ। ନିହାର ଦଳୀୟ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ଏବେ ମଧ୍ୟ ଆରଡିଏ ଅଧ୍ୟକ୍ଷ ପଦବୀ ପାଇଁ ବରିଷ୍ଠ ନେତା ଧିରେନ ସେନାପତିଙ୍କ ନାମ ଚର୍ଚ୍ଚାରେ ଥିବାବେଳେ ପୁନର୍ବାର ସାଂସଦ ଓରାମ ଧିରେନଙ୍କ ନାମକୁ ଅଣଦେଖା କରି ରାଜେଶ ମହାପାତ୍ରଙ୍କ ନାମ ସୁପାରିସ କରିଥିବାରୁ କେନ୍ଦ୍ର ମନ୍ତ୍ରୀଙ୍କ ଏତାଦୃଶ ନିଷ୍ପତିକୁ ଚାରିଆଡେ କର୍ମୀମାନେ ନାପସନ୍ଦ କରୁଥିବା ସୂଚନା ମିଳିଛି।

# ବଣାଇଁରେ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ



ବଣାଇଁ, ୨୬।୬(ସମିସ): ଚଳିତ ବର୍ଷ ବଣାଇଁରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ରଥ ନିର୍ମାଣ କାର୍ଯ୍ୟର ଶୁଭ ଅନୁକୂଳ କରାଯାଇଛି। ପୂଜକ ସନ୍ତୋଷ ଷଡ଼ଙ୍ଗୀ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ପରେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ଆରମ୍ଭ ହୋଇଥିଲା। ରଥ ନିର୍ମାଣ ସହ ଜଡ଼ିତ କାରିଗର, ସେବାୟତ ଏବଂ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ମହାପ୍ରଭୁଙ୍କ ନିକଟରେ ରଥଯାତ୍ରାର ସଫଳ ଆୟୋଜନ ପାଇଁ ପ୍ରାର୍ଥନା କରିଥିଲେ।

# କୋଇଡ଼ାଠାରେ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ

କୋଇଡା, ୨୬।୬(ସମିସ): କୋଇଡ଼ା ଶିଳ୍ପ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଓଡ଼ିଶା ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ନୀତି ଏବଂ ଏହା ଦ୍ୱାରା ଉପଲବ୍ଧ ହେଉଥିବା ସ୍ୱରୋଜଗାର ଓ ଉଦ୍ୟୋଗୀତା ସୁଯୋଗ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବଣାଇଁ ବିଧାୟକଙ୍କ ପ୍ରତିନିଧି ପ୍ରଭାତ ପଣ୍ଡା ଏବଂ ସୁନ୍ଦରଗଡ଼ ସାଂସଦଙ୍କ ପ୍ରତିନିଧି ଚେତନଦୀପ ନାଏକ ଅତିଥି ଓ କୋଇଡା ଡିଗ୍ରୀ କଲେଜର ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଯୁବକ ଓ ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ବିଭିନ୍ନ ଉଦ୍ୟୋଗୀତା ଓ ସ୍ୱରୋଜଗାର ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ବକ୍ତାମାନେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ରହିଥିବା ବ୍ୟବସାୟିକ ସମ୍ଭାବନା, ସରକାରୀ ପ୍ରୋତ୍ସାହନ, ଋଣ ସୁବିଧା ଓ ପ୍ରଶିକ୍ଷଣ ବ୍ୟବସ୍ଥା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଆଇଟିଆଇର ଛାତ୍ରଛାତ୍ରୀ, ଶିକ୍ଷକ ଓ ସ୍ଥାନୀୟ ଯୁବକମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହିଥିଲେ।



ଶେଷରେ ଅତିଥିମାନେ ଯୁବପିଢ଼ୀଙ୍କୁ ଦକ୍ଷତା ବିକାଶ ସହିତ ନୂତନ ବ୍ୟବସାୟିକ ସୁଯୋଗକୁ ଗ୍ରହଣ କରି ଅଞ୍ଚଳର ଆର୍ଥିକ ବିକାଶରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ।

# ବିଜେଡି ପକ୍ଷରୁ ରକ୍ତଦାନ ଶିବିର; ୫୪ ୟୁନିଟ୍ ସଂଗୃହୀତ

ବଣାଇଁ, ୨୬।୬(ସମିସ): ବିଜୁ ଜନତା ଦଳ ରାଉରକେଲା ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ୫୪ତମ ଜନ୍ମଦିବସ ଅବସରରେ ବଣାଇଁ ପିଏଆଇଟିଡିଏ ସଭାକକ୍ଷରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଠାରେ ମୋଟ ୫୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।



ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଫିତା କାଟି ଶିବିରର ଉଦ୍‌ଘାଟନ କରିଥିଲେ। ବିଜେଡିର ବରିଷ୍ଠ ନେତା ଶ୍ରୀଚରଣ ମହାନ୍ତି, ଜୟନ୍ତ ମିଶ୍ର, ରାକେଶ ନାୟକ, ଯୁବ ସଭାପତି ପଙ୍କଜ ଜୟସ୍ୱାଲ, ରଞ୍ଜିତ କିଷାନ, ରଘୁନାଥ ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ବଣାଇଁଗଡ଼ ବ୍ଲକ ସଭାପତି ବାଣେଶ୍ୱର ସାହୁ, ଲହୁଣୀପଡ଼ା ବ୍ଲକ ସଭାପତି ଗୁରୁଚରଣ ସ୍ୱାଇଁ, ଶ୍ୱେତବସନ୍ତ ବିଶ୍ୱାଳ, ଅଜୟ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସୁଶୀଳା ନାୟକଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ। ଶିବିରର ଆୟୋଜନରେ ଯୁବ ନେତା ରୋହିତାଶ୍ୱ ମିଶ୍ରଙ୍କ ନେତୃତ୍ୱରେ କେଦାର ମହାନ୍ତ, ସୁମନ୍ତ ସାହୁ, ଭରତ ମାହାନ୍ତ, ଉମେଶ ରାୟ, ସିପୁନ ମିଶ୍ର, ସରୋଜ ମିଶ୍ର, ଲକ୍ଷ୍ମୀ ମାହାନ୍ତ, ରତ୍ନାକର ମହାନ୍ତ, ସନ୍ତୋଷ ମହାନ୍ତ, କାନ୍ଦୁରୁ କିସାନ, ପଙ୍କଜ ଦାଶ, ସିଲାଇ ମୁଣ୍ଡା, ଗୋପୀନାଥ ମୁଣ୍ଡାରୀ, ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଏଥିସହ ଅନ୍ୟାନ୍ୟ ଦଳୀୟ ନେତୃତ୍ୱ ଓ କର୍ମୀମାନେ ମଧ୍ୟ ଶିବିରକୁ ସଫଳ କରିବାରେ ସହଯୋଗ କରିଥିଲେ। ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ରକ୍ତଭଣ୍ଡାରର ଡାକ୍ତର ଭୋଲେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

**ଏମ୍‌ଟିଆଇର ‘ଜ୍ଞାନ ଉତ୍ସବ’**

# ଆର୍‌ଏସ୍‌ପିର ପ୍ରଥମ ସ୍ଥାନ ଗ୍ରହଣ

ରାଉରକେଲା, ୨୬।୬(ସମିସ)




ସେଲ୍‌ର ସର୍ବୋଚ୍ଚ ଶିକ୍ଷା ଓ ବିକାଶ ପ୍ରତିଷ୍ଠାନ ମ୍ୟାନେଜମେଣ୍ଟ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ଦ୍ୱାରା ଆୟୋଜିତ ‘ଜ୍ଞାନ ଉତ୍ସବ: ଏଲ୍ ଆଣ୍ଡ ଡି କନକ୍ଲେଭ-୨.୦’ରେ ସେଲ୍ ରାଉରକେଲା ଇସ୍ପାତ କାରଖାନା ଏକ ପ୍ରମୁଖ ସଫଳତା ହାସଲକାରୀ ଭାବେ ଉଭା ହୋଇଛି। ୨୩ ଜୁନ୍‌ରୁ ୨୫ ଜୁନ୍ ପର୍ଯ୍ୟନ୍ତ ରାଞ୍ଚି ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ‘ମିଶନ କର୍ମଯୋଗୀ’ ଅଧୀନରେ ଭାରତ ସରକାରଙ୍କ କାପାସିଟି ବିଲଡିଂ କମିଶନର ସଦସ୍ୟ (ପ୍ରଶାସନ) ଡକ୍ଟର ଅଳକା ମିତ୍ତଲ ଉଦ୍‌ଘାଟନ କରିଥିବାବେଳେ ସେଲ୍‌ଫର ନିର୍ଦ୍ଦେଶକ (କାର୍ମିକ) କେ. କେ. ସିଂ ୨୩ ଜୁନ୍ ୨୦୨୬ରେ ଅନୁଷ୍ଠିତ ଉଦ୍‌ଯାପନୀ ଅଧିବେଶନରେ ସଭାପତିତ୍ୱ କରିଥିଲେ। ବୋକାରୋ ଇସ୍ପାତ କାରଖାନାର ଡିଆଇସି ପ୍ରିୟରଞ୍ଜନ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସେଲ୍‌ଫର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ.ଆର.ଡି) ସଞ୍ଜୟ ଧର ଉପସ୍ଥିତ ଥିଲେ।

ଆରଏସପି ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସେଲ୍‌ଫରେ ଲର୍ଣ୍ଣିଂ ଆଣ୍ଡ ଡେଭେଲପମେଣ୍ଟରେ ସର୍ବୋତ୍ତମ ଶୈଳୀ ବର୍ଗରେ ପ୍ରଥମ ସ୍ଥାନ ହାସଲ କରି ଉଲ୍ଲେଖନୀୟ ପ୍ରଦର୍ଶନ ରେକର୍ଡ କରିଛି। ଉଦ୍‌ଯାପନୀ ଅଧିବେଶନ ସମୟରେ କାରଖାନା ପକ୍ଷରୁ ମୁଖ୍ୟ ମହାପ୍ରବନ୍ଧକ (ଏଚ.ଆର - ଏଲ ଆଣ୍ଡ ଡି) ପ୍ରମୋଦ କୁମାର ସାହୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ଏହା ସହିତ ଆରଏସପି ବିଭିନ୍ନ ବ୍ୟକ୍ତିଗତ ବର୍ଗରେ ମଧ୍ୟ ପ୍ରଶଂସା ସାଉଁଟିଛି। ସହ ପ୍ରବନ୍ଧକ(ଏଲଆଣ୍ଡଡି) ଆଲୋକ ରଞ୍ଜନ ବେହେରା ଏବଂ ଜୟ ଚନ୍ଦ୍ର ପାତ୍ରଙ୍କୁ ଶିକ୍ଷା ଓ ବିକାଶମୂଳକ କାର୍ଯ୍ୟକ୍ରମରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ସ୍ୱୀକୃତି ଦିଆଯାଇଛି। ବରିଷ୍ଠ ପ୍ରବନ୍ଧକ (ନଗର ସେବା) ସୁଶ୍ରୀ ଅନ୍ନପୂର୍ଣ୍ଣା ବେହେରା ଏବଂ ସହ ପ୍ରବନ୍ଧକ (ଆର ଆଣ୍ଡ ସି ଲାବୋରେଟୋରୀ) ସୁଶ୍ରୀ ରାଜଲକ୍ଷ୍ମୀ ଆଚାର୍ଯ୍ୟଙ୍କୁ ‘ଆଇ.ଜି.ଓ.ଟି ଲିଡ୍ ଟ୍ରେନର୍’ ଭାବରେ ସେମାନଙ୍କର ମୂଲ୍ୟବାନ ଅବଦାନ ପାଇଁ ସମ୍ମାନିତ କରାଯାଇଛି।

ସେହିପରି ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ‘ଫ୍ୟୁଚର ସ୍କିଲ୍ସ ପ୍ରାଇମ’ ବର୍ଗରେ, ବରିଷ୍ଠ ପ୍ରବନ୍ଧକ (ଏନର୍ଜି ମ୍ୟାନେଜମେଣ୍ଟ) ହିମାଂଶୁ ମିଶ୍ର ଏବଂ ପ୍ରବନ୍ଧକ (ବି.ଓ.ଏମ /ଓ.ଜି.ଓ.ଏମ / ସି.ଏମ.ଏଲ.ଓ) ହରବିନ୍ଦର ସିଂଙ୍କୁ ନିରନ୍ତର ଶିକ୍ଷା ଗ୍ରହଣ ଏବଂ ଦକ୍ଷତା ବୃଦ୍ଧି ପ୍ରତି ସେମାନଙ୍କର ପ୍ରତିବଦ୍ଧତା ପାଇଁ ‘ଶୀର୍ଷ ଶିକ୍ଷାର୍ଥୀ’ ଭାବରେ ସ୍ୱୀକୃତି ଦିଆଯାଇଛି।

ଏହି ସଫଳତାକୁ ଆହୁରି ଆଗକୁ ନେଇ, ବର୍ଷ ୨୦୨୪-୨୫ ପାଇଁ ଲର୍ଣ୍ଣିଂ ଆଣ୍ଡ ଡେଭେଲପମେଣ୍ଟ କ୍ଷେତ୍ରରେ ଟି.ଆର୍.ଏମ୍. ବିଭାଗକୁ ଆର.ଏସ.ପି.ର ସର୍ବୋତ୍ତମ ବିଭାଗ ଭାବେ ବିବେଚିତ କରାଯାଇଛି। ଯାହାର ପୁରସ୍କାର ମହା ପ୍ରବନ୍ଧକ (ଟି.ଆର୍.ଏମ୍.) ମନୋଜ କୁମାର ଗ୍ରହଣ କରିଛନ୍ତି। ସେହିପରି ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଅଗ୍ନିଶମ ସେବା ବିଭାଗ ସମାନ ସ୍ୱୀକୃତି ଲାଭ କରିଛି। ଉପ ପ୍ରବନ୍ଧକ (ଅଗ୍ନିଶମ ସେବା) ଶୁଭବ୍ରତ ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏମ୍‌ଟିଆଇର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା।

● ଆଇଜିଏଚ୍ ଡାକ୍ତରଙ୍କ ସଫଳତା

# ସୁସ୍ଥ ହେଲେ ୨ ମାସ ଧରି କୋମାରେ ଥିବା ରୋଗୀ

ରାଉରକେଲା, ୨୬।୬(ସମିସ): ଉନ୍ନତ ଚିକିତ୍ସା ସେବା ଏବଂ ବହୁ ବିଭାଗୀୟ ସମନ୍ୱୟର ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରି ରାଉରକେଲା ଇସ୍ପାତ କାରଖାନା ଅଧୀନସ୍ଥ ଇସ୍ପାତ ଜେନେରାଲ ହସପିଟାଲର ଡାକ୍ତରମାନେ ଗମ୍ଭୀର ମସ୍ତିଷ୍କ ଆଘାତ ପରେ ୨ ମାସରୁ ଅଧିକ ସମୟ ଧରି କୋମାରେ ରହିଥିବା ୫୨ ବର୍ଷୀୟ ଜଣେ ରୋଗୀକୁ ସଫଳତାର ସହ ସୁସ୍ଥ କରିଛନ୍ତି।



ଉଲ୍ଲେଖଯୋଗ୍ୟ ଯେ, ଗୋବିନ୍ଦ ଲାକ୍ରା ଗତ ଏପ୍ରିଲ ୧୬ରେ ଏକ ଦୁର୍ଘଟଣାରେ ମୁଣ୍ଡରେ ଗମ୍ଭୀର ଆଘାତ ପରେ କୋମାକୁ ଚାଲିଯାଇଥିଲେ। ତାଙ୍କୁ ଆଇଜିଏଚ୍‌କୁ ଆଣାଯାଇଥିଲା। ଏମଆରଆଇ ପରେ ତାଙ୍କ ଡାହାଣ ପଟ ଫ୍ରଣ୍ଟୋ-ଟେମ୍ପୋରାଲ ଅଞ୍ଚଳରେ ଏକ ହାଇପରଏକ୍ୟୁଟ ଏକ୍ସଟ୍ରାଡ୍ୟୁରାଲ ହେମରେଜ୍ (ଗମ୍ଭୀର ରକ୍ତସ୍ରାବ) ଚିହ୍ନଟ ହୋଇଥିଲା। ଯାହା ବିପଦଜନକ ସହ ତୁରନ୍ତ ଅସ୍ତ୍ରୋପଚାର ଆବଶ୍ୟକ କରୁଥିଲା।

ରୋଗୀକୁ ଭେଣ୍ଟିଲେଟର ସହାୟତାରେ ରଖାଯାଇ ନ୍ୟୁରୋସର୍ଜରୀର ବରିଷ୍ଠ ବିଶେଷଜ୍ଞ ଡାକ୍ତର ମନୋଜ କୁମାର ଦେଓଙ୍କ ଦ୍ୱାରା ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଥିଲା। ଆନେସ୍ଥେସିଆରେ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୁକ୍ତା ପାଣିଗ୍ରାହୀ ଆନେସ୍ଥେସିଆ ସେବା ପ୍ରଦାନ କରିଥିଲେ ଓ ନର୍ସିଂ ଅଫିସର କମଳା କର ଅସ୍ତ୍ରୋପଚାରରେ ସହାୟତା କରିଥିଲେ।

ସଫଳ ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ସୁଶ୍ରୀ ଶିନି ଜର୍ଜ ଓ ଆଇସିୟୁ ଟିମ୍‌ର ତଦାରଖରେ ରଖାଯାଇଥିଲା। ପରେ ତାଙ୍କୁ ଧୀରେ ଧୀରେ ଭେଣ୍ଟିଲେଟରରୁ ମୁକ୍ତ କରାଯାଇ, ଶ୍ୱାସ ପ୍ରଶ୍ୱାସରେ ସହାୟତା ପାଇଁ ଏକ ଅସ୍ଥାୟୀ ଟ୍ରାକିଓଷ୍ଟୋମି କରାଯାଇଥିଲା ଏବଂ ପରେ ଅନ୍ୟ ଚିକିତ୍ସା ପାଇଁ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରାୟ ଦୁଇ ମାସ ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ। ସିଷ୍ଟର ଗୌରୀ, ସସ୍ମିତା, ରୀମା, ମନିଷା, ରୁବି, ସୋନିଆ ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ପ୍ରେମାନନ୍ଦ ସ୍ୱାଇଁ ଓ ତାଙ୍କ ଟିମ୍ ଦ୍ୱାରା ପ୍ରଦାନ କରାଯାଇଥିବା ଫିଜିଓଥେରାପି ଏବଂ ପୁନର୍ବାସ ତାଙ୍କ ଗତିଶୀଳତା ଓ କାର୍ଯ୍ୟକ୍ଷମତାର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ସକାଳ
THE SAKALA

# ସମ୍ପାଦକୀୟ



ଯୁଦ୍ଧ ମାନବ ସଭ୍ୟତାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବା ପୂର୍ବରୁ ମଣିଷ ଯୁଦ୍ଧର ସମସ୍ତ ସମ୍ଭାବନାକୁ ସମାପ୍ତ କରିଦେବା ଠିକ୍ ହେବ।
-ଜେ ଏଫ୍ କେନେଡ଼ି

## ଅଭିଭାବକତ୍ୱର ଦ୍ୱନ୍ଦ୍ୱ

ଆଇନ ପ୍ରଣୟନ କରିବା ପୂର୍ବରୁ ଏହାର ସର୍ବବ୍ୟାପୀ ପ୍ରଭାବ ସମୀକ୍ଷା ନ କରି ତରବରିଆ ଭାବେ କେବଳ ସଂଖ୍ୟାଗରିଷ୍ଠତା ବଳରେ ପାରିତ କରାଇ ନେବାର ପରିଣତି କ'ଣ ହୋଇପାରେ ତାହା ଏଆରଟି ଓ ସରୋଗେସୀ ଆଇନ ପରବର୍ତ୍ତୀ ଉପୁଜିଥିବା ଜଟିଳ ସମସ୍ୟା ଏବଂ ମାନବାଧିକାର, ବୈଧାନିକ ଓ ସାମ୍ବିଧାନିକ ବିବାଦକୁ ତର୍ଜମା କଲେ ବୁଝାପଡ଼ିଯିବ। ଏବେ ପରିସ୍ଥିତି ଏଭଳି ହେଲାଣି ଯେ ଆଇନଗତ ଦ୍ୱନ୍ଦ୍ୱକୁ ଏଡ଼ାଇବା ପାଇଁ ଯେଉଁ ଆଇନ ପ୍ରଣୟନ ହୋଇଥିଲା ତାହା ହିଁ ଏବେ ଖୋଦ୍ ନ୍ୟାୟିକ ଜାଲରେ ଛନ୍ଦି ହୋଇପଡ଼ିଛି। ଦିନକୁ ଦିନ ମାମଲା ବୋଝ ବଢ଼ିବାରେ ଲାଗିଛି। କେତେକ ମାମଲା ଆନ୍ତର୍ଜାତିକ ଆଇନ ସହିତ ଲଢ଼େଇ ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡ଼ୁଛି।

ପ୍ରାକୃତିକ କାରଣରୁ ଯେଉଁ ମହିଳାମାନେ ନିଜ ଗର୍ଭାଶୟରେ ନିଜ ସନ୍ତାନକୁ ଧାରଣ କରିବାକୁ ଅସମର୍ଥ ହୁଅନ୍ତି ସେମାନଙ୍କ ପାଇଁ ବିଜ୍ଞାନ ବରଦାନ ସାବ୍ୟସ୍ତ ହୋଇଛି। ଟେଷ୍ଟଟ୍ୟୁବ୍ ବେବି ପରେ ଏବେ 'ସରୋଗେସି ମଦର'(ଅନ୍ୟର ଭ୍ରୁଣକୁ ନିଜ ଗର୍ଭାଶୟରେ ରଖି ବିକଶିତ କରୁଥିବା ମହିଳା) ଏବଂ ଭ୍ରୂଣକୁ ଭଣ୍ଡାରଣ କରି ପରବର୍ତ୍ତୀ ସମୟରେ ସନ୍ତାନ ଜନ୍ମ କରିବାର ଯୋଜନା ଓ କୌଶଳ ଆଦୃତ ହେବାରେ ଲାଗିଛି। ଏପରିକି ବିଦେଶରେ ଏହା ଏକ ବ୍ୟବସାୟରେ ପରିଣତ ହୋଇଯାଇଛି। ଏହାଛଡ଼ା ଆଜିର ବ୍ୟସ୍ତବହୁଳ ଜୀବନରେ କର୍ମଜୀବୀ ମହିଳାମାନେ ମାତୃତ୍ୱର ଜଞ୍ଜାଳକୁ ଆଦରି ନେବାକୁ ଚାହୁଁ ନ ଥିବା ବେଳେ ସମ୍ପତ୍ତିର ଉତ୍ତରାଧିକାରୀ ଭାବେ ସେମାନେ ସନ୍ତାନସନ୍ତତି ଅପରିହାର୍ଯ୍ୟ ବୋଲି ମନେ କରୁଛନ୍ତି। ଏହି ପରସ୍ପର ବିରୋଧୀ ମାନସିକତା ଓ ବାଧ୍ୟବାଧକତାରୁ ଜନ୍ମ ନେଇଛି ସରୋଗେସି ମଦର ଓ ଭ୍ରୂଣ ଭଣ୍ଡାରଣ ଭଳି ଅଭିନବ ପରିକଳ୍ପନା।

ବିଜ୍ଞାନର ଏହି ବରଦାନ କିନ୍ତୁ ବିଭିନ୍ନ ଦେଶ ସମେତ ଭାରତରେ ମଧ୍ୟ ଆଇନଗତ ଜଟିଳତା ଓ ମାମଲା ବୋଝ ସୃଷ୍ଟି କରୁଥିବାରୁ ତାହାର ନିରାକରଣ ପାଇଁ ଭାରତ ସରକାର ୨୦୨୧ ମସିହାରେ 'ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍ନୋଲଜି(ରେଗୁଲେସନ୍) ଆକ୍ଟ'(ଏଆରଟି) ଓ 'ସରୋଗେସି(ରେଗୁଲେସନ୍) ଆକ୍ଟ' ପ୍ରଣୟନ କରିଛନ୍ତି, ଯାହା ୨୦୨୨ ଜାନୁଆରୀ ୨୫ ତାରିଖରୁ କାର୍ଯ୍ୟକାରୀ ହେଉଛି। ଏହାସତ୍ତ୍ୱେ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ମାମଲା ବୋଝମାନ ବଢ଼ିବାରେ ଲାଗିଛି। ମୁଖ୍ୟତଃ ଆଇନରେ ଥିବା ବୟସ ସୀମା ହିଁ ଏବେ ଅଧିକ ବିବାଦ ଓ ଜଟିଳତା ସୃଷ୍ଟି କରିଛି। ଏହାଛଡ଼ା ଆହୁରି କେତେକ ମାନବାଧିକାର ପ୍ରଶ୍ନ ଏଥିସହିତ ସ୍ୱତଃ ଯୋଡ଼ି ହୋଇଯାଉଛି।

ଏଆରଟି ଆଇନ ଅନୁଯାୟୀ ମହିଳାଙ୍କ ବୟସସୀମା ସର୍ବନିମ୍ନ ୨୧ ରୁ ସର୍ବୋଚ୍ଚ ୫୦ ବର୍ଷ ଏବଂ ପୁରୁଷଙ୍କ ବୟସସୀମା ସର୍ବନିମ୍ନ ୨୧ ରୁ ୫୫ ବର୍ଷ ହୋଇଥିବା ଆବଶ୍ୟକ। ସେହିପରି ସରୋଗେସୀ ଆଇନ ଅନୁଯାୟୀ ମହିଳାଙ୍କ ସର୍ବନିମ୍ନ ବୟସସୀମା ୨୩ - ୫୦ ବର୍ଷ ମଧ୍ୟରେ ଏବଂ ପୁରୁଷ କ୍ଷେତ୍ରରେ ୨୬- ୫୫ ବର୍ଷ ହେବା ବାଞ୍ଛନୀୟ। କିନ୍ତୁ ଏଠାରେ ଆଉ ଏକ ଆଇନଗତ ଜଟିଳତା, ଦ୍ୱନ୍ଦ୍ୱ ବା ବିବାଦ ଉଠିଛି। ଯେଉଁ ପୁରୁଷ ଓ ମହିଳାମାନେ ଏଆରଟି ଓ ସରୋଗେସୀ ଆଇନ ପାରିତ ହେବା ପୂର୍ବରୁ ସେମାନଙ୍କ ଡିମ୍ବାଣୁ ଓ ଶୁକ୍ରାଣୁର ଭଣ୍ଡାରଣ କରି ରଖିଛନ୍ତି ତାହାକୁ ଭ୍ରୂଣରେ ପରିବର୍ତ୍ତନ କରିବା ବେଳେ ଆଇନ ଅନୁମୋଦିତ ବୟସ ସୀମା ଲାଗୁ ହେବ କି ନାହିଁ? ଏଭଳି ଏକ ବିବାଦର ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟର ଡିଭିଜନ୍ ବେଞ୍ଚ ୨୦୨୫ ଅକ୍ଟୋବର ମାସରେ ଏକ ରାୟରେ କହିଥିଲେ ଯେ ଆଇନ ପ୍ରଣୟନ ପୂର୍ବରୁ ପିଛିଲା ଭାବେ ବୟସ କଟକଣା ଲାଗୁ ହୋଇପାରିବ ନାହିଁ। ପ୍ରଶ୍ନ ଓ ସମାଧାନ କେବଳ ଏତିକିରେ ସରିନାହିଁ। ଆଇନର ଗୋଟିଏ ଧାରାର ତର୍ଜମା ସହିତ ଅନ୍ୟ ଏକ ବିବାଦ ଓ ଦ୍ୱନ୍ଦ୍ୱ ଜନ୍ମ ନେଉଥିବାରୁ ଆଇନ କ୍ରମଶଃ ଜଟିଳ ହେଉଛି ଏବଂ ଏହାକୁ ଏବେ ସର୍ବୋଚ୍ଚ ନ୍ୟାୟାଳୟର ସମ୍ବିଧାନ ଖଣ୍ଡପୀଠକୁ ପଠାଇ ଦିଆଯାଇଛି।

ଏବେ ସମ୍ବିଧାନ ଖଣ୍ଡପୀଠରେ ବିଚାରାଧୀନ ଥିବା କେତେକ ପ୍ରଶ୍ନ ଏହିପରି - ଆଇନ ପ୍ରଣୟନ ପୂର୍ବରୁ ବୟସ ସୀମା ନିର୍ବିଶେଷରେ ଡିମ୍ବାଣୁ ଓ ଶୁକ୍ରାଣୁ ଦାନ ଦ୍ୱାରା ପ୍ରୟୋଗଶାଳାରେ ଭ୍ରୂଣ ଗଠିତ ହୋଇସାରିଥିଲେ ଭ୍ରୂଣ ବିକାଶ ବେଳେ ଅଭିଭାବକଙ୍କ ପାଇଁ ଆଇନର ବୟସ ସର୍ତ୍ତ ଲାଗୁ ହେବ କି ନାହିଁ? ଗ୍ୟାମେଟ୍ସ(ପ୍ରଜନନକ୍ଷମ କୋଷ) ଦାତାଙ୍କ ମୃତ୍ୟୁ ପରେ ଭ୍ରୂଣକୁ ବିକଶିତ କରାଯାଇପାରିବ କି ନାହିଁ? ଏବଂ ଏହାର ଉତ୍ତରାଧିକାର କାହା ପାଖରେ ରହିବ? କାରଣ ଏଆରଟି ଆଇନରେ ଗେମେଟ୍ ବା ଭ୍ରୂଣର ଉତ୍ତରାଧିକାର ବା ନୋମିନି ବ୍ୟବସ୍ଥାକୁ ବାରଣ କରାଯାଇଛି। ଭଣ୍ଡାରଣ ହୋଇଥିବା ଶୁକ୍ରାଣୁ ଓ ଡିମ୍ବାଣୁ ବା ଭ୍ରୂଣକୁ ଅନ୍ୟକୁ ଦାନ କରାଯାଇପାରିବ କି ନାହିଁ? ଏକ ଦୀର୍ଘ ଭବିଷ୍ୟତ ପାଇଁ ଭ୍ରୂଣ ଭଣ୍ଡାରଣ ହୋଇସାରିବା ପରେ ଯଦି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ହୁଏ, ତେବେ ଭ୍ରୂଣରୁ ଜନ୍ମ ନେବାକୁ ଥିବା ଶିଶୁର ଅଭିଭାବକ କିଏ ହେବ? ପୁଣି ଭଣ୍ଡାରଣ ହୋଇଥିବା ଭ୍ରୂଣର ବିକାଶ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଯଦି କୌଣସି ପକ୍ଷ(ସ୍ୱାମୀ କିମ୍ବା ସ୍ତ୍ରୀ) ଚୁକ୍ତିନାମାରୁ ଓହରି ଯାଆନ୍ତି(ଆଇନରେ ଏଭଳି ବ୍ୟବସ୍ଥା ରହିଛି) ତେବେ ତାହାକୁ କୌଣସି ପ୍ରୟୋଗଶାଳାରେ ବିକାଶ କରାଯାଇପାରିବ କି ନାହିଁ? ସେ କ୍ଷେତ୍ରରେ ଭ୍ରୂଣର ଅଭିଭାବକତ୍ୱ କିଏ ନେବ? ଯଦି ଅଭିଭାବକ ସ୍ଥିର ନ ହୁଏ ତେବେ ଭ୍ରୂଣଟିକୁ ନଷ୍ଟ କରି ଦିଆଯିବ କି? ଯଦି ସେଭଳି ହୁଏ ତେବେ ଭ୍ରୂଣ ହତ୍ୟା ଅପରାଧଭୁକ୍ତ ହେବ ନାହିଁ କି? ଏଆରଟି ଆଇନ ଅନୁଯାୟୀ, ଭ୍ରୂଣ ବିକଶିତ ହୋଇ ଶିଶୁ ରୂପରେ ଜନ୍ମ ନ ନେବା ପର୍ଯ୍ୟନ୍ତ ଜଣେ ମହିଳା ମାତୃତ୍ୱର ଦାବି କରିପାରିବ ନାହିଁ। କିନ୍ତୁ ଯଦି ଭ୍ରୂଣ ବିକାଶ ହେବା ପୂର୍ବରୁ ଛାଡ଼ପତ୍ର ପରି ସମସ୍ୟା ଆସେ ତେବେ ବିବାହିତାଙ୍କୁ ମାତୃତ୍ୱ ଅଧିକାରରୁ ବଞ୍ଚିତ କଲା ଭଳି ହେବ ନାହିଁ କି?

ସମସ୍ୟା ଏତିକିରେ ସରି ନାହିଁ। ଯଦି କୌଣସି ମହିଳା ଭାରତରେ ଭ୍ରୂଣ ଭଣ୍ଡାରଣ ପରେ ବିଦେଶ ଚାଲିଯାଇଛନ୍ତି ଏବଂ ଦୀର୍ଘବର୍ଷ ପରେ(ଆଇନ ପାରିତ ହେବା ପରେ) ପୁଣି ଭାରତରେ ସରୋଗେସୀ ଜରିଆରେ ସନ୍ତାନ ଜନ୍ମ କରିବାକୁ ଚାହୁଁଛନ୍ତି ସେଭଳି କ୍ଷେତ୍ରରେ ଏଆରଟି ଆଇନ ସମ୍ପୃକ୍ତ ମହିଳାଙ୍କ ଅନୁମତି ଦେଉ ନାହିଁ। ସେହିଭଳି ଛାଡ଼ପତ୍ର ହୋଇସାରିଥିବା ବା ସ୍ୱାମୀ ପରିତ୍ୟକ୍ତ ଜଣେ ମହିଳାଙ୍କ କ୍ଷେତ୍ରରେ ସରୋଗେସୀ ବା ଏଆରଟି ଜରିଆରେ ସନ୍ତାନ ଲାଭ ପାଇଁ ଅନୁମତି ଥିବା ବେଳେ ଜଣେ ସ୍ତ୍ରୀ ପରିତ୍ୟକ୍ତା ବା ଛାଡ଼ପତ୍ର ହୋଇଥିବା ପୁରୁଷ ବଂଶରକ୍ଷା ପାଇଁ ସେ ଅଧିକାର ପାଇପାରିବେ ନାହିଁ। ଏଆରଟି ଆଇନ ଆଧାରିତ ବୟସ ସୀମା ମଧ୍ୟରେ ଏକାଧିକ ଗେମେଟ୍ ଦାନ ଓ ଗ୍ରହଣ ହୋଇସାରିଥିଲେ ମଧ୍ୟ ଯଦି ଗୋଟିକର ବିଫଳତା ପରେ ଅନ୍ୟଟିର ପ୍ରୟୋଗ ବେଳକୁ ସମ୍ପୃକ୍ତ ଦମ୍ପତିଙ୍କ ମଧ୍ୟରୁ ଜଣଙ୍କର ମଧ୍ୟ ବୟସ ସୀମା ଅତିକ୍ରାନ୍ତ ହୋଇସାରିଥିବ ତେବେ ଭ୍ରୂଣ ବିକାଶ ପାଇଁ ଆଇନ ଅନୁମତି ଦେଉନାହିଁ। ଯଦି ଏକ ଦମ୍ପତି ଏକାଧିକ ଭ୍ରୂଣ ଭଣ୍ଡାରଣ କରି ରଖିଥା'ନ୍ତି ଏବଂ ସେଥିମଧ୍ୟରୁ ଗୋଟିକର ପ୍ରତିରୋପଣରେ ସଫଳତା ମିଳେ ବା ଶିଶୁ ଜନ୍ମ ନିଏ ତେବେ ଅନ୍ୟଗୁଡ଼ିକୁ କ'ଣ କରାଯିବ ସେହି ପ୍ରଶ୍ନର ଉତ୍ତର ମଧ୍ୟ ଆଇନରେ ନାହିଁ। ●

## ପାଞ୍ଚଘଣ୍ଟା ବନାମ୍ ପାଞ୍ଚଶହ ଟଙ୍କା

ଡ. ନିରଞ୍ଜନ ସାହୁ

ଦିଅଁ କହୁଁ କହୁଁ ପ୍ରତି ଓଡ଼ିଆଙ୍କ ଆଖିଆଗରେ ନାଚିଯାଏ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହର ସାଙ୍କେତିକ ରୂପ ଚକାଆଖି। ଭାବନା ଆରମ୍ଭ ହେଉଁ ହେଉଁ ଚକ୍ଷୁ ଲୋତକାପ୍ଲୁତ ହୁଏ। ଶହଶହ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଉତ୍କଳୀୟମାନଙ୍କ ହୃଦୟରେ ରହିଆସିଛନ୍ତି ମହାପ୍ରଭୁ। ବଡ଼ଦେଉଳର ରତ୍ନ ସିଂହାସନରେ ବସିଥିବା କାଳିଆଠାକୁରଙ୍କୁ ଦର୍ଶନର ଅଭିଳାଷ କେଉଁ ହିନ୍ଦୁର ବା ନାହିଁ?

ମାତ୍ର କାଳିଆଠାକୁରଙ୍କୁ ରତ୍ନବେଦୀରେ ଦର୍ଶନ କରିବା କିଛି ବର୍ଷ ହେଲା ହୋଇପଡ଼ିଛି ଅତ୍ୟନ୍ତ କଷ୍ଟସାଧ୍ୟ। ବୟସ ବଢ଼ିଲେ ଦିଅଁଙ୍କ ଦର୍ଶନ କରିବାର ଆଗ୍ରହ ବହୁଗୁଣ ବର୍ଦ୍ଧିତ ହୁଏ। ମାତ୍ର ବର୍ଷୀଆନମାନଙ୍କ ପାଇଁ ଶୃଙ୍ଖଳିତ ଦର୍ଶନର ଦୁର୍ମୂଲ୍ୟ ଅନୁଭବ ପାଇବାର ସମ୍ଭାବନା ହୋଇଯାଇଛି ଶୂନ୍ୟର ପାଖାପାଖି। ଦର୍ଶନାର୍ଥୀଙ୍କ ଭିଡ଼କୁ ଶୃଙ୍ଖଳିତ କରିବା ପାଇଁ ଯେ ପ୍ରୟାସ କରାଯାଇନାହିଁ, ତାହା ନୁହେଁ। ମାତ୍ର ଫଳ ହୋଇଛି ନିତାନ୍ତ ନୈରାଶ୍ୟଜନକ। ଶ୍ରୀଜଗନ୍ନାଥ ଧାମରେ ଦର୍ଶନକୁ ଶୃଙ୍ଖଳିତ ଓ ସମନ୍ୱିତ କରିବା ପାଇଁ ହୋଇଥିବା ପ୍ରଚେଷ୍ଟା ଉପରେ ଅତୀତରେ ଆକ୍ରମଣ ହୋଇଛି ବାରମ୍ବାର। ସବୁ ସଂସ୍କାରକୁ ସାଧାରଣତଃ ବିରୋଧ କରାଯାଇଥାଏ। ଏହା ଏକ ସଚରାଚର ଦୃଶ୍ୟ। ପ୍ରାୟ ଶହେ ବର୍ଷ ତଳେ ଯେତେବେଳେ ପୁରୀକୁ ବିଜୁଳି ଆଲୁଅ ଆସିଲା ସେତେବେଳେ ମନ୍ଦିର ବେଢ଼ାକୁ ଆଲୋକିତ କରିବା ପରି ଏକ ପ୍ରସ୍ତାବକୁ ମନ୍ଦିର ସହିତ ସଂପୃକ୍ତ ପାରିଷଦ ଓ ସେବାୟତମାନେ ପ୍ରବଳ ବିରୋଧ କରିଥିଲେ। ବିଗତ ସରକାର ବଡ଼ ଦେଉଳ ସାମ୍ନା ଏବଂ ନିକଟସ୍ଥ ଅଞ୍ଚଳକୁ ପରିଷ୍କାର ଓ ଉନ୍ମୁକ୍ତ ରଖିବାକୁ ଚେଷ୍ଟାକଲା ବେଳେ ମଧ୍ୟ ବହୁ ବିରୋଧର ସାମ୍ନା କରିଥିଲେ। ମାତ୍ର ଦୃଢ଼ ଇଚ୍ଛାଶକ୍ତି ଫଳରେ ତାହା ସମ୍ଭବ ହୋଇଥିଲା। ଧାଡ଼ି ଦର୍ଶନକୁ ମନ୍ଦିରର ସେବାୟତମାନେ ବିରୋଧକରି କହିଥିଲେ ଆମ ବଡ଼ଠାକୁରଙ୍କର ଏକ ଦର୍ଶନ ହେଉଛି ସାହାଣମେଳା। ତାହା ଧାଡ଼ି ଦର୍ଶନର ଠିକ୍ ବିପରୀତ। ସାହାଣମେଳା ଅର୍ଥ ହେଲା ଭିଡ଼ ସଂସ୍କୃତି। ଅର୍ଥାତ୍ ସେଠାରେ ଯେକୌଣସି କାର୍ଯ୍ୟ ବି ସମ୍ଭବ। ଠେଲାପେଲା ହେଲେ ବୃଦ୍ଧ, ମହିଳା, ବାଳକ / ବାଳିକାଙ୍କର ଅବସ୍ଥା କ'ଣ ହୋଇପାରେ ଆପଣ ଚିନ୍ତା କରନ୍ତୁ। ଇଂରାଜୀରେ ଏହାର ସମାନ ଅର୍ଥବୋଧକ ହୋଇପାରେ ଫ୍ରି ଫର ଅଲ୍। ମାତ୍ର ଏକ ସଭ୍ୟ ଜଗତ ସବୁବେଳେ ଆଶା କରେ ଭକ୍ତମାନଙ୍କ ପାଇଁ ଏକ ଶୃଙ୍ଖଳିତ ଓ ନିରୁପଦ୍ରୁତ ଦର୍ଶନ। ବର୍ତ୍ତମାନ ଅବସ୍ଥାରେ ସେ ପରିଦର୍ଶନ କହିଲେ ବୋଧହୁଏ ଆପଣ ଓ ମୁଁ ସମସ୍ତେ ଭାବିବା ତାହା କେବଳ ଭି.ଆଇ.ପି. ଦର୍ଶନ।

ଏବେ ଯଦି ଆପଣ ଧାଡ଼ିରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ ତା'ହେଲେ ହାରାହାରି ପାଞ୍ଚଘଣ୍ଟା ଲାଗିବ। ଗୁଗୁଲ ପଢ଼ି ଘଣ୍ଟେରୁ ଦୁଇଘଣ୍ଟାର ଅବଧି ଭିତରେ ହୋଇ ପାରୁଥିବା ଦର୍ଶନ କଥା ଭାବି ଧାଡ଼ିରେ ଠିଆ ହୋଇ ଆପଣ ଦୀର୍ଘଶ୍ୱାସ ଛାଡୁଥିବେ। ଧାଡ଼ିରେ ବି ଠେଲାପେଲାରୁ ନିସ୍ତାର ନାହିଁ। ମଝିରେ ମଝିରେ କୌଣସି ଅଜ୍ଞାତ କାରଣରୁ ଧାଡ଼ି ସ୍ଥିର ହୋଇ ରହିଯିବ। ଅନ୍ୟ ବିଶିଷ୍ଟ ମନ୍ଦିରରେ ଯେପରି ମଝିରେ ମଝିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ପରିବେଷଣର ବ୍ୟବସ୍ଥା ଅଛି, ଏଠାରେ ତା'ର ଅବସ୍ଥିତି ନଗଣ୍ୟ। ଧାଡ଼ି ମଧ୍ୟ ଠାକୁରଙ୍କ ନିକଟପର୍ଯ୍ୟନ୍ତ ପରିବ୍ୟାପ୍ତ ନୁହେଁ। ଧାଡ଼ି ଯେଉଁଠି ଶେଷ ହୋଇଛି ସେଠାରୁ ମାତ୍ର କେଇ ପାହୁଣ୍ଡର ଦୂରତା ସାତପାହାଚକୁ। ମାତ୍ର ସେତିକି ଧୈର୍ଯ୍ୟ କାହାରି ନାହିଁ ଯେମିତି! କିଛିଲୋକ ସେଇ ଦୌଡ଼ ଓ ଠେଲାପେଲାରେ ନିତିଦିନ ଆହତ ହୁଅନ୍ତି। ଭି.ଆଇ.ପିଙ୍କ ଆଗରେ ବିନମ୍ର ଆଜ୍ଞାଧୀନ ପରି ଆଚରଣ କରୁଥିବା ସେବାୟତମାନେ ଆମମାନଙ୍କ ପରି ସାଧାରଣ ଦର୍ଶନାର୍ଥୀଙ୍କ ଉପରେ କିପରି ବ୍ୟବହାର କରନ୍ତି ଆମ ଭିତରୁ ପ୍ରାୟ ସମସ୍ତେ ଅନୁଭବୀ।

ଆପଣଙ୍କୁ ଲାଗୁଥିବ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ଆସୁଥିବା ଭକ୍ତଙ୍କର ସଂଖ୍ୟା ଅତ୍ୟଧିକ ହେଉଥିବାରୁ ଯାହା ପ୍ରସ୍ତୁତି କଲେ ବି ତାହା ପର୍ଯ୍ୟାପ୍ତ ହେଉନାହିଁ। ପ୍ରାପ୍ତ ତଥ୍ୟ ଅନୁସାରେ ପର୍ବପର୍ବାଣୀକୁ ଛାଡ଼ିଦେଲେ ଶ୍ରୀଗଜନ୍ନାଥ ଦର୍ଶନ ପାଇଁ ପ୍ରତିଦିନ ଅନ୍ତତଃ ପଚାଶହଜାର ଲୋକ ଯାଆନ୍ତି। ମାତ୍ର ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ତିରୁପତି ବାଲାଜୀଙ୍କ ମନ୍ଦିରରେ ସେମିତି ସାଧାରଣ ଦିନରେ ଭକ୍ତଙ୍କ ସଂଖ୍ୟା ସତୁରୀହଜାରରୁ ଲକ୍ଷେ ଭିତରେ ଏବଂ ଗତବର୍ଷରୁ ଭକ୍ତଙ୍କ ପାଇଁ ଖୋଲିଥିବା ଶ୍ରୀରାମଜନ୍ମଭୂମି ଅଯୋଧ୍ୟାରେ ଦୈନିକ ଦର୍ଶନାର୍ଥୀ ସଂଖ୍ୟା ଲକ୍ଷେରୁ ଦେଢ଼ଲକ୍ଷ ଭିତରେ। ଯଦି ସେଠାରେ ଶୃଙ୍ଖଳିତ ଦର୍ଶନ ସମ୍ଭବ ହେଉଛି ପୁରୀ ମନ୍ଦିରରେ ତାହା ଅସମ୍ଭବ କାହିଁକି?

ପୁରୀ ମନ୍ଦିରରେ ସାଧାରଣ ଯାତ୍ରୀଟିଏ ଧାଡ଼ି ଦର୍ଶନରେ ଯାଇ ଫେରିବା ପରେ ତାଙ୍କର ଅନୁଭୂତି ବର୍ଣ୍ଣନା କଲେ ଆପଣ ତାଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବେ। ଆଉ ଏତିକି ବେଳେ ଆଉ ଜଣେ ନିଜର ବିରଳ ଦର୍ଶନର ଅନୁଭୂତି ବର୍ଣ୍ଣନା କରି ଆପଣଙ୍କୁ ପ୍ରଲୁବ୍ଧ କରିଦେବେ। ଅବିଶ୍ୱାସ ଲାଗୁଥିଲେ ବି ସତ ଯେ ଅନେକ ସେବାୟତ ବୋଲି ନିଜକୁ ପରିଚୟ ଦେଇ ପାଞ୍ଚଶହ ଟଙ୍କା ନେଇ ଯାତ୍ରୀଙ୍କୁ ସିଧା ନାଟମଣ୍ଡପରେ ଗରୁଡ଼ସ୍ତମ୍ଭ ପାଖରେ ପହଞ୍ଚାଇ ଦେଉଛନ୍ତି। ଏହା ଧାଡ଼ିଦର୍ଶନ କରି ଆପଣଙ୍କ ପରି ଆଜ୍ଞାବହଙ୍କ ପ୍ରତି କେଡ଼େ ବେଦନାଦାୟକ ତାହା ମନେ ପକାନ୍ତୁ। ଶ୍ରୀଜଗନ୍ନାଥ ମନ୍ଦିର କାହାରି ବ୍ୟକ୍ତିଗତ ସଂପତ୍ତି ନୁହେଁ, ଏହାର ପରିଚାଳନା ଦାୟିତ୍ୱ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ ଅନୁସାରେ ଓଡ଼ିଶା ସରକାର ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସମିତି ଉପରେ ନିର୍ଦ୍ଧାରିତ। ଯଦି ଦୈନିକ ଅନ୍ତତଃ ଚାଳିଶ ହଜାରରୁ ଅଧିକ ଲୋକ ଅଶାନ୍ତି ହୋଇ ଦର୍ଶନ ସାରି ଫେରୁଥିବେ ତା'ହେଲେ ତାହା ସରକାରକୁ କେତେ ଅସୁବିଧାରେ ପକାଇପାରେ ସେ ବିଷୟରେ ସରକାର କ'ଣ ସଚେତନ ନୁହନ୍ତି? ନା ତାଙ୍କଠାରେ ଦୃଢ଼ତାର ଘୋର ଅଭାବ!

ଦକ୍ଷିଣ ଭାରତରେ ଥିବା ବିଭିନ୍ନ ହିନ୍ଦୁ ମନ୍ଦିରରେ ସେବାୟତମାନେ ପୁରୁଷାନୁକ୍ରମିକ ଭାବରେ ସେବା ଦିଅନ୍ତି ନାହିଁ। ସେମାନେ ମାସିକ ଦରମାରେ ଚାକିରି କରୁଥିବାରୁ ଚାକିରି ଚାଲିଯିବାର ଭୟର ବାଧ୍ୟବାଧକତା ସେମାନଙ୍କୁ ଅଧିକ ଦାୟିତ୍ୱବାନ ଓ ଶୃଙ୍ଖଳାସମ୍ପନ୍ନ କରାଏ। ପୁରୀ ମନ୍ଦିରରେ ସେବାୟତମାନେ ପୁରୁଷାନୁକ୍ରମିକ ଭାବେ ନିୟୋଜିତ। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଜଗନ୍ନାଥ ମନ୍ଦିରର ସତ୍ତ୍ୱଲିପି ଅନୁସାରେ ମନ୍ଦିରରେ କାର୍ଯ୍ୟରତ ସେବାୟତଙ୍କ ସଂଖ୍ୟା ୨୧୩୦ ପ୍ରାୟ ଆଠଶହ ବର୍ଷତଳେ ଥିବା ଏହି ସଂଖ୍ୟା ଗତ ଶହଶହ ବର୍ଷ ଭିତରେ ବଢ଼ିବଢ଼ି ପଚାଶ ହଜାର ପାଖାପାଖି ପହଞ୍ଚିଲାଣି। ଦିନକୁ ମାତ୍ର ସତୁରୀ/ଅଶୀ ଜଣ ସେବାୟତଙ୍କୁ ସେବା କରିବାର ସୁଯୋଗ ମିଳେ। ତେଣୁ ମୂଳ ସେବାୟତ ବଂଶର ବହୁମୁଖୀ ବିଭାଜନ ଫଳରେ ସେମାନେ କାଁ ଭାଁ ସେବା କରିବାର ସୁଯୋଗ ପାଆନ୍ତି। ତେଣୁ ସେମାନଙ୍କ ଭିତରେ ଉଗ୍ରତା ପ୍ରକାଶ ପାଇବା ଏକ ମନସ୍ତାତ୍ତ୍ୱିକ ବାସ୍ତବତା। ଅନେକ ସାଧାରଣ ଲୋକଙ୍କ ବିଚାର ହେଲା ସେବାୟତମାନଙ୍କର ଏକାଧିକାର ବନ୍ଦ ନ ହେଲେ ମନ୍ଦିର ବ୍ୟାପାରକୁ ନିୟନ୍ତ୍ରଣ କରାଯାଇପାରିବ ନାହିଁ। ମାତ୍ର ଏକଥା ନିରାଟ ସତ ଯେ କୌଣସି ନିର୍ଦ୍ଦିଷ୍ଟ ସେବାୟତଙ୍କ ମନମୁଖି କାରବାର ପାଇଁ ରାଜ୍ୟସରକାର ନିନ୍ଦିତ ହୁଅନ୍ତି ଓ ଲଜ୍ଜିତ ହୁଅନ୍ତି। ମାତ୍ର କୌଣସି ମନସ୍ତାତ୍ତ୍ୱିକ କାରଣ ପାଇଁ ରାଜ୍ୟ ସରକାରମାନେ ସବୁବେଳେ ସେମାନଙ୍କ ପ୍ରତି କୋହଳ ମନୋଭାବ ଗ୍ରହଣ କରିଥା'ନ୍ତି। ଯାତ୍ରୀଙ୍କ ଅପମାନ ଓ ଉପେକ୍ଷା ତୁଳନାରେ ସେବାୟତଙ୍କ ଦୁର୍ଦ୍ଦଶା ତାଙ୍କୁ ବେଶୀ ଘାରେ।

ପାଞ୍ଚଶହ ଟଙ୍କା ନେଇ ବେଆଇନ ଭାବରେ ଦର୍ଶନ କରାଇଦେବା କଥା ଆଉ ଲୁଚାଛପା ଘଟଣା ହୋଇ ରହିନାହିଁ। ଏହା ଏକ ଅବିସମ୍ବାଦିତ ସତ୍ୟ। ତା'ଛଡ଼ା ବିଭିନ୍ନ ଗଣମାଧ୍ୟମରେ ଏବଂ ସାମାଜିକ ଗଣମାଧ୍ୟମରେ ଏହା ବାରମ୍ବାର ପ୍ରକାଶିତ ହୋଇଆସୁଛି। ମାତ୍ର ସରକାରଙ୍କଠାରୁ ଏପର୍ଯ୍ୟନ୍ତ କୌଣସି ସଶକ୍ତ ପଦକ୍ଷେପ ନିଆଯାଇ ପାରିନାହିଁ। ଯେଉଁମାନଙ୍କର ବୟସ ଅଧିକ ସେମାନଙ୍କ ପାଇଁ ଧାଡ଼ିରେ ଏତେ ସମୟ କଷ୍ଟ। ପୁଣି ଅନେକ ଅଛନ୍ତି ଯେଉଁମାନେ ପାଞ୍ଚଶହ ଟଙ୍କା ଦେବାକୁ ସକ୍ଷମ ନୁହନ୍ତି; ସେମାନେ ବହୁ ଦୂର ତାରଜାଲିରୁ ପତିତପାବନଙ୍କୁ ଦର୍ଶନ କରି ଆଖିର ଲୁହକୁ ସମର୍ପଣ କରି ମନସ୍ତାପରେ ଫେରନ୍ତି।

୨୦୧୮ ମସିହାରେ ମୃଣାଳିନୀ ପାଢ଼ୀ ବନାମ ଭାରତ ସରକାର ନାମକ ଏକ ପି.ଆଇ.ଏଲ୍ ଶୁଣାଣି କରି ପୁରୀ ମନ୍ଦିରର ଅବ୍ୟବସ୍ଥା, ଅନିୟମିତତା ଓ ତୀର୍ଥଯାତ୍ରୀଙ୍କୁ ଉତ୍ପୀଡ଼ନ ଉପରେ ମାନନୀୟ ସୁପ୍ରିମକୋର୍ଟ ଏକ ରିପୋର୍ଟ ତଲବ କରିଥିଲେ। ତତ୍କାଳୀନ ପୁରୀ ଜିଲ୍ଲାଜଜ୍ ପର୍ଯ୍ୟାୟକ୍ରମେ ପୁରୁଷାନୁକ୍ରମିକ ସେବାପୂଜାକୁ ଲୋପ କରିବାକୁ ସୁପାରିସ କରିଥିଲେ। ମାତ୍ର ମାନ୍ୟବର ସୁପ୍ରିମକୋର୍ଟ କିଛି ଦୂରଦର୍ଶୀ ସଂସ୍କାରମୂଳକ କାର୍ଯ୍ୟକ୍ରମ ନେବା ପାଇଁ ଓଡ଼ିଶା ସରକାରଙ୍କୁ ଦାୟିତ୍ୱ ଦେଇ ନିଜ ଦାୟିତ୍ୱ ସମାପ୍ତ କରି ଦେଇଛନ୍ତି। କେବେ ଓଡ଼ିଶା ସରକାର ତାଙ୍କ ଦାୟିତ୍ୱ ତୁଲେଇବେ, ତା'ଉପରେ ସମସ୍ତଙ୍କ ନଜର। କେବଳ ଆଶ୍ୱାସନା ଦେଇ ସରକାର କେତେଦିନ ପର୍ଯ୍ୟନ୍ତ ଲୋକଙ୍କୁ ଅଟକାଇ ପାରିବେ? ●

(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ)
ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

## ଖଣ୍ଡିତ ବିଦ୍ୟାଳୟ ବ୍ୟବସ୍ଥା ଓ ଶିକ୍ଷାଗତ ସଙ୍କଟ

ତପନ ସାହୁ

ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ ହେବା ପରେ ଦେଶରେ ଶିକ୍ଷାର ପରିସର ଅନେକ ବିସ୍ତାରିତ ହୋଇଛି। ତଥାପି ଖଣ୍ଡିତ ବିଦ୍ୟାଳୟ ବ୍ୟବସ୍ଥା ଓ ଶିକ୍ଷାଗତ ନିରନ୍ତରତାର ଅଭାବ ଶିକ୍ଷାର ମୌଳିକ ଢାଞ୍ଚାକୁ ଦୁର୍ବଳ କରିଚାଲିଛି। ଏହି ସମସ୍ୟା ନୀତି ନିର୍ଦ୍ଧାରକ ଓ ଶିକ୍ଷା ସହିତ ଜଡ଼ିତ ସମସ୍ତ ଅଂଶୀଦାରଙ୍କ ତରଫରୁ ଦୀର୍ଘମିଆଦୀ ଓ ତତ୍କାଳ ଧ୍ୟାନ ଦାବି କରୁଛି। ଭାରତର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ବିଭିନ୍ନ ସ୍ତରରେ ଖଣ୍ଡିତ ଥିବାରୁ ଶିକ୍ଷା ପ୍ରଦାନର ଗୁଣବତ୍ତା ଓ କାର୍ଯ୍ୟକ୍ଷମତା ପ୍ରଭାବିତ ହେଉଛି।

ନିତି ଆୟୋଗଙ୍କ 'ଭାରତରେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା: ଗୁଣବତ୍ତା ବୃଦ୍ଧି ପାଇଁ ସାମଗ୍ରିକ ବିଶ୍ଳେଷଣ ଏବଂ ନୀତି ମାର୍ଗଦର୍ଶିକା' ରିପୋର୍ଟ ଅନୁସାରେ, ଖଣ୍ଡିତ ବିଦ୍ୟାଳୟ ବ୍ୟବସ୍ଥା ଓ ଶିକ୍ଷାଗତ ଅସଙ୍ଗତିକୁ ବୁଝିବା ପାଇଁ ପାଞ୍ଚଟି ପ୍ରମୁଖ ଦିଗ ଗୁରୁତ୍ୱପୂର୍ଣ୍ଣ। ପ୍ରଥମତଃ, ଶିକ୍ଷା ପାଇଁ ଏକୀକୃତ ଜିଲ୍ଲା ସୂଚନା ପ୍ରଣାଳୀ(ୟୁଡାଇଜ୍ ପ୍ଲସ୍) ୨୦୨୪୨୫ ତଥ୍ୟ ଅନୁଯାୟୀ, ଭାରତରେ ପ୍ରାୟ ୭.୩ ଲକ୍ଷ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂଖ୍ୟା ମାତ୍ର ୧.୪ ଲକ୍ଷ। ଏହି ବିଶାଳ ଅସମାନତା ଶିକ୍ଷାର ପ୍ରାରମ୍ଭିକ ଓ ଉଚ୍ଚ ସ୍ତର ମଧ୍ୟରେ ଥିବା ବ୍ୟବଧାନକୁ ପ୍ରକାଶ କରେ। ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତରର ପୃଥକ ପୃଥକ ବିଦ୍ୟାଳୟ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କୁ ଶ୍ରେଣୀ ୫, ୮ ଓ ୧୦ ପରେ ବିଦ୍ୟାଳୟ ପରିବର୍ତ୍ତନ ପାଇଁ ବାଧ୍ୟ କରେ, ଯାହା ଅନେକ ସମୟରେ ଶିକ୍ଷା ଛାଡ଼ିବାର କାରଣ ହୋଇଥାଏ। ଚିନ୍ତାର ବିଷୟ ହେଉଛି, ଦେଶର କେବଳ ପ୍ରାୟ ୫ ପ୍ରତିଶତ ବିଦ୍ୟାଳୟ ଶ୍ରେଣୀ ୧ରୁ ୧୨ ପର୍ଯ୍ୟନ୍ତ ନିରନ୍ତର ଶିକ୍ଷାର ସୁବିଧା ପ୍ରଦାନ କରେ।

ଦ୍ୱିତୀୟତଃ, ଭାରତର ବହୁସଂଖ୍ୟକ ବିଦ୍ୟାଳୟରେ ଛାତ୍ର ସଂଖ୍ୟା ଅତ୍ୟନ୍ତ କମ୍। ଏକ-ତୃତୀୟାଂଶରୁ ଅଧିକ ବିଦ୍ୟାଳୟରେ ୫୦ରୁ କମ୍ ଛାତ୍ରଛାତ୍ରୀ ଅଛନ୍ତି। ପ୍ରାୟ ୫.୧ ପ୍ରତିଶତ ବିଦ୍ୟାଳୟରେ ୧୦ରୁ କମ୍ ଏବଂ ୮ ପ୍ରତିଶତ ବିଦ୍ୟାଳୟରେ ୧୧ରୁ ୨୦ ଜଣ ଛାତ୍ରଛାତ୍ରୀ ଅଛନ୍ତି। ଏପରି କ୍ଷୁଦ୍ର ବିଦ୍ୟାଳୟଗୁଡ଼ିକୁ ପରିଚାଳନା କରିବା ଅର୍ଥନୈତିକ ଭାବେ ଅକାର୍ଯ୍ୟକ୍ଷମ ଏବଂ ପ୍ରଶାସନିକ ଭାବେ କଠିନ ହୋଇପଡ଼େ। ତୃତୀୟତଃ, ଶିକ୍ଷକ ଅଭାବ ଆଜି ମଧ୍ୟ ଏକ ଗମ୍ଭୀର ସମସ୍ୟା। ୟୁଡାଇଜ୍ ପ୍ଲସ୍‌ର ୨୦୨୪-୨୫ ତଥ୍ୟ ଅନୁସାରେ, ଦେଶର ୧ଲକ୍ଷରୁ ଅଧିକ ବିଦ୍ୟାଳୟ କେବଳ ଜଣେ ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଛି, ଯାହା ସମୁଦାୟ ବିଦ୍ୟାଳୟର ୭ ପ୍ରତିଶତରୁ ଅଧିକ। ଏପରି ପରିସ୍ଥିତିରେ ଜଣେ ଶିକ୍ଷକଙ୍କୁ ଏକାଧିକ ଶ୍ରେଣୀକୁ ପଢ଼ାଇବା, ପ୍ରଶାସନିକ କାର୍ଯ୍ୟ ସମ୍ଭାଳିବା, ଅଭିଭାବକଙ୍କ ସହ ଯୋଗାଯୋଗ କରିବା ଓ ମଧ୍ୟାହ୍ନ ଭୋଜନ ଯୋଜନାର ତଦାରଖ କରିବାକୁ ପଡ଼େ। ଫଳରେ ଗୁଣାତ୍ମକ ଶିକ୍ଷାଦାନ ପ୍ରାୟ ଅସମ୍ଭବ ହୋଇପଡ଼େ।

ଚତୁର୍ଥତଃ, ଶୂନ୍ୟ-ନାମଲେଖା ବିଦ୍ୟାଳୟର ସଂଖ୍ୟା ମଧ୍ୟ ସଂସ୍ଥାଗତ କାର୍ଯ୍ୟକ୍ଷମତାକୁ ପ୍ରଭାବିତ କରୁଛି। ଦେଶରେ ପ୍ରାୟ ୭, ୯୯୩ଟି ବିଦ୍ୟାଳୟରେ କୌଣସି ଛାତ୍ରଛାତ୍ରୀ ନାହାନ୍ତି। ଏହାର ସଂଖ୍ୟା ପଶ୍ଚିମବଙ୍ଗ ଓ ତେଲଙ୍ଗାନା ପରି ରାଜ୍ୟରେ ଅଧିକ। ଓଡ଼ିଶାର ସ୍ଥିତି ତୁଳନାତ୍ମକ ଭାବେ ଭଲ ଥିଲେ ମଧ୍ୟ ରାଜ୍ୟରେ ଏବେ ମଧ୍ୟ ୩ଟି ଶୂନ୍ୟ-ନାମଲେଖା ବିଦ୍ୟାଳୟ, ୧, ୦୮୯ଟି ଏକକ-ଶିକ୍ଷକ ବିଦ୍ୟାଳୟ ଏବଂ ପ୍ରାୟ ୪୭, ୯୪୦ ଛାତ୍ରଛାତ୍ରୀ ଏପରି ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ପଞ୍ଚମତଃ, ଅସମାନ ନାମଲେଖା ଓ ସମ୍ବଳ ବଣ୍ଟନର ବିଷମତା ଶିକ୍ଷାର ଗୁଣବତ୍ତାକୁ କ୍ଷତିଗ୍ରସ୍ତ କରୁଛି। ଅନେକ ବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମି ଓ ମାନବ ସମ୍ବଳର ଅଭାବ ମଧ୍ୟ ରହିଛି। ଫଳରେ ଶିକ୍ଷକମାନେ ଏକକ କକ୍ଷରେ ବହୁ-ଶ୍ରେଣୀ ଶିକ୍ଷାଦାନ କରିବାକୁ ବାଧ୍ୟ ହେଉଛନ୍ତି। କିନ୍ତୁ ଅଧିକାଂଶ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବହୁ-ଶ୍ରେଣୀ ଶିକ୍ଷାଦାନ ପ୍ରଣାଳୀ ଉପରେ ପର୍ଯ୍ୟାପ୍ତ ଗୁରୁତ୍ୱ ଦିଆଯାଏ ନାହିଁ। ଏହାର ପରିଣାମ ସ୍ୱରୂପ ଶିକ୍ଷାର ଫଳାଫଳ ଅସମାନ ରହିଯାଏ।

ଏହି ସମସ୍ୟାଗୁଡ଼ିକର ସମାଧାନ ଓ ଛାତ୍ରଛାତ୍ରୀଙ୍କ ଶିକ୍ଷା ଛାଡ଼ିବା ହାର କମାଇବା ପାଇଁ ଗଠନମୂଳକ ସଂସ୍କାର ଅତ୍ୟାବଶ୍ୟକ। ସମନ୍ୱିତ ବିଦ୍ୟାଳୟ(କମ୍ପୋଜିଟ୍ ସ୍କୁଲ୍) ଏବଂ ପ୍ରମାଣ-ଆଧାରିତ ବିଦ୍ୟାଳୟ ପୁନର୍ଗଠନ ଏହାର ମୁଖ୍ୟ ଉପାୟ ହୋଇପାରେ। ପିରାମିଡ୍ ଆକୃତିର ଶିକ୍ଷା ବ୍ୟବସ୍ଥା ପରିବର୍ତ୍ତେ ଏକ ସିଲିଣ୍ଡର ଆକୃତିର ବ୍ୟବସ୍ଥା ଗଢ଼ି ଉଠିଲେ ଛାତ୍ରଛାତ୍ରୀମାନେ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଏକ ସମନ୍ୱିତ ପରିବେଶରେ ଶିକ୍ଷା ଗ୍ରହଣ କରିପାରିବେ ଏହି ପୁନର୍ଗଠନ ଜାତୀୟ ଶିକ୍ଷାନୀତି ୨୦୨୦ର ୫+୩+୩+୪ ପାଠ୍ୟକ୍ରମ ଢାଞ୍ଚାକୁ ସଫଳ ଭାବରେ କାର୍ଯ୍ୟକାରୀ କରିବା ସହିତ ଭିତ୍ତିଭୂମି, ଶିକ୍ଷକ ଓ ଶିକ୍ଷା ସମ୍ବଳର ସନ୍ତୁଳିତ ବଣ୍ଟନକୁ ସୁନିଶ୍ଚିତ କରିପାରିବ। ସେହିପରି, ଶିକ୍ଷାନୀତି୨୦୨୦ର ଧାରା ୭.୬ରେ ପ୍ରସ୍ତାବିତ ସ୍କୁଲ କମ୍ପ୍ଲେକ୍ସ ବ୍ୟବସ୍ଥାକୁ ମଧ୍ୟ କାର୍ଯ୍ୟକାରୀ କରିବା ଆବଶ୍ୟକ। ଏହି ମଡେଲରେ ଏକ ମାଧ୍ୟମିକ କିମ୍ବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହବ୍ ଭାବେ କାର୍ଯ୍ୟ କରିବ ଏବଂ ଏହାର ଚାରିପାଖରେ ୫ରୁ ୧୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ଅନ୍ୟ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଏହା ସହ ଯୋଡ଼ିତ ହେବେ।

ସ୍କୁଲ କମ୍ପ୍ଲେକ୍ସ ବ୍ୟବସ୍ଥା ଶିକ୍ଷାଗତ ନିରନ୍ତରତା, ସମାନ ସମ୍ବଳ ବଣ୍ଟନ ଓ ପ୍ରଶାସନିକ କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିପାରିବ। ଏହାଦ୍ୱାରା ବିଷୟଭିତ୍ତିକ ଶିକ୍ଷକ, ବିଜ୍ଞାନ ଓ ଆଇସିଟି ପରୀକ୍ଷାଗାର, ପୁସ୍ତକାଳୟ, କ୍ରୀଡ଼ା ସୁବିଧା ଓ ଧନ୍ଦାମୂଳକ ଶିକ୍ଷାର ଉତ୍ତମ ବ୍ୟବହାର ସମ୍ଭବ ହେବ। ଏହା ସହିତ ଶିକ୍ଷକମାନଙ୍କ ମଧ୍ୟରେ ପରସ୍ପର ଶିକ୍ଷା, ସହଯୋଗମୂଳକ ବୃତ୍ତିଗତ ବିକାଶ ଏବଂ ଅଧିକ ପ୍ରଭାବଶାଳୀ ନିରୀକ୍ଷଣ ବ୍ୟବସ୍ଥା ଗଢ଼ିଉଠିବ। ବିଶେଷକରି ଗ୍ରାମାଞ୍ଚଳ, ଦୁର୍ଗମ ଓ ଆଦିବାସୀ ଅଞ୍ଚଳରେ ଏହି ମଡେଲ ଅଧିକ ଉପଯୋଗୀ ସାବ୍ୟସ୍ତ ହୋଇପାରିବ। ଏହି ଆଲୋଚନା ଭାରତର ଶିକ୍ଷା ବ୍ୟବସ୍ଥାର ଅନେକ ସମସ୍ୟା ମଧ୍ୟରୁ କେବଳ ଗୋଟିଏ ଦିଗକୁ ଉପସ୍ଥାପନ କରିଛି। ଗଠନମୂଳକ ଖଣ୍ଡୀକରଣ ବ୍ୟତୀତ ଅନେକ ଶିକ୍ଷାଗତ, ପ୍ରଶାସନିକ ଓ ସାମାଜିକ-ଆର୍ଥିକ ବାଧା ମଧ୍ୟ ଶିକ୍ଷାର ସାମଗ୍ରିକ ଉନ୍ନତିକୁ ପ୍ରଭାବିତ କରୁଛି। ତେଣୁ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନ ସମୟରେ ଏହି ସମସ୍ତ ଦିଗକୁ ବିଚାର କରିବା ଅତ୍ୟାବଶ୍ୟକ, ଯାହା ଦ୍ୱାରା ଶିକ୍ଷାନୁଷ୍ଠାନଗୁଡ଼ିକର ସାମଗ୍ରିକ ବିକାଶ ଏବଂ ଦେଶବ୍ୟାପୀ ଶିକ୍ଷାର ଫଳାଫଳର ଉନ୍ନତି ସୁନିଶ୍ଚିତ ହୋଇପାରିବ। ●

(ଅଧ୍ୟାପକ, ଲକ୍ଷ୍ମୀନାରାୟଣ କଲେଜ୍)
ଝାରସୁଗୁଡ଼ା, ମୋ: ୮୨୪୯୪୦୩୩୧

## ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

ଓଡ଼ିଶାର ବୌଦ୍ଧ ପରମ୍ପରା

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଭାରତୀୟ ପରମ୍ପରାର କ୍ଷେତ୍ର ବିସ୍ତାର ନୀତିକୁ ଅଶୋକ ସ୍ପଷ୍ଟ ଭାବରେ ପରିତ୍ୟାଗ କରିଥିବାରୁ ଏହା ଆଶ୍ଚର୍ଯ୍ୟ ଲାଗିପାରେ ଯେ ସେ କାହିଁକି କଳିଙ୍ଗକୁ ତା'ର ପୂର୍ବ ସ୍ୱାଧୀନତା ଫେରାଇ ଦେଇ ନ ଥିଲେ, ଅର୍ଥାତ୍ କଳିଙ୍ଗକୁ ସ୍ୱତନ୍ତ୍ର କରି ନ ଥିଲେ। ଏଠାରେ ଦର୍ଶାଇବାକୁ ହେବ ଯେହେତୁ ଅଶୋକ ଯୁଦ୍ଧ ନୀତି ପରିତ୍ୟାଗ କରିଥିଲେ, ତେଣୁ କଳିଙ୍ଗକୁ ପୁଣି ସ୍ୱାଧୀନ କରିଦେବା ଉଚିତ ଥିଲା, କିନ୍ତୁ ସେ ତାହା କଲେନାହିଁ। କିନ୍ତୁ ଏଭଳି ଅନେକ ସଙ୍କେତ ତଥା ପ୍ରମାଣ ରହିଛି ଯେ ନିଜର ନୂତନନୀତି (ଧର୍ମନୀତି/ଅହିଂସା) ସତ୍ତ୍ୱେ ଅଶୋକ ନିଜର ସାମ୍ରାଜ୍ୟବାଦୀ ଅଭିଳାଷ ଛାଡ଼ି ନଥିଲେ ଏବଂ ନୂତନ ନୀତି ଗ୍ରହଣ କରିବା ପୂର୍ବରୁ ହିଁ କଳିଙ୍ଗ ଯୁଦ୍ଧ ଜୟ କରାଯାଇ ସାରିଥିଲା। କଳିଙ୍ଗ ଯୁଦ୍ଧ ପରେ ଅଶୋକ ସେଠାରେ ସାଧାରଣ ଶିଳାଲେଖ (ଯେଉଁଥିରେ ସେ କଳିଙ୍ଗବାସୀଙ୍କୁ ନିଜର ପ୍ରଜା ବୋଲି କହିଥିଲେ) ଖୋଦେଇ କରିଥିଲେ। ଏହାର ମୁଖ୍ୟ କାରଣ ଥିଲା ଯୁଦ୍ଧରେ ପରାଜିତ ଓ ବିଦ୍ରୋହୀ କଳିଙ୍ଗବାସୀଙ୍କୁ ନିଜ ନିୟନ୍ତ୍ରଣରେ ରଖିବା ତଥା ସେମାନଙ୍କ ବିଶ୍ୱାସ ଜିତିବା ଏବଂ ମୌର୍ଯ୍ୟ ସାମ୍ରାଜ୍ୟ ସହ ସେମାନଙ୍କୁ ସାମିଲ କରି ସୁଦୃଢ଼ ଶାସନ ପ୍ରତିଷ୍ଠା କରିବା।

ଏହି ଆଲୋଚନା ଉଦ୍ଦେଶ୍ୟରେ ଆମକୁ ଅଶୋକଙ୍କର ସମସ୍ତ ଶିଳାଲେଖକୁ ତିନିଗୋଟି ଭାଗରେ ବିଚାର କରିବାକୁ ହେବ। (୧) ଯେଉଁ ଶିଳାଲେଖସବୁ ସମଗ୍ର ସାମ୍ରାଜ୍ୟରେ ପ୍ରକାଶିତ ହୋଇଥିଲା, ଏପରିକି କଳିଙ୍ଗରେ ମଧ୍ୟ ଏବଂ ସେଗୁଡ଼ିକ ହେଲା ପ୍ରଥମରୁ ଦଶମ ଓ ଚତୁର୍ଦ୍ଦଶ; (୨) ଯେଉଁଗୁଡ଼ିକ କଳିଙ୍ଗରେ ପ୍ରକାଶିତ ହୋଇ ନ ଥିଲା ଲବଯ ତାହା ହେଲା ଏକାଦଶରୁ ତ୍ରୟୋଦଶ। (୩) ଯେଉଁଗୁଡ଼ିକ କଳିଙ୍ଗରେ ମିଳିଥିଲା, ସେଗୁଡ଼ିକ ହେଉଛି ଦୁଇଟିଯାକ ସ୍ୱତନ୍ତ୍ର କଳିଙ୍ଗ ଶିଳାଲେଖ। କ୍ଷୁଦ୍ର ଶିଳଲେଖ ପର୍ଯ୍ୟାୟ ଅଥବା ସ୍ତମ୍ଭ ଶିଳାଲେଖ ପର୍ଯ୍ୟାୟର କୌଣସି ସଂସ୍କରଣ ଓଡ଼ିଶା ଅଞ୍ଚଳରେ ମିଳିନାହିଁ। କିନ୍ତୁ ଏଗୁଡ଼ିକର ବଣ୍ଟନ ଅତ୍ୟନ୍ତ ଅନିୟମିତ ହୋଇଥିବାରୁ ଓଡ଼ିଶାରେ ଏହାର ଅନୁପସ୍ଥିତି ଐତିହାସିକ ଦୃଷ୍ଟିକୋଣରୁ ସମ୍ଭବତଃ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ। ମାତ୍ର ଭୁବନେଶ୍ୱରରେ ଏକଦା ଅଶୋକସ୍ତମ୍ଭ ଥିବାର ଜଣାଯାଇଛି।

ସାମ୍ରାଜ୍ୟ ବ୍ୟାପୀ ପ୍ରକାଶିତ ଶିଳାଲେଖ: ନଂ ୧ - ପଶୁବଳି ଏବଂ ଅଶୋକଙ୍କ ଦ୍ୱାରା ଅନୁମୋଦିତ ନଥିବା ସାମାଜିକ ସମାବେଶକୁ ନିଷେଧ। ଏହି ରାଜ ନିୟମର ବ୍ୟବସ୍ଥାଗୁଡ଼ିକ ସମ୍ଭବତଃ କେବଳ ରାଜଧାନୀରେ ଲାଗୁ ହୋଇଥିଲା। ଏହି ଅନୁଶାସନରେ ମଧ୍ୟ ରାଜପ୍ରାସାଦରେ ମାଂସଭୋଜନ ପ୍ରାୟତଃ ଉଚ୍ଛେଦ କରାଯାଇଥିଲା। ନଂ ୨ - ସାମ୍ରାଜ୍ୟ ଭିତରେ ତଥା ସାମ୍ରାଜ୍ୟର ସୀମା ବାହାରେ ଉଭୟ ମଣିଷ ଓ ଜୀବଜନ୍ତୁଙ୍କୁ ଚିକିତ୍ସା ସୁବିଧା ପ୍ରଦାନ। ନଂ ୩ - ଅଧିକାରୀମାନଙ୍କୁ ସେମାନଙ୍କ ଅଞ୍ଚଳ ମଧ୍ୟରେ ଚାରିଆଡ଼େ ଅନ୍ୟୂନ ପ୍ରତି ପାଞ୍ଚବର୍ଷରେ ଥରେ ଗସ୍ତ କରିବା ନିମନ୍ତେ ନିର୍ଦ୍ଦେଶ। ନଂ ୪ - ଧର୍ମର ପ୍ରସାର ତଥା ଅଗ୍ରଗତିର ବିବରଣୀ। ନଂ ୫ - ସମସ୍ତ ସାମ୍ରାଜ୍ୟରେ ଧର୍ମ ଅଧିକାରୀ (ଧର୍ମ ମହାମାତ୍ର)ମାନଙ୍କ ନିଯୁକ୍ତି। ନଂ ୬ - ଜନସାଧାରଣଙ୍କ କାର୍ଯ୍ୟ ଅଥବା ରାଜକାର୍ଯ୍ୟ ସଠିକ୍ ଭାବେ ତୁଲାଇବା ନିମନ୍ତେ ସେ ଯେଉଁଠି ଥାଆନ୍ତୁ ନା କାହିଁକି ଯେଉଁ ସମୟରେ ମଧ୍ୟ ତାଙ୍କୁ ସୂଚନା ଦିଆଯିବ। ଶିଳାଲେଖଟି ଏକ ଭାବପୂର୍ଣ୍ଣ ଅନୁଚ୍ଛେଦ ସହିତ ଶେଷ ହୋଇଛି, ଯେଉଁଥିରେ ଅଶୋକ ସମଗ୍ର ବିଶ୍ୱର କଲ୍ୟାଣ ନିମନ୍ତେ ତାଙ୍କର ଚିନ୍ତା ବ୍ୟକ୍ତ କରିଛନ୍ତି। ନଂ ୭ - ସାଂପ୍ରଦାୟିକ ଗୋଷ୍ଠୀମାନଙ୍କ ମଧ୍ୟରେ ସୌହାର୍ଦ୍ଦ ପାଇଁ ଏକ ସଂକ୍ଷିପ୍ତ ଆହ୍ୱାନ। ନଂ ୮ - ଅଶୋକ ଶିକାର ଓ ଆମୋଦପ୍ରମୋଦ ଜନିତ ଭ୍ରମଣ ତ୍ୟାଗ କରିବା ଏବଂ ସେଗୁଡ଼ିକ ସ୍ଥାନରେ ଧର୍ମ ଯାତ୍ରା (ଧର୍ମ ପ୍ରଚାର ଓ ଲୋକ କଲ୍ୟାଣକାରୀ ଭ୍ରମଣ) ପ୍ରଚଳନ। ନଂ ୯ - ଅଶୋକ ନିରର୍ଥକ ଧର୍ମାନୁଷ୍ଠାନ ତଥା ରୀତିନୀତି ପାଳନକୁ ବନ୍ଦ କରିବା ନିମନ୍ତେ ତାଙ୍କ ପ୍ରଜାମାନଙ୍କୁ ପରାମର୍ଶ ଦେବା ସହ ସେଗୁଡ଼ିକୁ ପରିତ୍ୟାଗ କରି ତା' ବଦଳରେ 'ଧମ୍ମ'ର (ଧର୍ମ) ରୀତିନୀତି ଅର୍ଥାତ୍ ସଦାଚାର ଓ ଭଦ୍ର ଆଚରଣ ପାଳନ କରିବା ନିମନ୍ତେ ଆହ୍ୱାନ କରିଥିଲେ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ରେମୁଣା ବ୍ୟବସାୟୀଙ୍କୁ ହତ୍ୟା ଘଟଣା

## ବାଲେଶ୍ୱର ଗସ୍ତ ପାଇଁ ଟିମ୍ ଗଢ଼ିଲା ବିଜେଡି

**ତଥ୍ୟ ଅନୁଧ୍ୟାନ କରି ନବୀନଙ୍କୁ ଦିଆଯିବ ରିପୋର୍ଟ**

ଭୁବନେଶ୍ୱର,୨୬।୬(ସମିସ): ରେମୁଣାର ବ୍ୟବସାୟୀ ଏସକେ ହମିଦଙ୍କ ହତ୍ୟାକାଣ୍ଡକୁ ବିଜେଡି ଗଭୀର ଉଦବେଗ ପ୍ରକାଶ କରିଛି। ଗତ ୨୫ ଜୁନ୍‌ରେ ବାଲେଶ୍ୱର ସହରରେ କିଛି ଅଜଣା ଦୁର୍ବୃତଙ୍କ ଦ୍ୱାରା ଏହି ହତ୍ୟା ଘଟିଥିଲା। ଏହି ଘଟଣା ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଗମ୍ଭୀର ପ୍ରଶ୍ନ ଉଠାଇଥିବା ବେଳେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ଘଟଣାର ଅନୁଧ୍ୟାନ ପାଇଁ ଏକ ଟିମ୍ ଗଠନ ହୋଇଛି। ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସଂଯୋଜନାରେ ଏହି ଟିମ୍ ଉକ୍ତ ସ୍ଥାନକୁ ଗସ୍ତ କରିବ। ଟିମ୍ ଘଟଣାସ୍ଥଳ ପରିଦର୍ଶନ ସହ ବାଲେଶ୍ୱର ବଜାର କମିଟି, ସ୍ଥାନୀୟ ବ୍ୟବସାୟୀ, ମୃତକଙ୍କ ପରିବାର ଓ ଅନ୍ୟାନ୍ୟ ଲୋକମାନଙ୍କ ସହ ଆଲୋଚନା କରିବ। ପରେ ପୁଲିସ୍ ପ୍ରଶାସନକୁ ଭେଟି ନିରପେକ୍ଷ, ନ୍ୟାୟସଂଗତ ଓ ସମୟସୀମା ଭିତରେ ତଦନ୍ତ କରିବାକୁ ଅନୁରୋଧ କରିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଟିମ୍ ତଦନ୍ତ ପରେ ଏକ ବିସ୍ତୃତ ରିପୋର୍ଟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବ ବୋଲି ସୂଚନା ମିଳିଛି। ଏହି ଟିମ୍‌ରେ ବିଧାୟକ ତଥା ବାଲେଶ୍ୱର ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଗୌତମବୁଦ୍ଧ ଦାସ, ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ଡଃ ଲେଖାଶ୍ରୀ ସାମନ୍ତସିଂହାର, ବିଧାୟକ ମାଧବ ଧଡ଼ା, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ପ୍ରମୁଖ ରହିଛନ୍ତି।

## ଭଲ ବର୍ଷା ପାଇଁ ଆହୁରି ୧୦ ଦିନ ଅପେକ୍ଷା

ଭୁବନେଶ୍ୱର,୨୬।୬(ସମିସ): ରାଜ୍ୟରେ ମୌସୁମୀ ଜନିତ ବର୍ଷା ସ୍ଥିତିରେ ଧୀରେ ଧୀରେ ସୁଧାର ଆସିବ। ମାସ ଶେଷ ଆଡ଼କୁ ମୌସୁମୀ ସକ୍ରିୟ ହେବାର ସମ୍ଭାବନା ଥିବା ବେଳେ ଜୁଲାଇ ଆରମ୍ଭରୁ ବଙ୍ଗୋପସାଗରରେ ଏକ ଲଘୁଚାପ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି ଓ ୫ ତାରିଖ ବେଳକୁ ଭଲ ଭର୍ଷା ହେବ ବୋଲି ଆକଳନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ହୋଇପାରୁ ନ ଥିବାରୁ ଗରମ ଗୁଳୁଗୁଳି ଜାରି ରହିଛି। ବଙ୍ଗୋପସାଗରୀୟ ପବନ ରାଜ୍ୟକୁ ପ୍ରବାହ ହେଉଥିବାରୁ ପ୍ରବଳ ବିଜୁଳି ଘଡ଼ଘଡ଼ି ସହ କାଁ ଭାଁ ବର୍ଷା ହେଉଛି। ଏହି କ୍ରମରେ ଶୁକ୍ରବାର ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଭୀଷଣ ବିଜୁଳି ଘଡ଼ଘଡ଼ି ସହ କିଛି କିଛି ବର୍ଷା ହୋଇଛି। ପ୍ରବଳ ଘଡ଼ଘଡ଼ି ଯୋଗୁଁ ରାଜ୍ୟର ଏକାଧିକ ଲୋକଙ୍କର ବଜ୍ରପାତରେ ମୃତ୍ୟୁ ନେଇ ମଧ୍ୟ ଖବର ଆସିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବର୍ତ୍ତମାନ ସୁଦ୍ଧା ଦୁର୍ବଳ ଏବଂ ଅସମାନ ରହିଛି। ଜୁନ୍ ମାସର ବାକି ଦିନଗୁଡ଼ିକରେ ବ୍ୟାପକ ତଥା ଲଗାତାର ମୌସୁମୀ ବର୍ଷା ହେବାର ସମ୍ଭାବନା କମ୍ ରହିଛି। ଏହି ସମୟରେ ମୁଖ୍ୟତଃ ବିକ୍ଷିପ୍ତ ଘଡ଼ଘଡ଼ି ସହ ସ୍ୱଳ୍ପ ବର୍ଷା ଦେଖାଯାଇପାରେ। ବିଶ୍ୱର ବିଭିନ୍ନ ପାଣିପାଗ ମଡେଲ୍‌ର ଆକଳନ ଅନୁଯାୟୀ, ମାସ ଶେଷ ଆଡ଼କୁ ମୌସୁମୀ ଧୀରେ ଧୀରେ ଶକ୍ତିଶାଳୀ ହେବାର ସଙ୍କେତ ମିଳୁଛି। ଆସନ୍ତା ୧-୨ ଜୁଲାଇ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ସୃଷ୍ଟି ହେଉଛି, ଏହା ପ୍ରଭାବରେ ପରବର୍ତ୍ତୀ ସମୟରେ ଏକ ଦୁର୍ବଳ ଲଘୁଚାପ ସୃଷ୍ଟି ହୋଇପାରେ। ଏହାସହ ଜୁଲାଇ ଆରମ୍ଭରେ ମୌସୁମୀ ଟ୍ରଫ୍ ମଧ୍ୟ ସୁଦୃଢ଼ ହେବା ଆଶା କରାଯାଉଛି। ଏହି ସମସ୍ତ ପରିବର୍ତ୍ତନ ଯୋଗୁଁ ବର୍ଷାର ପରିମାଣ ହଠାତ୍ ନବଢ଼ି, ପର୍ଯ୍ୟାୟକ୍ରମେ ଧୀରେ ଧୀରେ ବୃଦ୍ଧି ପାଇବ। ଉପକୂଳ ଓଡ଼ିଶାରେ ମଝିରେ ମଝିରେ ସ୍ୱଳ୍ପ ବର୍ଷା ସହ କେତେକ ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବା ସହ ଦକ୍ଷିଣ ଓଡ଼ିଶାରେ ଜୁନ୍ ଶେଷ ଆଡ଼କୁ ବର୍ଷା ବୃଦ୍ଧି ପାଇବାର ସବୁଠାରୁ ଭଲ ସମ୍ଭାବନା ରହିଛି। ଯଦି ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସଠିକ୍ ଭାବେ ସକ୍ରିୟ ହୁଏ, ତେବେ ଜୁଲାଇ ପ୍ରଥମ ସପ୍ତାହ ସୁଦ୍ଧା ଏହି ଅଞ୍ଚଳ ସର୍ବପ୍ରଥମେ ଚାଷ ଉପଯୋଗୀ ବର୍ଷା ପାଇବାର ସମ୍ଭାବନା ରହିଛି। କେନ୍ଦ୍ରୀୟ ଏବଂ ଉତ୍ତର ଓଡ଼ିଶାରେ ଜୁନ୍ ଶେଷ ପର୍ଯ୍ୟନ୍ତ ବର୍ଷାର ପରିମାଣ ଅନିୟମିତ ରହିବ। କେତେକ ସ୍ଥାନରେ ଭଲ ବର୍ଷା ହେଲେ ମଧ୍ୟ ମଝିରେ ମଝିରେ ପାଗ ଶୁଖିଲା ରହିବ। ଜୁଲାଇ ପ୍ରଥମ ସପ୍ତାହରେ ହିଁ ଅଧିକ ନିର୍ଭରଯୋଗ୍ୟ ବର୍ଷାର ସମ୍ଭାବନା ଦେଖାଯାଉଛି। ପଶ୍ଚିମ ଓଡ଼ିଶାରେ ଏହି ଅଞ୍ଚଳରେ ଚାଷ ଉପଯୋଗୀ ବର୍ଷା ସବୁଠାରୁ ଅଧିକ ବିଳମ୍ବ ହେବାର ଆଶଙ୍କା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

## ବଜ୍ରପାତରେ ଶ୍ରମିକ ମୃତ, ଯୁବତୀ ଆହତ

ଅମ୍ବାଭୋନା,୨୬।୬(ସମିସ): ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକରେ ଶୁକ୍ରବାର ବଜ୍ରପାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ମହିଳା ଆହତ ହୋଇଛନ୍ତି। ମୃତକ ହେଲେ ମୁର୍ଶିଦାବାଦ ଜିଲ୍ଲାର ବାସିନ୍ଦା ମହମ୍ମଦ ଅନ୍‌ସାର (୩୫)। ଅମ୍ବାଭୋନା ବ୍ଲକ ଲଖନପୁର ଗ୍ରାମରେ ରହି ମହମ୍ମଦ ରାଜମିସ୍ତ୍ରୀ ଓ ଟାଇଲ୍ କାମ କରୁଥିଲେ। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଗାଁ ପୋଖରୀରେ ଗାଧୋଉଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ପ୍ରଥମେ ଲଖନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆମ୍ବୁଲାନ୍ସ ଯୋଗେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କର୍ଲା ପଞ୍ଚାୟତ କର୍ଲା ଗାଁର ସୌଦାମିନୀ ଭୁଏ(୨୪) ମଧ୍ୟ ବଜ୍ରପାତରେ ଗୁରୁତର ହୋଇ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।


**AFFIDAVIT**

I Rama Chandra sahoo,S/o-late Bhika Sahoo Resident at satya nagar semiliguda,ps -Semiliguda, Dist-Koraput,Pin-764036,Odisha declare by this affidavit no-358on date-22/06/2026 that onwards I shall be known as **Rama Chandra Sahu** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Rourkela , dated 24-06-2026 I, **Binual Lamga,** resident of House, Road, Dongabandh VTC: Dalki, PO: Dalki Sub District: Raiboga District Sundergarh, Odisha Pin Code: 770033 declare that I have changed my name from **Binu Lomga** to **Binual Lamga.** Henceforth, I shall be known as **Binual Lamga** for all purposes.

**Binual Lamga**

**AFFIDAVIT**

By virtue of an affidavit (Sl No. 226, dtd- 19/06/2026) sworn before the Executive Magistrate, Khariar, Nuapada. I, **Debarchan Mallik** (new name), S/o Gouranga Mallik, resident of Village: Badamula, PO: Bhuliasikuan, PS: Khariar, Dist: Nuapada, Odisha declare that I have changed my name from **Babulu Jhakar** (old name) to **Debarchan Mallik** (new name). Henceforth, I shall be known as **Debarchan Mallik** (new name) for all purpose.

**Debarchan Mallik**

**AFFIDAVIT**

By virtue of an affidavit sworn before Executive Magistrate, Bargarh vide no. 438 dated 23.06.2026, I Govinda Seth, S/o-Radhacharan Seth resident of At/Po.- T. Gandapali, Ps.- Bijepur, Dist.- Bargarh, PIN- 768032, Odisha state that, I have changed the name of my minor daughter from **Pragnyashree Seth** to **Smruti Swarupa Seth**. Henceforth she will be known as **Smruti Swarupa Seth** for all future purposes.

Sd/- Govinda Seth


## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଏସ୍‌ସିଇଆର୍‌ଟିର ୪...

ହେଲେ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ଡକ୍ଟର ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ନାୟକ ଏବଂ ଡକ୍ଟର ସୁଦର୍ଶନ ସନ୍ତରା। ତତ୍କାଳୀନ ନିର୍ଦ୍ଦେଶକ ମନୋଜ ପାଢୀଙ୍କ ସମୟରେ ନୂତନ ପୁସ୍ତକ ପ୍ରସ୍ତୁତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅନୁରୂପ ଭାବେ ନିଲମ୍ବିତ ହୋଇଥିବା ଅନ୍ୟ ୩ ଜଣ ସହକାରୀ ନିର୍ଦ୍ଦେଶକ ମଧ୍ୟ କାର୍ଯ୍ୟରେ ଗୁରୁତର ଅବହେଳା କରିଥିବା ତଦନ୍ତ ବେଳେ ଜଣାପଡିଛି। ଅପରପକ୍ଷରେ ପିଲାଙ୍କ ଶିକ୍ଷା ଓ ତ୍ରୁଟି ସୁଧାରିବା ପାଇଁ ତଦନ୍ତ କମିଟି ୧୪ଟି ସୁପାରିସ କରିଛି। ନୂତନ ପୁସ୍ତକ ଛପା ନ ହୋଇ ପିଲାଙ୍କୁ କିପରି ତ୍ରୁଟି ଶୂନ୍ୟ ଶିକ୍ଷାଦାନ କରାଯାଇ ପାରିବ ସେ ନେଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଛି। ସୁପାରିସ ମଧ୍ୟରେ ଏସସିଇଆରଟି ପକ୍ଷରୁ ମାଷ୍ଟର ତ୍ରୁଟି ରେଜିଷ୍ଟର ପ୍ରସ୍ତୁତ କରିବାକୁ କୁହାଯାଇଛି। ଅର୍ଥାତ୍ କଣ ତ୍ରୁଟି ରହିଛି ଏବଂ ତାହା ପ୍ରକୃତରେ କଣ ହେବ, ତାହାର ଏକ ବିସ୍ତୃତ ତାଲିକା ପ୍ରସ୍ତୁତ ହେବ। ସେହିପରି ଗୁରୁତର ତ୍ରୁଟି ଥିବା ପୃଷ୍ଠାଗୁଡ଼ିକ ପାଇଁ ପୁନଃମୁଦ୍ରିତ ପୃଷ୍ଠା କିମ୍ବା ପରିବର୍ତ୍ତିତ ଇନସର୍ଟ ଯୋଗାଇ ଦେବା, ସମସ୍ତ ଛାତ୍ରଛାତ୍ରୀଙ୍କୁ ମୁଦ୍ରିତ ସଂଶୋଧନ ପତ୍ର ବଣ୍ଟନ କରିବା, ସଂଶୋଧିତ ପିଡିଏଫ୍ ସଂସ୍କରଣକୁ ସରକାରୀ ଶିକ୍ଷାଦାନ ପାଇଁ ଅଧିକୃତ ସଂସ୍କରଣ ଭାବେ ଘୋଷଣା କରିବା, ଶିକ୍ଷକମାନଙ୍କ ପାଇଁ ସଂଶୋଧନ ସମ୍ବନ୍ଧୀୟ ତୁରନ୍ତ ଅଭିମୁଖୀକରଣ ବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବାକୁ କୁହାଯାଇଛି। ସେହିପରି ପୁସ୍ତକର ପ୍ରତ୍ୟେକ ତ୍ରୁଟି ପାଇଁ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା, ଡିଟିପି ଏଜେନ୍ସି, ମୁଦ୍ରକ ଏବଂ ଅନୁମୋଦନକାରୀ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ କରି ଆବଶ୍ୟକ ଓ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି। ଅର୍ଥାତ୍ ଆଗକୁ କାର୍ଯ୍ୟାନୁଷ୍ଠାନ ତାଲିକା ଆହୁରି ଲମ୍ବିବା ଏକପ୍ରକାର ନିଶ୍ଚିତ ହୋଇଛି।

ଏସସିଇଆରଟି ପାଠ୍ୟପୁସ୍ତକ ପାଇଁ ଗୁଣବତ୍ତା ନିଶ୍ଚିତକରଣ ସେଲ୍ ଗଠନ କରିବା, ଏନ୍‌ସିଇଆରଟି ଢାଞ୍ଚାରେ ବିଷୟଭିତ୍ତିକ ପାଠ୍ୟକ୍ରମକୁ ବିକାଶ କରିବା ପାଇଁ କମିଟି ଗଠନ କରିବା, ପୁସ୍ତକ ମୁଦ୍ରଣ ପୂର୍ବରୁ ତ୍ରୁଟିଶୂନ୍ୟ ବୋଲି ନିଶ୍ଚିତ କରିବାକୁ ଚାରି-ସ୍ତରୀୟ ପ୍ରୁଫ୍ ଯାଞ୍ଚ ବ୍ୟବସ୍ଥା ଏବଂ ପିଡିଏଫ୍ ପ୍ରଣାଳୀ ପ୍ରଚଳନ କରିବା, ସାର୍ବଜନୀନ ଏରାଟା ପୋର୍ଟାଲ୍ କରିବା, ପ୍ରିଣ୍ଟର ଓ ଡିଟିପି କରୁଥିବା ବ୍ୟକ୍ତି ବା ସଂସ୍ଥାଙ୍କ ପାଇଁ ଜରିମାନା, କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ଏବଂ କାର୍ଯ୍ୟରେ ଅବହେଳା କଲେ ବ୍ଲାକଲିଷ୍ଟିଂ ବ୍ୟବସ୍ଥା କରିବା, ପ୍ରତ୍ୟେକ ନୂତନ ପାଠ୍ୟପୁସ୍ତକ ପାଇଁ ପାଇଲଟ୍ ପରୀକ୍ଷଣ କରିବାକୁ ସୁପାରିସ କରାଯାଇଛି। ଭବିଷ୍ୟତରେ ପୁସ୍ତକକୁ ତ୍ରୁଟିଶୂନ୍ୟ କରିବାକୁ ବିନା ଅନୁମୋଦନରେ ମୁଦ୍ରଣ ପାଇଁ ପଠାଯିବ ନାହିଁ ବୋଲି କୁହାଯାଇଛି। ତଦନ୍ତ କମିଟିର ସମସ୍ତ ୧୪ ଟି ସୁପାରିସକୁ କାର୍ଯ୍ୟକାରୀ କରାଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଷଷ୍ଠ ଶ୍ରେଣୀ...

ପାଇଛି। ତେବେ ଷଷ୍ଠ ଶ୍ରେଣୀ ପିଲାଙ୍କ ପାଇଁ ଧନ୍ଦାମୂଳକ କୌଶଳ ଶିକ୍ଷା ପୁସ୍ତକରେ 'ଝାଲମୁଢ଼ି' ପ୍ରସ୍ତୁତି ଶିକ୍ଷଣ ଅନେକ ଅଭିଭାବକଙ୍କୁ ବ୍ୟଥିତ କରିଛି। ପିଲାଙ୍କୁ ଝାଲମୁଢ଼ି ପ୍ରସ୍ତୁତି ଶିକ୍ଷା ଦେବା କେଉଁପ୍ରକାର କୌଶଳ ଶିକ୍ଷା ବୋଲି ଅଭିଭାବକ ପ୍ରଶ୍ନ ଉଠାଇଛନ୍ତି। ଏପରିକି ସରକାର ପିଲାମାନଙ୍କୁ ଝାଲମୁଢ଼ି ପ୍ରସ୍ତୁତ କରି ବିକିବା ପାଇଁ ଷଷ୍ଠ ଶ୍ରେଣୀରୁ ତାଲିମ ଦେବାକୁ ପ୍ରୟାସ କରିଥିବା ମଧ୍ୟ ଅଭିଭାବକମାନେ କଟାକ୍ଷ କରିଛନ୍ତି । ସେହିପରି ୮ମ ଶ୍ରେଣୀ ବହିରେ ହିନ୍ଦୀ ଫିଲ୍ମ ଗୀତ 'ନିମ୍ବୁଡ଼ା...ନିମ୍ବୁଡ଼ା...' ଛପାଯିବାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଏହି ପ୍ରସଙ୍ଗକୁ ନେଇ ଛାତ୍ରଛାତ୍ରୀଙ୍କୁ ସହଜ ଖାଦ୍ୟ ପ୍ରସ୍ତୁତି, ପରିଷ୍କାର-ପରିଚ୍ଛନ୍ନତା, ପୌଷ୍ଟିକତା ଏବଂ ଦୈନନ୍ଦିନ ଜୀବନ କୌଶଳ ସହ ପରିଚିତ କରାଯାଉଥିବା କୁହାଯାଉଥିବା ସମୟରେଏହାର ଶିକ୍ଷାଗତ ଗୁରୁତ୍ୱକୁ ନେଇ ମତଭେଦ ସୃଷ୍ଟି ହୋଇଛି।

କିଛି ଅଭିଭାବକ କହିଛନ୍ତି ଯେ ବର୍ତ୍ତମାନର ପ୍ରତିଯୋଗିତାମୂଳକ ଯୁଗରେ ବିଜ୍ଞାନ, ଗଣିତ ଏବଂ ଭାଷା ଦକ୍ଷତା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ପାଠ୍ୟପୁସ୍ତକରେ ଖାଦ୍ୟ ପ୍ରସ୍ତୁତି ଭଳି ବିଷୟ ରହିବା ଠାରୁ ବୈଜ୍ଞାନିକ ଚିନ୍ତାଧାରା, ଡିଜିଟାଲ ଶିକ୍ଷା ଓ ସମସ୍ୟା ସମାଧାନ କୌଶଳ ଉପରେ ଅଧିକ ଅଧ୍ୟାୟ ରହିବା ଉଚିତ। ମାତ୍ର ପାଠ୍ୟପୁସ୍ତକରେ ଶସ୍ତା ଓ ଚାଲୁ ପ୍ରସଙ୍ଗକୁ ସ୍ଥାନ ଦେଇ ଏହାର ଗୁରୁତ୍ୱ ହ୍ରାସ ପାଇଁ ସରକାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । କିଛି ଶିକ୍ଷକ ଓ ଶିକ୍ଷାବିତ୍ ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ଦୈନନ୍ଦିନ ଜୀବନରେ ଉପଯୋଗୀ କୌଶଳ ବିକଶିତ କରିବାରେ ସହାୟକ ହେବ ବୋଲି କହୁଛନ୍ତି, ମାତ୍ର ଅନ୍ୟପକ୍ଷରେ ଏହା ସରକାରଙ୍କର ଏକ ଚାତୁରୀ ଓ ଶିକ୍ଷାକୁ ରୁଗ୍ଣ କରିବାକୁ ଏହା ଏକ ପ୍ରୟାସ ବୋଲି ଅନେକ ଅଭିଯୋଗ କରିଛନ୍ତି। ତେଣୁ ଷଷ୍ଠ ଶ୍ରେଣୀ ବହିରେ 'ଝାଲ ମୁଢ଼ି' ପ୍ରସ୍ତୁତି ପାଠ୍ୟକ୍ରମର ପ୍ରାସଙ୍ଗିକତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁନଶ୍ଚ ୮ମ ଶ୍ରେଣୀ ବହିରେ ହିନ୍ଦୀ ଫିଲ୍ମ ଦିଲ୍ ଦେ ଚୁକେ ସନମ୍‌ର 'ନିମ୍ବୁଡ଼ା ନିମ୍ବୁଡ଼ା... ଛୋଟା ଛୋଟା କାଚା କାଚା ନିମ୍ବୁଡ଼ା..' ଗୀତକୁ ସ୍ଥାନୀତ କରାଯିବା ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପିଲାମାନଙ୍କୁ ଏହି ଗୀତ ପଢ଼ାଇ ସରକାର କ'ଣ ପ୍ରମାଣିତ କରିବାକୁ ଚାହୁଁଛନ୍ତି ବୋଲି ଅନେକ ଅଭିଭାବକ ପ୍ରଶ୍ନ କରିଛନ୍ତି।

### ବହିରେ ତ୍ରୁଟି...

ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଡୁଆରେ ପଡ଼ିଛି। ଓଡ଼ିଆ ପିଲାଙ୍କ ସ୍କୁଲ ବହିରେ ନିଉଟନଙ୍କୁ ପାଇଲଟ୍ ଭାବରେ ଉଲ୍ଲେଖ ପ୍ରସଙ୍ଗ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି । ଜାତୀୟ ଗଣମାଧ୍ୟମ ଓଡ଼ିଆ ଶିକ୍ଷା ବିଶେଷଜ୍ଞ ଓ ଶିକ୍ଷାବିତ୍‌ଙ୍କ ଜ୍ଞାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମାତ୍ର ବିଭାଗୀୟ ମନ୍ତ୍ରୀ ଏହାକୁ ସାଧାରଣ ତ୍ରୁଟି ବୋଲି ଅଭିହିତ କରିଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅତ୍ୟନ୍ତ ଗୁରୁତ୍ୱର ସହ ଘଟଣାକୁ ଗ୍ରହଣ କରିଛନ୍ତି । ଏପରି ବିଭ୍ରାଟର ତଦନ୍ତ ନିର୍ଦ୍ଦେଶ ଦେବା ସହ ରିପୋର୍ଟ ଆଧାରରେ ୪ ଜଣଙ୍କୁ ନିଲମ୍ବନ କରାଯାଇଛି ଓ ୬ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି । ମାତ୍ର ପଢ଼ା ବହିରେ ରହିଥିବା ତ୍ରୁଟିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ ଏବେ ସାଧାରଣରେ ଅନେକ ସନ୍ଦେହ ସୃଷ୍ଟି କରିଛି। ଗତକାଲି ଏକ ବେସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ପଢ଼ା ବହିରେ ତ୍ରୁଟି ଏକ 'ଷଡ଼ଯନ୍ତ୍ର' ବୋଲି ଅଭିହିତ କରିଛନ୍ତି । ସେ କହିଛନ୍ତି ଯେ ପୂର୍ବରୁ ବହି ଛାପାରେ ତ୍ରୁଟି ରହୁଥିଲା । ମାତ୍ର ଏଥର ପରିମାଣ ଅସାଧାରଣ ଭାବରେ ଅଧିକ । ଏହା ପଛରେ ଷଡ଼ଯନ୍ତ୍ର ରହିଛି। ସ୍କ୍ରିପ୍ଟ ପ୍ରସ୍ତୁତି ଓ ମୁଦ୍ରଣ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଯାଞ୍ଚ ଆବଶ୍ୟକ। ଆମ ସରକାରଙ୍କୁ ବଦନାମ କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ସନ୍ଦେହ ହୋଇଥିବା ସନ୍ଦେହ ହେଉଛି। ଯେଉଁମାନେ ଏଥିରେ ଜଡିତ ବୋଲି ଜଣାପଡିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଦୋଷୀମାନଙ୍କୁ ଚିହ୍ନଟ କରାଯିବ ଓ ଏପରି ତ୍ରୁଟି ପୁନରାବୃତ୍ତି ନହେବା ପାଇଁ ପଦକ୍ଷେପ ନିଆଯିବ। ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ କରାଯାଇଥିବା ସମସ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରାଯିବ, ନୂତନ କପି ମୁଦ୍ରିତ ଓ ପୁନଃବଣ୍ଟନ କରାଯିବ। ଯଦି ଷଡ଼ଯନ୍ତ୍ରର ପ୍ରମାଣ ମିଳେ, ତେବେ ମୁଦ୍ରଣ ବାବଦ ସମସ୍ତ ବ୍ୟୟ ସମ୍ପୃକ୍ତ ଅଧିକାରୀଙ୍କଠାରୁ ଆଦାୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଷଡ଼ଯନ୍ତ୍ର ସନ୍ଦେହକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ। ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଷଡ଼ଯନ୍ତ୍ର କଥା ମାନିଥିବା ସ୍ୱାଗତଯୋଗ୍ୟ। ମାତ୍ର କିଏ ଷଡ଼ଯନ୍ତ୍ରକାରୀ, କିଏ ଏହାକୁ ଭୁଲ ଛପାଇଲା ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନିରବ କାହିଁକି । କେଉଁ ଅଫିସର ଭୁଲ କରିଛନ୍ତି, ତାହା ସରକାର ସ୍ପଷ୍ଟ କରନ୍ତୁ। ଯିଏ ଭୁଲ ବହି ଛପାଇଛି, ତାହା ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଭକ୍ତ କହିଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ଅଶୋକ ପଣ୍ଡା କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଷଡ଼ଯନ୍ତ୍ର ସନ୍ଦେହ ସମ୍ପର୍କରେ ସ୍ପଷ୍ଟ କରନ୍ତୁ । ସମ୍ପାଦନା ମଣ୍ଡଳୀରେ କିଛି ଜଣାଶୁଣା ଲୋକ ଅଛନ୍ତି। ସେମାନଙ୍କ ମଧ୍ୟରୁ କେହି ଷଡ଼ଯନ୍ତ୍ର କରିଥାଇପାରେ । ଓଡ଼ିଆ ଅସ୍ମିତା କହି ସରକାରକୁ ଆସିଲେ କିନ୍ତୁ ଅସ୍ମିତା ହାତରୁ ଖସିଗଲା। ଚାଲି ନଜାଣି ବାଟର ଦୋଷ ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତରେ କମିଟି ଗଠନ ହୋଇଥିବ; ଯଦି ଷଡ଼ଯନ୍ତ୍ରର ଗନ୍ଧ ବାରୁଛନ୍ତି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଭାଷାକୁ ଅପମାନ ଅକ୍ଷମଣୀୟ ଅପରାଧ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

### ଚମ୍ପତ ରାୟଙ୍କ...

ଦେଇଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନୈତିକତା ଆଧାରରେ ଉଭୟ ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଦୃଢ଼ ଆଭିମୁଖ୍ୟ ଏବଂ ଏହି ଦୁର୍ନୀତିର ତଦନ୍ତ ପାଇଁ ଗଠିତ ବିଶେଷ ଅନୁସନ୍ଧାନକାରୀ ଦଳର ପ୍ରାଥମିକ ରିପୋର୍ଟ ଆସିବା ପରେ ଏହି ଇସ୍ତଫା ପ୍ରକ୍ରିୟା ଘଟିଛି। ପ୍ରାଥମିକ ଆକଳନ ଅନୁଯାୟୀ, ମନ୍ଦିରର ଦାନ ବାକ୍ସରୁ ପ୍ରାୟ ସାତରୁ ସାଢେ ସାତ କୋଟି ଟଙ୍କା ଗାଏବ ଥିବା ଜଣାପଡ଼ିଛି। ଏହି ମାମଲାରେ ପୋଲିସ ପକ୍ଷରୁ ବିଶ୍ୱାସଘାତକତା, ଚୋରି ଏବଂ ଅପରାଧିକ ମସୁଧା ଭଳି ସଙ୍ଗିନ ଦଫା ଲଗାଇ ମାମଲା ରୁଜୁ କରାଯାଇଛି। ସିସିଟିଭି ଚିତ୍ର ଆଧାରରେ ମାମଲାରେ ସମ୍ପୃକ୍ତ ଥିବା ଆଠ ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଟଙ୍କା ଗଣତି ଦାୟିତ୍ୱରେ ଥିବା ଛଅ ଜଣ ମନ୍ଦିର କର୍ମଚାରୀ ଓ ବ୍ୟାଙ୍କର ପୂର୍ବତନ କର୍ମଚାରୀ ସାମିଲ ଅଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତଦନ୍ତ ରିପୋର୍ଟ ଆସିବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ସତ୍ୟକୁ ସାମ୍ନାକୁ ଅଣାଯିବ। ଅନ୍ୟପଟେ ଏହି ଘଟଣାକୁ ନେଇ ରାଜନୀତି ଜୋର ଧରିଛି। ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ମୁଖ୍ୟ ଅଭିଯୁକ୍ତଙ୍କୁ ବଞ୍ଚାଇବା ପାଇଁ ଏହି ଇସ୍ତଫାର ନାଟକ କରାଯାଉଛି ଏବଂ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବର୍ତ୍ତମାନ ସରକାରୀ ସ୍ତରରେ ତଦନ୍ତ ପ୍ରକ୍ରିୟା ଜାରି ରହିଛି।

### ଚାବି ରଖୁଥିବା...

ମନ୍ଦିରର ପରିଚାଳନା ସମିତିର ସାଧାରଣ ସମ୍ପାଦକଙ୍କ ପୂର୍ବତନ ଗାଡ଼ି ଚାଳକ ରାମଶଙ୍କର ଯାଦବ ଓରଫ ଟିନ୍ନୁ ଯାଦବଙ୍କୁ ମୁଖ୍ୟ ଅଭିଯୁକ୍ତ କୁହାଯାଉଛି, ଯାହାଙ୍କ ପାଖରେ ଦାନ ବାକ୍ସର ଚାବି ରହୁଥିଲା। ଏହା ବ୍ୟତୀତ ଟଙ୍କା ଗଣତି ଦାୟିତ୍ୱରେ ଥିବା ବ୍ୟାଙ୍କର ପୂର୍ବତନ କର୍ମଚାରୀ ସୁଭାଷ ଶ୍ରୀବାସ୍ତବ, ମନ୍ଦିର ସେବକ ଅବିନାଶ ଶୁକ୍ଲା, ରାମଶଙ୍କର ମିଶ୍ର, ଅନୁକଲ୍ପ ମିଶ୍ର, ଲବକୁଶ ମିଶ୍ର, ମନୀଷ ଯାଦବ ଏବଂ କରୁଣେଶ ପାଣ୍ଡେଙ୍କୁ ଗିରଫ କରାଯାଇଛି। କେତେକ ଅଭିଯୁକ୍ତଙ୍କ ଘର ଏବଂ ବ୍ୟାଙ୍କ ଆକାଉଣ୍ଟରୁ ଚୋରି ହୋଇଥିବା ଲକ୍ଷାଧିକ ଟଙ୍କା ମଧ୍ୟ ଜବତ କରାଯାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରସିଦ ମାଧ୍ୟମରେ ମିଳୁଥିବା ଦାନର ହିସାବ ସଠିକ ରହିଛି, କିନ୍ତୁ ଦାନ ବାକ୍ସରେ ପଡୁଥିବା ନଗଦ ଟଙ୍କା ଗଣତି ସମୟରେ ହିଁ ଏହି ବଡ଼ ଧରଣର ଚୋରି କରାଯାଇଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ବିଶ୍ୱାସଘାତକତା, ଚୋରି ଏବଂ ଅପରାଧିକ ଷଡ଼ଯନ୍ତ୍ର ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯିବା ସହ ଅଧିକ ପଚରାଉଚରା ଜାରି ରହିଛି।

### ଶିଳ୍ପାୟନରେ ସବୁ...

ସୂଚନା ଦେଇଛନ୍ତି। ଏହାଦ୍ୱାରା ଆର୍ଥିକ ଅନଗ୍ରସର ଓ ପଛୁଆ ଅଞ୍ଚଳ ଭାବେ ପରିଚିତ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ୧୫ ଟି ପ୍ରମୁଖ ଜିଲ୍ଲାରେ ଅଣ-ଖଣିଜ ଦ୍ରବ୍ୟ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଏହି ଜିଲ୍ଲାଗୁଡ଼ିକୁ 'ଥ୍ରଷ୍ଟ ସେକ୍ଟର' ବା ଅଗ୍ରାଧିକାର ଶ୍ରେଣୀରେ ସାମିଲ କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ଶିଳ୍ପ ପ୍ରତିଷ୍ଠା ପାଇଁ ଲାଗୁଥିବା ୪୦୦ ଦିନର ସମୟ ଏବେ ୧୬୦ ଦିନରୁ କମ୍ ହୋଇଯାଇଛି ଏବଂ ଆଗକୁ ଏହାକୁ ୧୦୦ ଦିନରୁ କମ୍ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ଓଡ଼ିଶାରେ ଶିଳ୍ପ ଅନୁକୂଳ ନୀତି ସହିତ ଏକ ବଡ଼ ଏବଂ ଆଶାବାଦୀ ଯୁବ କାର୍ଯ୍ୟବଳ ରହିଛନ୍ତି। ସରକାର ଶିଳ୍ପ ଜଗତର ଆବଶ୍ୟକତା ଅନୁଯାୟୀ ଯୁବକଯୁବତୀମାନଙ୍କୁ ଆଧୁନିକ ଜ୍ଞାନକୌଶଳରେ ଦକ୍ଷତା ସମ୍ପନ୍ନ କରୁଛନ୍ତି, ଯାହାଫଳରେ ନିବେଶକାରୀମାନଙ୍କୁ ସହଜରେ କୁଶଳୀ ଶ୍ରମିକ ମିଳିପାରିବେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଓ ନିବେଶର ସଫଳ ଚିତ୍ର ସିଆଇଆଇ ସଦସ୍ୟମାନଙ୍କ ସାମ୍ନାରେ ରଖିଥିଲେ। ଓଡ଼ିଶା କିପରି ବିଗତ ଦିନମାନଙ୍କରେ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମକୁ ସୁଦୃଢ଼ କରି ନିବେଶ ପ୍ରକଳ୍ପଗୁଡ଼ିକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବାରେ ଦେଶରେ ରେକର୍ଡ ସୃଷ୍ଟି କରିଛି ତାହା ଶ୍ରୀ ଶର୍ମା ଦର୍ଶାଇଥିଲେ।

### ଲାଲ୍‌ଜୀ ଦେଶାଇ...

ନିର୍ବାଚନରେ କଂଗ୍ରେସର ଖରାପ ପ୍ରଦର୍ଶନ ପରେ ତତ୍କାଳୀନ ପ୍ରଭାରୀ ଅଜୟ କୁମାରଙ୍କୁ ଅପସାରଣ କରାଯାଇଥିଲା ଓ ଉତ୍ତର ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ଅଜୟ କୁମାର ଲଲ୍ଲୁଙ୍କୁ ୨୦୨୫ ଫେବୃଆରୀରେ ଓଡ଼ିଶାର ପ୍ରଭାରୀ ଭାବେ ନିଯୁକ୍ତି ମିଳିଥିଲା। ମାତ୍ର ପରବର୍ତ୍ତୀ ସମୟରେ ପିସିସି ସଭାପତି ଓ ଶ୍ରୀ ଲଲ୍ଲୁଙ୍କ ମଧ୍ୟରେ ସବୁ କିଛି ଠିକ୍ ଚାଲୁ ନ ଥିବା ଚର୍ଚ୍ଚା ହୋଇଥିଲା। ରାଜ୍ୟରେ ଆଉ କିଛିମାସ ପରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ଏହା ପୂର୍ବରୁ ଦଳକୁ ସଂଗଠିତ କରିବା ଓ ଦଳୀୟ କର୍ମୀଙ୍କୁ ଏକାଠି କରି ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି କରିବା ପାଇଁ ନୂଆ ପ୍ରଭାରୀଙ୍କୁ ନିଯୁକ୍ତି ଦିଆଯାଇଥିବା କୁହାଯାଉଛି ।

### ମହେଶ ଦୀକ୍ଷିତ...

କାର୍ଯ୍ୟକଳାପ, ଆତଙ୍କବାଦ ବିରୋଧୀ ଅଭିଯାନ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରରେ ଦୀର୍ଘ ଦଶନ୍ଧିର ବ୍ୟାପକ ଅଭିଜ୍ଞତା ରହିଛି। ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ପରବର୍ତ୍ତୀ ସମୟରେ ଜମ୍ମୁ-କାଶ୍ମୀରରେ ଆଭ୍ୟନ୍ତରୀଣ ସ୍ଥିରତା ବଜାୟ ରଖିବା ଏବଂ ସୁରକ୍ଷା ପ୍ରତିବନ୍ଧକଗୁଡ଼ିକର ମୁକାବିଲା କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ତୃଣମୂଳ ସ୍ତରରେ ଏକ ସୁଦୃଢ଼ ଗୁପ୍ତଚର ନେଟୱର୍କ ଗଠନ ପାଇଁ ଜଣାଶୁଣା ଦୀକ୍ଷିତ ପୂର୍ବରୁ ଆଇବି ଅଧୀନରେ ମାଓବାଦୀ ସମସ୍ୟା ଏବଂ ସୀମାପାର ଅନୁପ୍ରବେଶ ଭଳି ଅନେକ ସମ୍ବେଦନଶୀଳ ମାମଲାର ସଫଳ ପରିଚାଳନା କରିଛନ୍ତି। ବର୍ତ୍ତମାନ ବଦଳୁଥିବା ସୁରକ୍ଷା ପରିବେଶ ମଧ୍ୟରେ ଦେଶର ଏହି ଶୀର୍ଷ ଗୁପ୍ତଚର ପଦବୀ ଗ୍ରହଣ କରିବା ପରେ, ସୀମାପାର ଆତଙ୍କବାଦ, ଉଗ୍ରବାଦ ଏବଂ ନାର୍କୋ-ଆତଙ୍କବାଦୀ (ମାଦକ ଦ୍ରବ୍ୟ କାରବାର ଜନିତ ଆତଙ୍କବାଦ) ନେଟୱର୍କକୁ ମୂଳପୋଛ କରିବା ଦିଗରେ ତାଙ୍କର କ୍ଷେତ୍ରୀୟ ଅଭିଜ୍ଞତା ଦେଶ ପାଇଁ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି।

### ଗଞ୍ଜେଇ କାରବାରରେ...

ପଟରୁ ସେମାନଙ୍କୁ ପିଛା କରି ଆସୁଥିବା ବେଳେ ଆଉ ଏକ ଟିମ୍ ଭୁବନେଶ୍ୱରରୁ ନୟାଗଡ଼ ଆଡ଼କୁ ଯାଇଥିଲା। ଦୁଇଟି ଯାକ ଟିମ୍ ସମନ୍ୱୟ ରକ୍ଷାକରି ନୟାଗଡ଼- ଖୋର୍ଦ୍ଧା ରାସ୍ତାର ପିରୁକୁଲି ବଜାରରେ କିଙ୍ଗପିନ୍ ଦୁର୍ବାସା ଓ ୩ ସହଯୋଗୀଙ୍କୁ ମାଡ଼ି ବସିଥିଲେ। ନୀଳାମ୍ବର ଠାରୁ ଜବତ ହୋଇଥିବା ଛିଣ୍ଡା ୧୦ ଟଙ୍କିଆ ନୋଟର ଆଉ ଫାଳେ ନୋଟ୍ ଦୁର୍ବାସା ପାଖରୁ ଜବତ ହୋଇଥିଲା। ଏଥିସହିତ ଆଉ ଏକ ଛିଣ୍ଡା ୧୦ ଟଙ୍କିଆ ନୋଟ୍ ମଧ୍ୟ ତା'ଠାରୁ ମିଳିଥିଲା। ୪ ଜଣଙ୍କଠାରୁ ଗୋଟିଏ କାର୍, ୭ଟି ମୋବାଇଲ ଫୋନ, ୩୮ ହଜାର ଟଙ୍କା ଓ ଗୋଟିଏ ସୁନା ଚେନ ମଧ୍ୟ ଜବତ କରିଥିଲା ଏସଟିଏଫ୍। ନୀଳାମ୍ବରଠାରୁ ମିଳିଥିବା ଛିଣ୍ଡା ନୋଟ୍ ସହ ଦୁର୍ବାସାର ନୋଟ୍ ମେଳ ଖାଉଥିବାରୁ ଦୁର୍ବାସା ହିଁ ଗଞ୍ଜେଇ ସିଣ୍ଡିକେଟର ମାଷ୍ଟରମାଇଣ୍ଡ ବୋଲି ଏସଟିଏଫ୍ ଜାଣିବାକୁ ପାଇଥିଲା। ଦୁର୍ବାସା ଓଡ଼ିଶାରୁ ଗଞ୍ଜେଇ ସଂଗ୍ରହ କରି ପଶ୍ଚିମବଙ୍ଗ, ଛତିଶଗଡ଼ ଓ ରାଜସ୍ଥାନକୁ ଚୋରା ଚାଲାଣ କରୁଥିବା ତଦନ୍ତ ବେଳେ ଜଣାପଡ଼ିଛି। ପୂର୍ବରୁ ଦୁର୍ବାସା, ସୁବୁଦ୍ଧି, ଅରୁଣ ଓ ପ୍ରକାଶ ନାମରେ ଏନ୍‌ଡିପିଏସ୍ ମାମଲା ରହିଥିବା ଜାଣିବାକୁ ପାଇଛି ଏସଟିଏଫ୍। ଗଞ୍ଜେଇ କାରବାରରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି, ତାହା ଜାଣିବା ଲାଗି ୪ ଅଭିଯୁକ୍ତଙ୍କୁ ୭ ଦିନିଆ ରିମାଣ୍ଡରେ ନେବାକୁ ସୋମବାର ଦିନ ଅଦାଲତରେ ଆବେଦନ କରିବ ଏସଟିଏଫ୍।


**ANGEL ONE LIMITED**

**Regd. Off:** 601, 6th Floor, Ackruti Star, Central Road, MIDC, Andheri East, Mumbai - 400093 **SEBI Registration No (Stock Broker): INZ000161534**

**PUBLIC NOTICE**

It has come to our attention that certain unauthorized individuals, agencies and third parties operating through mobile numbers "7077513180", "6370065695", "6372757747", "7978443499", "6370065695", "63639797440" are issuing fake employment offer letters, appointment letters, interview calls and recruitment-related communications using the brand name and logo of Angel One Limited to deceive the general public.

Investors and General Public are hereby informed that Angel One Limited does not have any association and/or relation, directly or indirectly with above individuals, agencies, third parties in any capacity.

Angel One Limited will not be liable in any manner of financial loss and /or consequence of dealing with such individuals, agencies, third parties. Please note that any person dealing with them will be dealing at his/her own risk and responsibility.

For ANGEL ONE LTD
Sd/-,
Authorized Signatory

Date : 27.06.2026

**OFFICE OF THE SUPERINTENDING ENGINEER**
**JAGATSINGHPUR (R&B) DIVISION, JAGATSINGHPUR**
**GOVERNMENT OF ODISHA**
**("e" PROCUREMENT NOTICE)**

34001/395/2627

E-Mail I.D.: eerbjspr@gmail.com
Bid Identification No. S.E. JSPR (R&B)-5 of 2026-27

**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of the Governor of Odisha invites on **Percentage Rate Basis** bid in **Double Cover System** in **ONLINE MODE** from eligible contractors for Building works as mentioned below.
2. **No. of Work:** 01 No.
3. **Nature of Work:** Civil
4. **Class of Contractor:** "B" Class
5. **Tender Paper Cost:** Rs. 10,000.00/- (Online)
6. **Availability of Bid Documents in the Website:** From **30.06.2026, 05.00 PM** to **14.07.2026**
7. **Date of Opening of Bid: 11.00 AM on 15.07.2026**

The bidders have to participate in **ONLINE** bidding only. Further details can be seen on the website: https://tendersodisha.gov.in. Any addendum, corrigendum or cancellation of the tender can also be seen on the said website.

**(Er. Sarbendu Sutar)**
**Additional Chief Engineer**
Jagatsinghpur (R&B) Division

OIPR-34001/34093/1/26-27/0006

**ଓଡିଶା ଆଦର୍ଶ ବିଦ୍ୟାଳୟ, ଗୁଡ଼ାରୀ**
**ODISHA ADARSHA VIDYALAYA, GUDARI**

AT/PO – Gudari, Block – Gudari, Dist – Rayagada, Pin – 765026
Email Id – gudari@oav.edu.in
**CBSE Affiliation No.:** 1520137, **School Code:** 17223, **UDISE Code:** 21271201004
**Letter No.:** 218/OAVGUD/2026, **Date:** 25/06/2026

**ADVERTISEMENT**

Applications are invited from deserving candidates on **Contractual basis** for **KGBV Type-IV Girls' Hostel, Odisha Adarsha Vidyalaya, At.- Gudari, Po.- Gudari, Dist.- Rayagada** as per the vacancies mentioned below in the table.
The detailed qualification and the eligibility criteria is given in the box.

| Sl. No. | Name of the Post | Qualification | Age | Remuneration per month | Vacancy Position | Remarks |
|---|---|---|---|---|---|---|
| 1 | WARDEN | B.A./B.Sc | 30–60 Years | **Rs. 25,621.75/- per month** (Including EPF share of Employee & Employer share) | 01 | – |

Application and other details can be downloaded from the District website: https://rayagada.odisha.gov.in/en/notice/recruitment. Interested candidates fulfilling the eligibility criteria may apply **by Speed Post only (DON'T SUBMIT THE APPLICATION FORMS ON HAND IN THE VIDYALAYA OFFICE OR BY E-MAIL)** to: **Odisha Adarsha Vidyalaya** At.- Gudari, Po.- Gudari, Dist.- Rayagada, Pin – 765026, **Application Period: 27/06/2026 to 15/07/2026** (Latest by **5:00 P.M.**). The incomplete application forms and forms received after the due date shall be summarily rejected. The authorities will not be responsible for any postal delay. Further, the authorities reserve the right to cancel any or all of the applications without any reason thereof.

**Sd/- PRINCIPAL**
Odisha Adarsha Vidyalaya
Gudari, Dist.- Rayagada

**OFFICE OF THE MUNICIPAL COUNCIL, JATNI**
Phone: **0674-2490826,** Email: municipalityjatni@gmail.com
No.: **3612,** Date: **24.06.2026**
**"E" PROCUREMENT NOTICE**

13001/1002/2627

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of Terms & Conditions of Contract and other necessary documents can be seen in the Government website: www.tendersorissa.gov.in

| | | |
|---|---|---|
| 1 | Tender Reference No. | EO/JMC/091/2026-27 |
| 2 | Tender I.D. No. | 2026_ORULB_131888_pack1 |
| 3 | Name of the Work | Civil Construction works as mentioned in website |
| 4 | No. of Works | 1 No. |
| 5 | Estimated Cost | Rs. 61,44,555.00 |
| 6 | Period of Completion | 120 Days |
| 7 | Date & Time of Bidding | From **25.06.2026, 11:00 A.M.** to **10.07.2026, 05:30 P.M.** |
| 8 | Last Date & Time for Receipt of Bids in the portal | **Dt. 10.07.2026 up to 05:30 P.M.** |
| 9 | Bid received Online shall be opened on | **13.07.2026 at 11:00 A.M.** |
| 10 | Name and address of the Officer Inviting Bid | Executive Officer, Jatni Municipality |

Further details can be seen from the procurement portal:www.tendersorissa.gov.in

**Executive Officer**
**Jatni Municipality**

OIPR-13001/13041/1/26-27/0011

यूनियन बैंक ऑफ इंडिया **Union Bank** of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର**
୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ
ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ ସୁଧ ନୋଟିସ୍ ପାଇବାର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ଆବେଦନକାରୀ/ସହ-ଋଣଗ୍ରହୀତା/ଜାମିନ୍‌ଦାର/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଚେରୀ ରୋଡ୍ ଶାଖା, ପୁରୀ /** **ଋଣଗ୍ରହୀତା, ଆବେଦନକାରୀ ଏବଂ ବନ୍ଧକଦାତା: ଶ୍ରୀମତୀ ଜୟଶ୍ରୀ ମହାପାତ୍ର,** ସ୍ୱାମୀ: ଶ୍ରୀ ଅଜିତ କିଶୋର ମହାପାତ୍ର / **ସହ-ଋଣଗ୍ରହୀତା: ଶ୍ରୀ ଅଜିତ କିଶୋର ମହାପାତ୍ର / ଜାମିନ୍‌ଦାର ଏବଂ କୋ-ଓବ୍ଲିଗାଣ୍ଟ: ଶ୍ରୀ ବିଶ୍ୱଜିତ ମହାପାତ୍ର,** ପିତା: ଶ୍ରୀ ଅଜିତ କିଶୋର ମହାପାତ୍ର, ସମସ୍ତଙ୍କ ଠିକଣା- ସା: ସୁରଙ୍ଗୀ ମଠ ଲେନ୍, ମଣିକର୍ଣ୍ଣିକା ସାହି, ସାମିଲ ହରଚଣ୍ଡୀ ସାହି, ପୋ/ଜିଲ୍ଲା: ପୁରୀ, ପିନ୍-୭୫୨୦୦୧ | ୧୦.୦୪.୨୦୨୬ ସୁଦ୍ଧା ଟ.୫,୭୭,୦୯୨.୦୮ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୦.୦୪.୨୦୨୬ / ୨୩.୦୬.୨୦୨୬ | ଶ୍ରୀମତୀ ଜୟଶ୍ରୀ ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୧, ଖାତା ନଂ.: ୧୪୯, କ୍ଷେତ୍ର: ଏକର୦.୦୧୮ ଡିସିମିଲି, କିସମ: ଘରବାରି, ମୌଜା: ମଣିକର୍ଣ୍ଣିକା ସାହି, ହୋଲ୍ଡିଂ ନଂ.: ୪୦୦, ସର୍କଲ ନଂ.: ୪, ଏସ୍‌ଆରଓ: ପୁରୀ, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ଜଗନ୍ନାଥ ରଣା, ଉତ୍ତର: ରାସ୍ତା, ଦକ୍ଷିଣ: ବନ ଖୁଣ୍ଟିଆ |
| **ଶ୍ରୀକ୍ଷେତ୍ର ଶାଖା, ପୁରୀ /** **ଋଣଗ୍ରହୀତା, ଆବେଦନକାରୀ ଏବଂ ବନ୍ଧକଦାତା: ଶ୍ରୀମତୀ ନିବେଦିତା ମିଶ୍ର,** ସ୍ୱାମୀ: ଏ ନାରାୟଣ ପ୍ରସାଦ ମିଶ୍ର, ମାତୃନିଳୟ ଗ୍ରେସ୍ ସିଟୀ, ହରିହର ବିହାର, ଗୁଣ୍ଡିଚା ମନ୍ଦିର ପଛପାର୍ଶ୍ୱ, ପୋ: ପୁରୀ-୨, ଜିଲ୍ଲା: ପୁରୀ, ପିନ୍-୭୫୨୦୦୨ / **କୋ-ଓବ୍ଲିଗାଣ୍ଟ ଏବଂ ଜାମିନ୍‌ଦାର: ଶ୍ରୀମତୀ ସ୍ମିତା ମହାନ୍ତି,** ସ୍ୱାମୀ: ଅଶେଷ କୁମାର ମହାନ୍ତି, **ଠିକଣା-୧:** ସା: ସାଇ ନାରାୟଣ ବିଦ୍ୟା ମନ୍ଦିର, ନବକଳେବର ରୋଡ୍, ପୁରୀ-୨, ଜିଲ୍ଲା: ପୁରୀ, ପିନ୍-୭୫୨୦୦୨, **ଠିକଣା-୨:** ସା: ସନ୍ତୋଷୀ ନଗର, ମଧୁପାଟଣା, କଟକ, ପିନ୍-୭୫୩୦୧୦ | ୦୯.୦୪.୨୦୨୬ ସୁଦ୍ଧା ଟ.୧୮,୮୧,୭୭୨.୩୨ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୯.୦୪.୨୦୨୬ / ୨୩.୦୬.୨୦୨୬ | ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୯୩/୪୦୭୭, ଖାତା ନଂ.: ୫୨୧/୨୦୫୫, କ୍ଷେତ୍ର: ଏକର୦.୦୨୯ ଡିସିମିଲି, କିସମ: ଘରବାରି, ମୌଜା: ବାଲୁଖଣ୍ଡ, ଜିଲ୍ଲା: ପୁରୀ, ଓଡ଼ିଶା |

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୬.୦୬.୨୦୨୬ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ମହାପ୍ରଭୁଙ୍କୁ ଦର୍ଶନ କଲେ ସୁଜାତା ରାଉତ



ପୁରୀ,୨୬।୬(ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ପୂର୍ବତନ ଆଇଏଏସ୍ ସୁଜାତା ରାଉତ। ଗୁରୁବାର ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହେବା ପରେ ଶୁକ୍ରବାର ରାତିରେ ଶ୍ରୀମତୀ ରାଉତ ମହାପ୍ରଭୁଙ୍କ ସାନ୍ନିଧ ଲାଭ ପାଇଁ ପୁରୀରେ ପହଞ୍ଚିଥିଲେ। ସିଂହଦ୍ୱାରଠାରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇ ଶ୍ରୀମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ପରେ ବେଢା ବୁଲି ପାଶ୍ୱର୍ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ଶ୍ରୀମତୀ ରାଉତଙ୍କ ସହିତ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ବିଜେଡିର ରାଜ୍ୟ ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ବିଜେଡି ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ପ୍ରମୁଖ ଦଳୀୟ ନେତୃତ୍ୱ ଉପସ୍ଥିତ ଥିଲେ।

# ୩୫ ଓ ୩୬ତମ 'ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର' ପ୍ରଦାନ

## ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ ଓ ନମ୍ରତା ଦାସଙ୍କୁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର'

## 'ପୁଷ୍କରା' ଓ 'ଆଶ୍ରମ' ଓ 'ମାଇଁ ସ୍ୱିଟ୍ ହାଉସ୍ ୱାଇଫ୍' ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ

## ବିଭିନ୍ନ ବର୍ଗରେ ମୋଟ୍ ୬୪ଟି ପୁରସ୍କାର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୬।୬ (ସମିସ): ୨୦୨୩ ଓ ୨୦୨୪ ବର୍ଷ ପାଇଁ ୩୫ ଓ ୩୬ ତମ 'ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର' ଶୁକ୍ରବାର ଲୋକସେବା ଭବନ କନେଭେସନ ହଲ୍‌ରେ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଭିନ୍ନ ବର୍ଗରେ ମୋଟ୍ ୬୪ଟି ପୁରସ୍କାର ପ୍ରଦାନ କରାଯିବା ସହ ଚଳଚ୍ଚିତ୍ର ଜଗତରେ ଜୀବନବ୍ୟାପୀ ସାଧନା ନିମନ୍ତେ ୨୦୨୩ ମସିହା ପାଇଁ ବିଶିଷ୍ଟ ଅଭିନେତା ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ ଏବଂ ୨୦୨୪ ମସିହା ପାଇଁ ବିଶିଷ୍ଟ ଅଭିନେତ୍ରୀ ନମ୍ରତା ଦାସଙ୍କୁ 'ମୋହନ ସୁନ୍ଦର ଦେବଗୋସ୍ୱାମୀ' ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ଉଭୟଙ୍କୁ ୫ଲକ୍ଷ ଟଙ୍କାର ଅର୍ଥରାଶି ସମେତ ଉପଢ଼ୌକନ ଓ ମାନପତ୍ର ପ୍ରଦାନ ସହ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

୨୦୨୩ ମସିହା ନିମନ୍ତେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'ପୁଷ୍କରା' ଏବଂ 'ମାଇଁ ସ୍ୱିଟ୍ ହାଉସ୍ ୱାଇଫ୍' ପୁରସ୍କୃତ କରାଯାଇଥିବା ବେଳେ ଶ୍ରେଷ୍ଠ ଅଭିନେତା ଭାବେ ହରିହର ମହାପାତ୍ର, ଶ୍ରେଷ୍ଠ ଅଭିନେତ୍ରୀ ସୁପ୍ରିୟା ନାୟକ ଓ ନୈନା ଦାସଙ୍କୁ ପୁରସ୍କୃତ କରାଯାଇଛି। ଏହାସହ ଶ୍ରେଷ୍ଠ ନିର୍ଦ୍ଦେଶକ ପିନାକୀ ସିଂ, ଶ୍ରେଷ୍ଠ ପାଶ୍ୱର୍ ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସ, ଶ୍ରେଷ୍ଠ ପାଶ୍ୱର୍ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ଶ୍ରେଷ୍ଠ ଖଳ ଅଭିନେତା ଚୌଧୁରୀ ବିକାଶ ଦାସ, ଶ୍ରେଷ୍ଠ ଖଳ ଅଭିନେତ୍ରୀ ପିଙ୍କି ପ୍ରଧାନ, ଶ୍ରେଷ୍ଠ ହାସ୍ୟ ଅଭିନେତା ସନ୍ତୋଷ କୁମାର କାଣ୍ଡି, ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ ଆଲିଆ ନନ୍ଦ, ଶ୍ରେଷ୍ଠ କାହାଣୀକାର ପିନାକୀ ଶ୍ରୀଚନ୍ଦନ, ଶ୍ରେଷ୍ଠ ସଂଳାପ ଲେଖକ ଭରଦ୍ୱାଜ ପଣ୍ଡା, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକ, ଶ୍ରେଷ୍ଠ ଗୀତିକାର ଡ. ନିର୍ମଳ ନାୟକ, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ବିଷ୍ଣୁ ମୋହନ କବି, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ସମେତ ବିଭିନ୍ନ ବିଭାଗରେ ବିଶିଷ୍ଟ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ୨୦୨୪ ବର୍ଷ ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ତପନ କୁମାର ଦାସଙ୍କ 'ଆଶ୍ରମ' ସିନେମା ପୁରସ୍କାର ଗ୍ରହଣ କରିଥିବା ବେଳେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଅଶୋକ ପତି, ଶ୍ରେଷ୍ଠ ଅଭିନେତା ଭାବେ ବାବୁଶାନ୍ ଏବଂ ଅଭିନେତ୍ରୀ ଭାବେ ଦେବଯାନୀ ଦେଘୁରିଆଙ୍କୁ ପୁରସ୍କୃତ କରାଯାଇଛି। ଶ୍ରେଷ୍ଠ ପାଶ୍ୱର୍ ଅଭିନେତା ଭାବେ ସୁକାନ୍ତ ରଥ, ପାଶ୍ୱର୍ ଅଭିନେତ୍ରୀ ଲିପ୍ସା ମିଶ୍ର, ଶ୍ରେଷ୍ଠ ଖଳ ଅଭିନେତା ହର ରଥ, ଖଳ ଅଭିତେନ୍ରୀ ଉଷଶ୍ରୀ ମିଶ୍ର, ଶ୍ରେଷ୍ଠ ହାସ୍ୟ ଅଭିନେତା ଜୀବନ ପଣ୍ଡା, ଶିଶୁ ଅଭିନେତା ଲତାସା ଖୁରାନା, ଶ୍ରେଷ୍ଠ କାହାଣୀକାର ଭାବେ ଅଜୟ ମହାପାତ୍ର, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଦିବ୍ୟଜିତ ସାହୁ, ଶ୍ରେଷ୍ଠ ଗୀତିକାର ଦୁର୍ଗା ମାଧବ ପଣ୍ଡା, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ରୂପକ କୁମାର ପରିଡ଼ା, ଗାୟିକା ଅର୍ପିତା ଚୌଧୁରୀ, ଶ୍ରେଷ୍ଠ ଶିଶୁ ଚଳଚ୍ଚିତ୍ର 'ଅନୁଭବ', ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର 'ଦଣ୍ଡେ ରହେ-କାହାଣୀ କହେ-ବାହୁନା କନ୍ଦା', ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର 'ସିନ୍ଦୁରା', ଶ୍ରେଷ୍ଠ ସିନେମା ପୁସ୍ତକ ଡ. ରଞ୍ଜନ କୁମାର ରଥଙ୍କ 'ଇଭୋଲ୍ୟୁସନ୍ ଅଫ୍ ଓଡ଼ିଆ ସିନେମା'କୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟଙ୍କ ସମେତ ସିନେମା ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପୁରସ୍କାରପ୍ରାପ୍ତ ସମସ୍ତ କଳାକାରଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

# ମିସ୍ ୟୁନିଭର୍ସ ପ୍ରତିଯୋଗିତାକୁ ବ୍ରହ୍ମପୁର ଝିଅ ପୁନମ୍ ମନୋନୀତ




ବ୍ରହ୍ମପୁର, ୨୬।୬ (ସମିସ): ଦେଶର ସବୁଠୁ ବୃହତ୍ତମ ଓ ସଂଭ୍ରାନ୍ତ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬ ଫାଇନାଲ୍‌ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ ବ୍ରହ୍ମପୁରର ଝିଅ ପୁନମ ମହାରଣା। ୨୨ ବର୍ଷୀୟା ପୁନମ ମିସ୍ ୟୁନିଭର୍ସ ଓଡ଼ିଶା ୨୦୨୬ ମୁକୁଟ ଜିତିବା ପରେ ଅଗଷ୍ଟରେ ନୂଆଦିଲ୍ଲୀରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଜଳାଇଛନ୍ତି। ସେ କମ୍ପ୍ୟୁଟର ସାଇନ୍ସରେ ବି.ଟେକ୍ ସହ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବିଶେଷଜ୍ଞତା ହାସଲ କରିଛନ୍ତି। ରାଜ୍ୟସ୍ତରୀୟ ଚୟନ ପର୍ଯ୍ୟାୟରେ ପ୍ରାୟ ୧୦୦ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ବିଜୟୀ ହୋଇଛନ୍ତି ଏବଂ ଏହି ସଫଳତା ପଛରେ ବାପା ବିଭୁଦେନ୍ଦ୍ର ମହାରଣା, ମା' ସଙ୍ଗୀତା ମହାରଣାଙ୍କ ପ୍ରେରଣା ଥିବା ସେ କହିଛନ୍ତି । ଜାତୀୟ ପ୍ରତିଯୋଗିତା ପାଇଁ ପୁନମ ବର୍ତ୍ତମାନ ବ୍ୟକ୍ତିତ୍ୱ ବିକାଶ, ମଞ୍ଚ ଉପସ୍ଥାପନା ଓ ଯୋଗାଯୋଗ କୌଶଳ ଉପରେ ବିଶେଷ ପ୍ରଶିକ୍ଷଣ ନେଉଛନ୍ତି। ପରିବେଶ ସୁରକ୍ଷା, ସମାଜସେବା ଓ ଉଦ୍ୟୋଗ କ୍ଷେତ୍ରରେ କାମ କରିବାକୁ ମଧ୍ୟ ସେ ନିଜର ପ୍ରମୁଖ ଲକ୍ଷ୍ୟ ବୋଲି ଉଲ୍ଲେଖ କରି ଓଡ଼ିଶା ପାଇଁ ଜାତୀୟ ମଞ୍ଚରେ ପ୍ରତିନିଧିତ୍ୱ କରିବା ଗର୍ବର ବିଷୟ ବୋଲି ପୁନମ୍ କହିଛନ୍ତି।

# ସୁଜାତାଙ୍କ ନାଁରେ ଫେକ୍ ସୋସିଆଲ ମିଡିଆ ଆକାଉଣ୍ଟ

ଭୁବନେଶ୍ୱର,୨୬।୬(ସମିସ): ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଜାତା ରାଉତ ବିଜେଡିରେ ଯୋଗ ଦେବା ପରେ ତାଙ୍କ ନାମରେ ମାଳ ମାଳ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲାଯାଇଛି। ଏହି ଆକାଉଣ୍ଟ ଗୁଡ଼ିକରୁ ତାଙ୍କର ଗତିବିଧିଠାରୁ ଆରମ୍ଭ କରି ବିଭିନ୍ନ ପ୍ରସଙ୍ଗରେ ପୋଷ୍ଟ କରାଯାଉଛି। ହେଲେ ବାସ୍ତବରେ ଶ୍ରୀମତୀ ରାଉତଙ୍କର ସୋସିଆଲ ମିଡିଆରେ କୌଣସି ଆକାଉଣ୍ଟ ନାହିଁ ବୋଲି ଶୁକ୍ରବାର ବିଜେଡି ପକ୍ଷରୁ କୁହାଯାଇଛି। ଦଳର ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି ସାମାଜିକ ଗଣମାଧ୍ୟମ ଜରିଆରେ କହିଛନ୍ତି, ବିଜୁ ଜନତା ଦଳରେ ସାମିଲ ହୋଇଥିବା ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଜାତା ରାଉତଙ୍କ ନାଁରେ କେହି ବ୍ୟକ୍ତି ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲି ପୋଷ୍ଟ କରୁଥିବା ନଜରକୁ ଆସିଛି। ମାତ୍ର ଶ୍ରୀମତୀ ରାଉତଙ୍କର ସୋସିଆଲ ମିଡିଆରେ କୌଣସି ଆକାଉଣ୍ଟ ନାହିଁ। ଫେକ୍ ଆକାଉଣ୍ଟ ଜରିଆରେ ହେଉଥିବା ପୋଷ୍ଟଗୁଡ଼ିକୁ ବିଶ୍ୱାସ ନକରିବାକୁ ସେ ଅନୁରୋଧ କରିଛନ୍ତି।

**ବିଶ୍ୱାସ ନ କରିବାକୁ ବିଜେଡି ମିଡିଆ ସଂଯୋଜକଙ୍କ ଅନୁରୋଧ**

# ବରିଷ୍ଠ ସାମ୍ବାଦିକ ଶରତ ଚନ୍ଦ୍ର ଦାଶଙ୍କ ପରଲୋକ

ଭୁବନେଶ୍ୱର,୨୬।୬(ସମିସ): ବରିଷ୍ଠ ସାମ୍ବାଦିକ ତଥା ପ୍ରେସ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ)ର ପୂର୍ବତନ ଓଡ଼ିଶା ବ୍ୟୁରୋ ମୁଖ୍ୟ ଶରତ ଚନ୍ଦ୍ର ଦାଶଙ୍କର ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ଅସୁସ୍ଥ ଥିବା ଶ୍ରୀ ଦାଶଙ୍କର ମୃତ୍ୟୁ ବେଳକୁ ବୟସ ୮୩ ବର୍ଷ ହୋଇଥିଲା। ସାମ୍ବାଦିକତା କ୍ଷେତ୍ରରେ ଶରତ ଚନ୍ଦ୍ର ଦାଶଙ୍କ ଅବଦାନ ଅତୁଳନୀୟ। ସେ

**ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଶୋକ**

ପ୍ରାୟ ୪୨ ବର୍ଷ ଧରି ପିଟିଆଇରେ କାର୍ଯ୍ୟ କରିଥିଲେ ଏବଂ ୨୦୦୩ ମସିହାରେ ଓଡ଼ିଶା ବ୍ୟୁରୋ ମୁଖ୍ୟ ପଦରୁ ଅବସର ଗ୍ରହଣ କରିଥିଲେ। ସେ ପ୍ରଥମେ ପିଟିଆଇର ମୁମ୍ବାଇ ଓ ନୂଆଦିଲ୍ଲୀ ବ୍ୟୁରୋରେ କାର୍ଯ୍ୟ କରିବା ପରେ କଟକରେ ବ୍ୟୁରୋ ମୁଖ୍ୟ ଭାବେ ଦାୟିତ୍ୱ ନେଇଥିଲେ। ପରେ ୧୯୯୩ ମସିହାରେ ଭୁବନେଶ୍ୱରରେ ପିଟିଆଇର ଓଡ଼ିଶା ବ୍ୟୁରୋ ମୁଖ୍ୟ ଭାବେ ଯୋଗଦେଇ ଅବସର ପର୍ଯ୍ୟନ୍ତ ସଫଳତାର ସହ କାର୍ଯ୍ୟ କରିଥିଲେ। ନମ୍ର ବ୍ୟବହାର, ଉଚ୍ଚ ବୃତ୍ତିଗତ ମୂଲ୍ୟବୋଧ ଏବଂ ସାମ୍ବାଦିକତାର ନୈତିକତା ପ୍ରତି ଅଟୁଟ ନିଷ୍ଠା ପାଇଁ ସେ ସମସ୍ତଙ୍କ ପାଖରେ ଜଣେ ଆଦର୍ଶ ସାମ୍ବାଦିକ ଭାବେ ପରିଚିତ ଥିଲେ। ଅନେକ ଯୁବ ସାମ୍ବାଦିକଙ୍କୁ ସେ ମାର୍ଗଦର୍ଶନ କରି ସାମ୍ବାଦିକତା କ୍ଷେତ୍ରକୁ ଦକ୍ଷ ମାନବ ସମ୍ବଳ ଯୋଗାଇଥିଲେ। ଗତବର୍ଷ ତାଙ୍କର ପତ୍ନୀ ପ୍ରିୟମ୍ବଦା ଦାଶଙ୍କର ପରଲୋକ ଘଟିଥିଲା। ତାଙ୍କର ଦୁଇ ପୁଅ ଓ ଦୁଇ ଝିଅ ଅଛନ୍ତି। ତାଙ୍କର ପୁଅ ଅଜିତ୍ ଦାଶ ମଧ୍ୟ ଜଣେ ଜଣାଶୁଣା ସାମ୍ବାଦିକ ଓ ସେ ଦୀର୍ଘଦିନ ଧରି ନନ୍ଦିଘୋଷ ଟିଭିରେ ଇନ୍‌ପୁଟ ଏଡ଼ିଟର ଭାବରେ କାର୍ଯ୍ୟ କରୁଥିଲେ।



ତାଙ୍କ ପରଲୋକରେ ବିଭିନ୍ନ ରାଜନୈତିକ ନେତା, ସାମ୍ବାଦିକ, ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ତାଙ୍କର ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଓଡ଼ିଶାର ଗଣମାଧ୍ୟମ ଜଗତରେ ସେ ଜଣେ ସଫଳ ସାମ୍ବାଦିକ ଭାବରେ ପରିଚିତ ଥିଲେ ବୋଲି ଉଲ୍ଲେଖ କରି ତାଙ୍କର ଶୋକସନ୍ତପ୍ତ ପରିବାର ପ୍ରତି ନବୀନ ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ସେହିପରି ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ମଧ୍ୟ ଶୋକ ପ୍ରକାଶ କରିବା ସହ ଏପରି ସମୟରେ ତାଙ୍କ ପରିବାରକୁ ଭଗବାନ ଅସୀମ ଧୈର୍ଯ୍ୟ ଓ ସାହସ ଦିଅନ୍ତୁ ବୋଲି କାମନା କରିଛନ୍ତି।

# ପିଏସି ଅଧ୍ୟକ୍ଷ ହେଲେ ପ୍ରମିଳା ମଲ୍ଲିକ

ଭୁବନେଶ୍ୱର,୨୬।୬(ସମିସ): ଓଡ଼ିଶା ବିଧାନସଭାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଭିନ୍ନ କମିଟି ଗଠନ ହୋଇଛି। ବିଧାନସଭା ସ୍ଥାୟୀ, ବିଭାଗୀୟ ଓ ଗୃହ କମିଟି ଗଠନ ସହ ପ୍ରାୟ ୩୫ରୁ ଅଧିକ କମିଟି ଗଠନ କରାଯାଇଛି। ବାଚସ୍ପତି ସୁରମା ପାଢ଼ୀ ଏହି କମିଟି ଗଠନ କରିଥିବା ନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ପବ୍ଲିକ୍ ଆକାଉଣ୍ଟ କମିଟି ବା ପିଏସିର ଅଧ୍ୟକ୍ଷା ଭାବେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ ଦାୟିତ୍ୱ ମିଳିଛି। କମିଟିରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ଅରୁଣ ସାହୁ, ଗଣେଶ୍ୱର ବେହେରା, ସନାତନ ବିଜୁଳି, ଆକାଶ ଦାସନାୟକ, କଳିକେଶ ନାରାୟଣ ସିଂହଦେଓ, ଅଶୋକ ମହାନ୍ତି, ବାବୁ ସିଂହ, ସନ୍ତୋଷ ଖଟୁଆ, ଅମର ନାୟକ ଓ ଅରବିନ୍ଦ ମହାପାତ୍ର ପ୍ରମୁଖ ଏହି କମିଟିରେ ରହିଛନ୍ତି। ସେହିପରି ରୁଲ୍ସ କମିଟିରେ ବାଚସ୍ପତି ସୁରମା ପାଢ଼ୀ ଅଧ୍ୟକ୍ଷ ରହିଥିବା ବେଳେ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ପ୍ରତାପ କେଶରୀ ଦେବ, ତୁଷାରକାନ୍ତି ବେହେରା ଓ ସାଗର ଚରଣ ଦାସ ସଦସ୍ୟ ଅଛନ୍ତି। ସ୍ୱାଧିକାର କମିଟି ଅଧ୍ୟକ୍ଷ ଭାବରେ ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଦାୟିତ୍ୱ ମିଳିଛି ଓ ଏହି କମିଟିରେ ଅନ୍ୟ ୬ ଜଣ ସଦସ୍ୟ ରହିଛନ୍ତି। ପବ୍ଲିକ୍ ଅଣ୍ଡରଟେକିଂ କମିଟି ଅଧ୍ୟକ୍ଷ ଭାବେ ପଦ୍ମଲୋଚନ ପଣ୍ଡା, ଏସ୍‌ସିଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷ ଭାବେ ଭାସ୍କର ମଢ଼େଇ, ସବ୍‌ଅର୍ଡିନେଟ୍ ଲେଜିସଲେସନ୍ କମିଟି ଅଧ୍ୟକ୍ଷ ଭାବେ ଇରାଶିଷ ଆଚାର୍ଯ୍ୟ, ପିଟିସନ କମିଟି ଅଧ୍ୟକ୍ଷ ଭାବେ ପ୍ରଶାନ୍ତ କୁମାର ଜଗଦେବ, ପେପର୍ ଲେଡ୍ କମିଟି ଅଧ୍ୟକ୍ଷ ଭାବେ ଦୁଷ୍ମନ୍ତ କୁମାର ସ୍ୱାଇଁ, ସରକାରୀ ପ୍ରତିଶ୍ରୁତି କମିଟି ଅଧ୍ୟକ୍ଷ ଭାବେ ଅଶୋକ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି। ଲାଇବ୍ରେରୀ କମିଟି ଅଧ୍ୟକ୍ଷ ଭାବେ ଆକାଶ ଦାସନାୟକ ରହିଛନ୍ତି।

ମହିଳା ଓ ଶିଶୁ କଲ୍ୟାଣ ଅଧ୍ୟକ୍ଷ ଭାବେ ସୀମାରାଣୀ ନାୟକଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ସରକାରୀ ବିଭାଗଗୁଡ଼ିକର କାର୍ଯ୍ୟର ସମୀକ୍ଷା ପାଇଁ ଗଠିତ ବିଭାଗଗତ ସମ୍ପର୍କିତ ସ୍ଥାୟୀ କମିଟିଗୁଡ଼ିକ ପ୍ରଥମରୁ ଦଶମ ଯାଏ ଅଧ୍ୟକ୍ଷ ଭାବେ ଯଥାକ୍ରମେ ସିଦ୍ଧାନ୍ତ ମହାପାତ୍ର, ସନ୍ତୋଷ ଖଟୁଆ, ବାବୁ ସିଂହ, ପୂର୍ଣ୍ଣଚନ୍ଦ୍ର ସେଠୀ, ବିଭୂତି ଭୂଷଣ ପ୍ରଧାନ, ସୁଧୀର ରଞ୍ଜନ ପାଟ୍ଟଯୋଶୀ, ମନୋହର ରନ୍ଧାରୀ ଏବଂ ସନାତନ ବିଜୁଳି ରହିଛନ୍ତି। ଏହାବ୍ୟତୀତ ମହାନଦୀ ଜଳ ବିବାଦ, ଜଗନ୍ନାଥ ମନ୍ଦିର ବିକାଶ, ପରିବେଶ ପ୍ରଦୂଷଣ, ବିସ୍ଥାପନ, ରେଳ ବିକାଶ, ସୀମା ବିବାଦ, ବିଦ୍ୟୁତ ବିତରଣ ଓ ଭାଷାଗତ ସଂଖ୍ୟାଲଘୁଙ୍କ ସମସ୍ୟା ଭଳି ପ୍ରସଙ୍ଗ ଉପରେ ମଧ୍ୟ ବିଭିନ୍ନ ଗୃହ ଓ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ଏହି କମିଟିଗୁଡ଼ିକ ସରକାରୀ କାର୍ଯ୍ୟର ସମୀକ୍ଷା କରି ବିଧାନସଭାରେ ସୁପାରିସ ଓ ରିପୋର୍ଟ ଦାଖଲ କରିବେ। ସୂଚନା ଥାଉ କି ଗତ ମାର୍ଚ୍ଚ ୩୧ ତାରିଖରେ ପୂର୍ବ କମିଟିଗୁଡ଼ିକର ଅବଧି ସମାପ୍ତ ହୋଇଥିଲା। ଏହା ପରେ ଦୁଇ ମାସରୁ ଅଧିକ ସମୟ ଧରି ନୂଆ କମିଟି ଗଠନ ହୋଇନଥିବାରୁ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏମିତି କି ଏ ସମ୍ପର୍କରେ ଏକାଧିକ ବିଧାୟକ ରାଜ୍ୟପାଳଙ୍କୁ ପତ୍ର ଲେଖି ଏ ସମ୍ପର୍କରେ ଅବଗତ କରାଇବା ସହ ହସ୍ତକ୍ଷେପ ଲୋଡ଼ିଥିଲେ।

**ସୁରକ୍ଷା ବାହିନୀର ବଡ଼ ସଫଳତା**

# ନକ୍ସଲ ଅସ୍ତ୍ର ଡମ୍ପିଂୟାର୍ଡ ଠାବ, ୨୪ ଲକ୍ଷ ଟଙ୍କା ଜବତ



ମାଲକାନଗିରି, ୨୬।୬ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ଚାଲିଥିବା ନକ୍ସଲ ଦମନ ଅଭିଯାନ ବେଳେ ଓର୍ଛା ଥାନା ଅଞ୍ଚଳର ଟେକଲା ଜଙ୍ଗଲ ଓ ପାହାଡ଼ରେ ନକ୍ସଲମାନେ ଲୁଚାଇ ରଖିଥିବା ଏକ ବଡ଼ ଅସ୍ତ୍ର ଡମ୍ପ୍ ଠାବ କରାଯାଇଛି। ସୁରକ୍ଷା ବାହିନୀ ଇନ୍‌ସାସ ଓ ଏସ୍‌ଏଲ୍‌ଆର ରାଇଫଲ, ୩୦୩ ରାଇଫଲ, ୩୦-ଓସି ବନ୍ଧୁକ, ବିଜିଏଲ ଲଞ୍ଚର, ସିଙ୍ଗଲ ସଟ୍ ବନ୍ଧୁକ, ବହୁ ସଂଖ୍ୟକ ମ୍ୟାଗାଜିନ, ଶତାଧିକ ଜୀବନ୍ତ ଗୁଳି, ଡେଟୋନେଟର ଏବଂ ଯୋଗାଯୋଗ ଉପକରଣ ଜବତ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନରେ ନକ୍ସଲମାନଙ୍କ ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ ବଡ଼ ଧକ୍କା ଲାଗିଥିବା କୁହାଯାଉଛି। ସେହିପର ଛୋଟେଡୋଙ୍ଗର ଥାନା ଅନ୍ତର୍ଗତ ତୋୟାମେଟା ଜଙ୍ଗଲ-ପାହାଡ଼ରେ ଚାଲିଥିବା ଅନ୍ୟ ଏକ ସର୍ଚ୍ଚ ଅଭିଯାନ ବେଳେ ନକ୍ସଲମାନଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ୨୪ ଲକ୍ଷ ଟଙ୍କା ନଗଦ ରାଶି ଜବତ କରାଯାଇଛି। ପୁଲିସର ପ୍ରାଥମିକ ଅନୁମାନ ଅନୁଯାୟୀ, ଏହି ଟଙ୍କା ନକ୍ସଲ ସଂଗଠନର ବିଭିନ୍ନ କାର୍ଯ୍ୟକଳାପ ପାଇଁ ରଖାଯାଇଥିଲା। ନକ୍ସଲ ପ୍ରଭାବିତ ଅଞ୍ଚଳରେ ଶାନ୍ତି, ସୁରକ୍ଷା ଓ ବିକାଶକୁ ସୁଦୃଢ଼ କରିବା ପାଇଁ ଏଭଳି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ନାରାୟଣପୁର ପୁଲିସ ପକ୍ଷରୁ କୁହାଯାଇଛି।

# ଆଇନଜୀବୀ କଲ୍ୟାଣ ପାଣ୍ଠି ଅନୁସାରେ ବଢ଼ିଲାନି ସହାୟତା ରାଶି

## ବାର କାଉନସିଲ ପରିସରରୁ ଉଠାଇ ନିଆଗଲା କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟ

## ସରକାରଙ୍କ ନିଷ୍ପତ୍ତି ବିରୋଧରେ ରାଜ୍ୟବ୍ୟାପି ପ୍ରତିବାଦ ଚେତାବନୀ



କଟକ,୨୬।୬ (ସମିସ): ଆଇନଜୀବୀ କଲ୍ୟାଣ ପାଣ୍ଠି ୧୦ କୋଟିକୁ ବୃଦ୍ଧି ପାଇଥିଲେ ସୁଦ୍ଧା ସେହି ଅନୁପାତରେ ଆଇନଜୀବୀଙ୍କ ପାଇଁ ସହାୟତା ରାଶି ସ୍ଥିର କରାଯାଇନଥିବା ନେଇ ରାଜ୍ୟର ଓକିଲଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରିକି ଆଇନଜୀବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ଆଡଭୋକେଟ ଜେନେରାଲଙ୍କ କାର୍ଯ୍ୟାଳୟ ପରିସରକୁ ଉଠାଇ ନିଆଯାଇଥିବା ବେଳେ ରାଜ୍ୟ ଆଇନଜୀବୀ ପରିଷଦ (ବାର କାଉନସିଲ)ର ସଚିବଙ୍କୁ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ସଚିବ ପଦରୁ ବେଆଇନ ଭାବେ ନିଲମ୍ବନ କରାଯାଇଥିବା ନେଇ ଉଦବେଗ ପ୍ରକାଶ କରିଛି ରାଜ୍ୟ ଆଇନଜୀବୀ ପରିଷଦ। ଆଜି ପରିଷଦର କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ଆଇନଜୀବୀ ସୀତାଂଶୁ ମୋହନ ଦ୍ୱିବେଦୀ ଓ ଅନ୍ୟ ସଦସ୍ୟମାନେ ଏଭଳି ପଦକ୍ଷେପକୁ ନିନ୍ଦା କରିଛନ୍ତି। ଆଇନଜୀବୀଙ୍କର ସମସ୍ୟାର ସମାଧାନ ନ ହେଲେ ରାଜ୍ୟ ବ୍ୟାପୀ ଆଇନଜୀବୀମାନେ ପ୍ରତିବାଦ କରିବେ ବୋଲି ଚେତାବନୀ ଦିଆଯାଇଛି।

ଶ୍ରୀ ଦ୍ୱିବେଦୀ କହିଥିଲେ ଯେ ଆଇନଜୀବୀ କଲ୍ୟାଣ ପାଣ୍ଠି ୧୯୮୭ରେ ଗଠନ କରାଯାଇ ରାଜ୍ୟ ସରକାର ପ୍ରଥମେ ୨୦୧୪ -୨୦୧୫ ଆର୍ଥିକ ବର୍ଷରେ ୧କୋଟି ମ୍ୟାଚିଙ୍ଗ ଗ୍ରାଣ୍ଟ ପ୍ରଦାନ କରିଥିଲେ। ୨୦୧୬-୨୦୧୭ ଆର୍ଥିକ ବର୍ଷରେ ଏହା ୩କୋଟିକୁ ବୃଦ୍ଧି ପାଇଥିଲା, ୨୦୨୦-୨୧ ଆର୍ଥିକ ବର୍ଷରେ ଏହି କଲ୍ୟାଣ ପାଣ୍ଠି ୫ କୋଟି ଟଙ୍କା ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ଗତ ୨୦୨୪ ମସିହାରେ ସରକାର ଏହାକୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରିଥିଲେ। ଯେତେବେଳେ ମ୍ୟାଚିଙ୍ଗ ଗ୍ରାଣ୍ଟ ୧ କୋଟି ଥିଲା ସେତେବେଳେ ୩୦ ବର୍ଷର ସଦସ୍ୟତା ଥିବାର ଆଇନଜୀବୀମାନେ ତାଙ୍କ ଅବସର ସମୟରେ ୨ ଲକ୍ଷ ୭୦ ହଜାର ରାଶି ପାଉଥିଲେ। ସେହିଭଳି ୫ କୋଟି ଥିବା ବେଳେ ତଦନୁପାତରେ ତତ୍କାଳୀନ ସରକାର ସହାୟତା ରାଶି ୪ଲକ୍ଷ ୫୦ ହଜାର ଟଙ୍କା କରିଥିଲେ।

ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ତରଫରୁ ହୋଇଥିବା ଏକ ବୈଠକ ଗତ ୨୦୨୪ ଡିସେମ୍ବର ୨୪ତାରିଖରେ ଅନୁଷ୍ଠିତ ହୋଇ ରାଜ୍ୟ ସରକାରଙ୍କୁ କଲ୍ୟାଣ ପାଣ୍ଠିର ସହାୟତା ରାଶିକୁ ୯ ଲକ୍ଷ ଟଙ୍କା କରିବା ପାଇଁ ଚିଠା ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ରାଜ୍ୟ ସରକାର ଏହାକୁ ଉପେକ୍ଷା କରି ୪୦ ପ୍ରତିଶତ ବୃଦ୍ଧି କରିଛନ୍ତି। ଇତିମଧ୍ୟରେ ଓଡ଼ିଶା ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ବେଆଇନ୍ ଭାବରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପରିସର ମଧ୍ୟରୁ ଏଜି କାର୍ଯ୍ୟାଳୟକୁ ଉଠାଇ ନିଆଯାଇଛି। ଏଥିପାଇଁ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ଆଇନଜୀବି ପରିଷଦ ସହ କୌଣସି ବିଚାର ବିମର୍ଶ କିମ୍ବା ଆଲୋଚନା କରାଯାଇନି। ରାଜ୍ୟ ଆଇନଜୀବୀ ପରିଷଦର ସଚିବଙ୍କୁ ଆଇନଜୀବୀ କଲ୍ୟାଣ ପାଣ୍ଠି ସଚିବରୁ ନିଲମ୍ବନ କରାଯାଇଛି। ଏଣୁ ରାଜ୍ୟ ସରକାର ୧୫ ଦିନ ମଧ୍ୟରେ ଆଇନଜୀବୀ କଲ୍ୟାଣ ପାଣ୍ଠି ସହାୟତା ରାଶିକୁ ୪୦ ୧୦୦ ପ୍ରତିଶତ ବୃଦ୍ଧି କରି ଅବସରକାଳୀନ କିମ୍ବା ମୃତ ଆଇନଜୀବୀଙ୍କୁ ସର୍ବନିମ୍ନ ୯ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା, ଆଇନଜୀବୀ କଲ୍ୟାଣ ପାଣ୍ଠି କାର୍ଯ୍ୟାଳୟକୁ ତୁରନ୍ତ ପରିଷଦର ପରିସରକୁ ଫେରାଇ ଆଣିବା, ପରିଷଦର ସଚିବଙ୍କୁ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି ସଚିବ ପଦରୁ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିବା, ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୧୦ କୋଟି ରୁ ୨୦ କୋଟି ଟଙ୍କାକୁ ବୃଦ୍ଧି କରିବା, ଆଇନଜୀବୀମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ମଧୁବାବୁ ସ୍ୱାସ୍ଥ୍ୟବୀମା ପ୍ରଚଳନ ଓ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରିବା ପାଇଁ ଦାବି କରିଛି ଆଇନଜୀବୀ ପରିଷଦ। ଏହି ସାମ୍ବାଦିକ ସମ୍ମିଳନୀରେ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ ମହାନ୍ତି, ସଦସ୍ୟ ବିଭୁପ୍ରସାଦ ତ୍ରିପାଠୀ, ଅରୁପାନନ୍ଦ ଦାଶ, ଦିନେଶଚନ୍ଦ୍ର ରାୟ, ଗିରିଜା ଶଙ୍କର ମିଶ୍ର, ଗିରିଧାରୀ ମହାପାତ୍ର ଓ ତପନ ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ରାଜ୍ୟ କମିଟି ଘୋଷଣା କଲା ଓଜେସି**

# କମିଟିରେ ୬ ଉପସଭାପତି, ୧୦ ସାଧାରଣ ସମ୍ପାଦକ

ଭୁବନେଶ୍ୱର,୨୬।୬(ସମିସ): ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ପ୍ରଥମ ରାଜ୍ୟ କମିଟି ଘୋଷଣା କରାଯାଇଛି। ଓଜେସି ସଭାପତି ଇଂ ମହମ୍ମଦ ମୋକିମଙ୍କ ଅନୁମୋଦନ କ୍ରମେ ଓଜେସିର ଏକ ୨୬ ଜଣିଆ ରାଜ୍ୟ କମିଟି ଘୋଷଣା ହୋଇଛି। ଉକ୍ତ କମିଟିରେ ୬ ଜଣ ରାଜ୍ୟ ଉପସଭାପତି, ୧୦ଜଣ ସାଧାରଣ ସମ୍ପାଦକ ଏବଂ ୧୦ ଜଣ ସମ୍ପାଦକ ଭାବେ ସ୍ଥାନି ପାଇଛନ୍ତି। ଉପସଭାପତିମାନଙ୍କ ମଧ୍ୟରେ ବଦ୍ରି ନାରାୟଣ ମହାନ୍ତି, ଗିରିବାଳା ବେହେରା, ନିକୁଞ୍ଜ ପଶାୟତ, ନଜିବୁର ରେହମାନ ଖାନ୍, ପ୍ରଦୀପ ପ୍ରଧାନ, ରଞ୍ଜିତା ରାଉତ ପ୍ରମୁଖ ସ୍ଥାନ ପାଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ସୂର୍ଯ୍ୟକାନ୍ତ ରାଉତ, ସୁଜିତ୍ ସ୍ୱାଇଁ, ଶୁଭେନ୍ଦୁ ମଲ୍ଲିକ, ସୋମନାଥ ରାଉତ, ନରେଶ ମହାନ୍ତି, ଅନିତା ନାୟକ, ସଞ୍ଜୟ ରାୟ, ଲଳିତ ମୋହନ ପ୍ରଧାନ, ପ୍ରସନ୍ନ ବିଷୋୟୀ, ଦୀପକ କୁମାର ପରିଡା ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଛି। ଭିନ୍ନ ଭିନ୍ନ ଜିଲ୍ଲା ଓ ବର୍ଗର ନେତୃତ୍ୱ ମାନଙ୍କୁ ରାଜ୍ୟ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ବୀରେନ୍ଦ୍ର ପ୍ରଧାନ, ତପନ ରାଉତରାୟ, ଦିଲ୍ଲୀପ ରାଉତ, ଅଖିଳ ମୋହନ ଦାସ, କୃଷ୍ଣାନନ୍ଦ ସାହୁ, ଆଦିତ୍ୟ ଗିରି, କାଳିପ୍ରସାଦ ମଲ୍ଲିକ, ଅଂଶୁମାନ ଦାସ, ସୋନାଲି ମହାପାତ୍ର ଏବଂ ବିକାଶ କୁମାର ବେହେରା ପ୍ରମୁଖ ନେତୃତ୍ୱମାନଙ୍କୁ ଓଜେସି ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି।

# ବିଦ୍ୟୁତ୍ ଆଘାତରେ ଇଟିଆଇ ଛାତ୍ରଙ୍କ ମୃତ୍ୟୁ

ବାଲିଚନ୍ଦ୍ରପୁର,୨୬।୬(ସମିସ): ବିଦ୍ୟୁତ ଆଘାତରେ ଜଣେ ଆଇଟିଆଇ ଛାତ୍ରଙ୍କର ମୃତ୍ୟୁ ହୋଇଯାଇଛି। ଏହି ଛାତ୍ର ଜଣକ ହେଉଛନ୍ତି ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଗ୍ରାମର ବିଭୁତି ବିଶ୍ୱାଳଙ୍କ ଏକମାତ୍ର ପୁତ୍ର କୌଶିକ ବିଶ୍ୱାଳ (୨୨)। ସୂଚନା ମୁତାବକ କୌଶିକ ଆଜି ଦିନ ୧୦ଟାରେ ନିଜ ଘରେ ଥିବା ବେଳେ କୌଣସି କାରଣରୁ ବିଦ୍ୟୁତ ଆଘାତର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। କୌଶିକଙ୍କର ମୃତ୍ୟୁ ଖବର ପାଇ ବିଶିଷ୍ଟ ସମାଜସେବୀ ଦିବାକର ବିଶ୍ୱାଳ, ସରପଞ୍ଚ ପ୍ରତିନିଧି ଅମୀୟ ସାହାଣୀ, ପ୍ରେମାନନ୍ଦ ବିଶ୍ୱାଳ, ପ୍ରଦୀପ କୁମାର ବିଶ୍ୱାଳ ଓ ରସାନନ୍ଦ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ ପୂର୍ବକ ଗଭୀର ଶୋକ ପ୍ରକାଶ କରିଥିଲେ।

## ଘର ଭିତରକୁ ପଶିଗଲା ଟ୍ରକ୍



ପଦ୍ମପୁର,୨୬।୬(ସମିସ): ପଦ୍ମପୁର ପାଟଣାଗଡ଼ ମୁଖ୍ୟ ରାସ୍ତାର ରଜାପଡ଼ାରେ ଏକ ମାଲବାହୀ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ସବିତା ମହାନନ୍ଦଙ୍କ ଘର ଭିତରକୁ ପଶିଯାଇଥିବାବେଳେ ସୌଭାଗ୍ୟବଶତଃ ପରିବାର ସଦସ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ଟ୍ରକ୍‌ଟି ହଠାତ୍ ନିୟନ୍ତ୍ରଣ ହରାଇ ରାସ୍ତା ଛାଡ଼ି ସିଧାସଳଖ ଘରର କାନ୍ଥ ଭାଙ୍ଗି ଭିତରକୁ ପଶି ଯାଇଥିଲା। ପରିବାରର ବହୁ କ୍ଷୟକ୍ଷତି ହୋଇଥିବା ବେଳେ ସଦସ୍ୟମାନେ ରକ୍ଷା ପାଇଯାଇଛନ୍ତି। ପୁଲିସ ଟ୍ରକ୍‌କୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଅତ୍ୟଧିକ ବେଗ କିମ୍ବା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

## ମହିଳାଙ୍କ ଶ୍ରାଦ୍ଧ ବାର୍ଷିକୀରେ ଛାତ୍ରଛାତ୍ରୀଙ୍କୁ ଭୂରି ଭୋଜନ



ବରଗଡ,୨୬।୬(ସମିସ): ସୋହେଲା ବ୍ଲକ ନଅଗାଁ ନିବାସୀ ଭାଗିରଥୀ ପ୍ରଧାନ ତାଙ୍କ ପତ୍ନୀ ମହିମା ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଗାଁ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଭୂରି ଭୋଜନ ପ୍ରଦାନ କରି ପାଳନ କରିଛନ୍ତି। ସ୍ୱର୍ଗତ ମହିମା ପ୍ରଧାନ ଜଣେ ଧର୍ମପରାୟଣା ମହିଳା ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ମଧ୍ୟ ଆୟୋଜିତ ହୋଇଥିଲା। ଗ୍ରାମ ତଥା ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଏସ୍‌ଆଇଓଙ୍କ ପରଲୋକ

ପଦ୍ମପୁର,୨୬।୬(ସମିସ): ବରଗଡ଼ ଜିଲ୍ଲା ବରିକେଲ ପଞ୍ଚାୟତ ସିଂହନପୁର ଗ୍ରାମର ସ୍ୱନାମଧନ୍ୟ ବ୍ୟକ୍ତିତ୍ୱ ତଥା ଅବସରପ୍ରାପ୍ତ ଏସ୍‌ଆଇଓ ପୂର୍ଣ୍ଣଚନ୍ଦ୍ର ମେହେରଙ୍କ ଶୁକ୍ରବାର



୯୧ ବର୍ଷ ବୟସରେ ପରଲୋକ ଘଟିଛି। ସରଳ ବ୍ୟକ୍ତିତ୍ୱ ଓ ସମାଜସେବା ପାଇଁ ସେ ସିଂହନପୁର ତଥା ସମଗ୍ର ଅଞ୍ଚଳରେ ଅତ୍ୟନ୍ତ ଆଦରଣୀୟ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଶେଷ ଯାତ୍ରାରେ ପୁତ୍ର ଅଭୟ ମେହେର, ପରିବାରବର୍ଗ, ଗ୍ରାମବାସୀ ତଥା ଅନେକ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ସାଧାରଣ ଲୋକ ତାଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ସିୟୁଇଟି ପରୀକ୍ଷାରେ ୨ ଛାତ୍ରଛାତ୍ରୀଙ୍କ କୃତିତ୍ୱ

ପାଇକମାଳ,୨୬।୬(ସମିସ): ଚଳିତ ବର୍ଷ ପ୍ରକାଶିତ କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ (ସିୟୁଇଟି) ପରୀକ୍ଷାରେ ପାଇକମାଳ ବ୍ଲକର ମାଣ୍ଡୋସିଲ ଅଞ୍ଚଳର ୨ ଜଣ ଛାତ୍ର ଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେମାନେ ହେଲେ ଆର୍ଯ୍ୟନ ଖୁଣ୍ଟିଆ ଓ ଆଦ୍ୟାଶା ଖୁଣ୍ଟିଆ। ପ୍ରକାଶିତ ଫଳାଫଳ ଅନୁସାରେ ଆର୍ଯ୍ୟନ ୬୩୫.୪ ନମ୍ବର ଏବଂ ଆଦ୍ୟାଶା ଖୁଣ୍ଟିଆ ୬୧୫.୧ ନମ୍ବର ପାଇ କୃତକାର୍ଯ୍ୟ ହୋଇଛନ୍ତି। ଆର୍ଯ୍ୟନ ମାଣ୍ଡୋସିଲ ନିବାସୀ ସମାଜସେବୀ ମହେନ୍ଦ୍ର ଖୁଣ୍ଟିଆଙ୍କ ପୁଅ ହୋଇଥିବା ବେଳେ ଆଦ୍ୟାଶା ବ୍ୟବସାୟୀ ବିରେନ୍ଦ୍ର ଖୁଣ୍ଟିଆଙ୍କ ଝିଅ। ଉଭୟ ମାଣ୍ଡୋସିଲ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପ୍ରାଥମିକ ଶିକ୍ଷା ଗ୍ରହଣ ପରେ ବରଗଡ଼ର କ୍ରିଷ୍ଟା ବିକାଶ ଆବାସିକ ବିଦ୍ୟାଳୟରେ ବିଜ୍ଞାନ ବିଭାଗରେ ଯୁକ୍ତ ଦୁଇ ପଢୁଥିଲେ। ଏହି କୃତିତ୍ୱ ପାଇଁ ଉଭୟଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟୁଛି।





### ସାଇକଲରେ ଶବ ବାନ୍ଧି ଶ୍ମଶାନକୁ ନେବା ଘଟଣା

# ଖବର ପ୍ରକାଶ ପରେ ପରିବାର ପାଖରେ ପହଞ୍ଚିଲା ପ୍ରଶାସନ

ପାଇକମାଳ,୨୬।୬(ସମିସ)



ପାଇକମାଳ ବ୍ଲକ ଅନ୍ତର୍ଗତ ପାଇକମାଳ ପଞ୍ଚାୟତର କଣ୍ଟାପଡା ଗ୍ରାମରେ ସାଇକଲରେ ଶବ ବାନ୍ଧି ଶ୍ମଶାନକୁ ନେବା ଖବର ପ୍ରକାଶ ପରେ ପ୍ରଶାସନର ତତ୍ପରତା ଦେଖାଦେଇଛି। ପରିବାରକୁ ସହାୟତା ପ୍ରଦାନ କରାଯାଇଛି।

ଜଣେ ନିଃସହାୟ ବୃଦ୍ଧାଙ୍କ ମୃତ୍ୟୁ ପରେ ଶବ ବୋହିବାକୁ ପର୍ଯ୍ୟାପ୍ତ ସହଯୋଗ ନ ମିଳିବାରୁ ପରିବାର ଲୋକେ ସାଇକଲରେ ମୃତଦେହ ବାନ୍ଧି ଶ୍ମଶାନକୁ ନେଇ ଶେଷକୃତ୍ୟ କରିଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ତତ୍ପରତା ଦେଖାଇ ଶୁକ୍ରବାର ସକାଳେ ପୀଡ଼ିତ ପରିବାର ପାଖରେ ପହଞ୍ଚିଛି ସମବେଦନା ଜଣାଇବା ସହ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ବିଡ଼ିଓ ପ୍ରଫୁଲ୍ଲ କୁମାର ଓଡୁ ଜଣାଇଛନ୍ତି। ଏହି ଅବସରରେ ବିଡ଼ିଓ ଶ୍ରୀ ଓଡୁଙ୍କ ସମେତ ତହସିଲଦାର ସିନ୍ଧୁସୂତା ପାତ୍ର, ସିଡ଼ିପିଓ ବାସନ୍ତୀ ପୂର୍ତ୍ତି, ଡବ୍ଲୁଇଓ ସୁନୀଲ କୁମାର ଭୂଏ, ସରପଞ୍ଚ ତୁଲାବତୀ ତାଣ୍ଡିଙ୍କ ସମେତ ବ୍ଲକ ପ୍ରଶାସନ କର୍ମଚାରୀମାନେ ଉପସ୍ଥିତ ଥିଲେ।

ସୂଚନା ଅନୁଯାୟୀ, କଣ୍ଟାପଡା ଗ୍ରାମର ଜୟନ୍ତୀ ବଛା(୮୦) ଦୀର୍ଘଦିନ ଧରି ନିଜ ଝିଅ ବାସନ୍ତୀ ବଛାଙ୍କ ସହ ବସବାସ କରୁଥିଲେ। ପରିବାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୟନୀୟ ଥିବାବେଳେ ଦୁଃଖକଷ୍ଟରେ ଚଳୁଥିଲେ। ପରିବାରର ବଡ଼ ପୁଅ ତୁଳାରାମ ବଛାଙ୍କ ୮ ମାସ ପୂର୍ବରୁ ମୃତ୍ୟୁ ଘଟିଥିଲା। ଅନ୍ୟପଟେ ସାନପୁଅ ପଞ୍ଚା ପରିବାର ସହ ଭଞ୍ଜନଗରରେ ରହୁଥିବା ଜଣାପଡ଼ିଛି। ଗୁରୁବାର ସକାଳ ପ୍ରାୟ ୮ଟାରେ ଜୟନ୍ତୀ ବଛାଙ୍କ ମୃତ୍ୟୁ ଘଟିଥିଲା। ଶବ ସଂସ୍କାରପାଇଁ ନିବେଦନ ପରେ କେହି ସହାୟତା ନ କରିବାରୁ ଶେଷରେ ବାଧ୍ୟ ହୋଇ ବଡ଼ ବୋହୂ ଯାଜ୍ଞସେନୀ ବଛା, ନାତି ଶୁଭମ ବଛା ଓ ନାତୁଣୀ ଶିବାନୀ ବଛା ମୃତଦେହକୁ ଏକ ସାଇକଲରେ ବାନ୍ଧି ଶ୍ମଶାନକୁ ନେଇ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଏହାର ଭିଡିଓ ଲୋକଙ୍କୁ ମର୍ମାହତ କରିଥିଲା ଏବଂ ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିଲା।

ଖବର ପ୍ରକାଶ ପରେ ଶୁକ୍ରବାର ସନ୍ଧ୍ୟାରେ ତହସିଲଦାର ସିନ୍ଧୁସୂତା ପାତ୍ର, ବ୍ଲକ ପ୍ରଶାସନ ଓ ଅନ୍ୟାନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ଜିଲ୍ଲା ରେଡକ୍ରସ ପାଣ୍ଠିରୁ ପୀଡ଼ିତ ପରିବାରକୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହା ସହ ବ୍ଲକ ପ୍ରଶାସନ ପକ୍ଷରୁ ୩ ହଜାର ଟଙ୍କା ଏବଂ ୪୦ କିଲୋଗ୍ରାମ ଚାଉଳ ଯୋଗାଇ ଦିଆଯାଇଛି। ସେହିପରି ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନା ଅଧୀନରେ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୩ ହଜାର ଟଙ୍କା ସହାୟତା ଦିଆଯାଇଥିଲା। ଅନ୍ୟପଟେ, ଏଭଳି ପରିସ୍ଥିତି କାହିଁକି ସୃଷ୍ଟି ହେଲା ଏବଂ ଶବ ସଂସ୍କାର ପାଇଁ ପରିବାରକୁ ସମୟରେ ସହାୟତା କାହିଁକି ମିଳିଲା ନାହିଁ, ସେନେଇ ପୁଲିସ ଓ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ପାଇକମାଳ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଛି। ଏହି ଘଟଣା କେବଳ ଏକ ପରିବାରର ଅସହାୟତାକୁ ସାମ୍ନାକୁ ଆଣିନାହିଁ, ବରଂ ଗ୍ରାମାଞ୍ଚଳରେ ଆବଶ୍ୟକ ସେବା ଓ ସାମାଜିକ ସହଯୋଗ ବ୍ୟବସ୍ଥାର ଅଭାବକୁ ମଧ୍ୟ ଦର୍ଶାଉଛି। ପ୍ରଶାସନର ତତ୍ପରତା ପରେ ପରିବାର କିଛିଟା ଆଶ୍ୱସ୍ତ ହୋଇଥିବାବେଳେ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବାକୁ ସ୍ଥାୟୀ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଶାନ୍ତି ତପୋବନ ଆଶ୍ରମ ଅନ୍ତେବାସିନୀଙ୍କ ବିବାହ ସମ୍ପନ୍ନ

ବରଗଡ଼,୨୬।୬(ସମିସ): ସମାଜର ମୁଖ୍ୟ ସ୍ରୋତରୁ ଦୂରରେ ଥିବା ଅସହାୟ ଓ ଅନାଥଙ୍କ ସାହାରା ସାଜିଥିବା ବରଗଡ଼ ଜିଲ୍ଲା ସୋହେଲା ବ୍ଲକର ଶାନ୍ତି ତପୋବନ ଆଶ୍ରମରେ ଏକ ଭାବପୂର୍ଣ୍ଣ ଓ ଆନନ୍ଦମୟ ପରିବେଶ ସୃଷ୍ଟି ହୋଇଥିଲା। ଆଶ୍ରମର ମାତୃଛାୟା ଅନ୍ତେବାସିନୀ ଯମୁନା ଶୁକ୍ରବାର ଦିନ ଏକ ନୂତନ ଜୀବନ ଆରମ୍ଭ କରିଛନ୍ତି।



ଆଦର୍ଶ ବିବାହର ନିଦର୍ଶନ ଅତାବିରା ବ୍ଲକ କୁଲୁଣ୍ଡା ଗ୍ରାମର ପ୍ରେମସିଲା ଓ ରାଜେନ୍ଦ୍ର ସାହୁଙ୍କ ଦ୍ୱିତୀୟ ପୁତ୍ର ସୁଦାମ ସାହୁଙ୍କ ସହିତ ଯମୁନାଙ୍କ ବିବାହ ନିରାଡ଼ମ୍ବର ଭାବେ ସମ୍ପନ୍ନ ହୋଇଛି। ଆଶ୍ରମର ମୁଖ୍ୟ ଦେବଦତ୍ତ ତ୍ରିପାଠୀଙ୍କ ପୌରୋହିତ୍ୟ ଓ ମାର୍ଗଦର୍ଶନରେ ବିବାହ ହୋଇଥିବା ବେଳେ ସୁଶୀଳା ସାହୁ ଓ ସ୍ୱାମୀ ଶଙ୍କର ସାହୁ କନ୍ୟାଦାନ କରିଥିଲେ। ପୁରୋହିତ ପଞ୍ଚାନନ ପଣ୍ଡା ଓ ସରୋଜ କୁମାର ମିଶ୍ର ବୈଦିକ ରୀତିନୀତିରେ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ।

ଭକ୍ତିମୟ ପରିବେଶରେ ଆଶୀର୍ବାଦ ଏହି ବିବାହ ଉତ୍ସବକୁ ଅଧିକ ସ୍ମରଣୀୟ କରିଥିଲେ ଇପ୍ସିତ ମିଶ୍ର ଓ ତାଙ୍କ ସାଥୀ ସୀତା। ଏହି ଅବସରରେ ଡିଏସ୍‌ଡବ୍ଲୁ ସନ୍ଧ୍ୟାରାଣୀ ନେପାକ, ପ୍ରୋଗ୍ରାମ ଅଫିସର ମଙ୍ଗଳିକା ଦାଶ, ନିମିଷ୍ୟା ପ୍ରଧାନଙ୍କ ସମେତ ଶତାଧିକ ଆଶ୍ରମ ହିତାକାଂକ୍ଷୀ ଯୋଗଦେଇ ନବ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଆଶ୍ରମର ସହ-ପରିଚାଳିକା ଲବଙ୍ଗ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରମାଣ କରିଛି ଯେ, ସମାଜର ମିଳିତ ପ୍ରୟାସରେ ଏକ ଅସହାୟ ଜୀବନକୁ ମଧ୍ୟ ସମ୍ମାନଜନକ ଭାବେ ବାହାଘର କରି ଗୃହସ୍ଥାଶ୍ରମରେ ପ୍ରତିଷ୍ଠିତ କରାଯାଇପାରିବ। ଶାନ୍ତି ତପୋବନର ଏହି କାର୍ଯ୍ୟ ସମାଜ ପାଇଁ ନିଶ୍ଚିତ ଭାବେ ଏକ ପ୍ରେରଣାଦାୟୀ ଦୃଷ୍ଟାନ୍ତ ହୋଇ ରହିବ।

## 'ପିଲାଙ୍କ ପାଖରେ ପାଠାଗାର' କାର୍ଯ୍ୟକ୍ରମ




ବରଗଡ଼,୨୬।୬(ସମିସ): ପିଲାଏ ମୋବାଇଲ ଛାଡ଼ି ପୁସ୍ତକ ଧରନ୍ତୁ। ପୁସ୍ତକର ବିକଳ୍ପ ନାହିଁ। କୌଣସି ଏଆଇ, କମ୍ପ୍ୟୁଟର କି ମୋବାଇଲ କେବେ ପୁସ୍ତକର ସ୍ଥାନ ନେଇ ପାରିବେ ନାହିଁ ବୋଲି ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ତରଫରୁ ଆୟୋଜିତ 'ପିଲାଙ୍କ ପାଖରେ ପାଠାଗାର' କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ଗୋରୁ ମାର୍କେଟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ 'ଶିଶୁଶ୍ରୀ'ର ସଂଯୋଜକ ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସନ୍ତୋଷ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକ ମନସ୍କ ବ୍ୟକ୍ତି ଜୀବନରେ ସମସ୍ତ ଲକ୍ଷ୍ୟ ହାସଲରେ ସମର୍ଥ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସତ୍ୟାନନ୍ଦ ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ମୀନା ପଣ୍ଡା, ସାମାଜିକ କର୍ମୀ ସଙ୍ଘମିତ୍ରା ପଟେଲ ପୁସ୍ତକର ବିକଳ୍ପ ନାହିଁ ଓ ଏଆଇ କିମ୍ବା କମ୍ପ୍ୟୁଟର ପୁସ୍ତକର ସ୍ଥାନ ନେଇ ପାରିବେ ନାହିଁ ବୋଲି କହିଥିଲେ ଓ ଛାତ୍ରଛାତ୍ରୀ ମାନେ ଅଧିକରୁ ଅଧିକ ଭଲ ପୁସ୍ତକ ପାଠ କରିବାକୁ ପରାମର୍ଶ ଦେଇଥିଲେ। ପୁସ୍ତକ ପଠନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ସୌମ୍ୟାଶ୍ରୀ ପାତ୍ର, ଶୁଭ୍ରାଂଶୁ ମହାପାତ୍ର ଓ ବୈଶାଖୀ ପଟ୍ଟନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଶିଶୁଶ୍ରୀ'ର ଆବାହକ ଡକ୍ଟର ରବିନାରାୟଣ ସାହୁ ଉଦ୍ଦେଶ୍ୟ ଜ୍ଞାପନ ଓ ବରିଷ୍ଠ ସଦସ୍ୟ ତଥା ପଣ୍ଡିତ କପିଳ ବାଗ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡିଶା ରାଜ୍ୟ କୃଷକ ସଂଗଠନର ବିଭିନ୍ନ ମଣ୍ଡି ପରିଦର୍ଶନ

ଅତାବିରା,୨୬।୬(ସମିସ): ରାଜ୍ୟ ସରକାର ରବି ଧାନ ସଂଗ୍ରହ ଅବଧି ୩ ଦିନ ବଢ଼ାଇ ଜୁଲାଇ ୩କୁ ବୃଦ୍ଧି କରିଛନ୍ତି। ତଥାପି ମଣ୍ଡିରେ ହଜାର ହଜାର ପ୍ୟାକେଟ୍ ଧାନ ପଡ଼ି ରହିଥିବା ବେଳେ ପ୍ରତି ମଣ୍ଡିରେ ଶହ ଶହ ଚାଷୀଙ୍କ ଟୋକନ ଥାଇ ମଧ୍ୟ ଧାନ ଉଠୁନି। ମଣ୍ଡିକୁ ପର୍ଯ୍ୟାପ୍ତ ଟାର୍ଗେଟ, ମିଲର ଗାଡ଼ି ଆସୁ ନଥିବାରୁ ଧାନ ଉଠି ପାରୁନଥିବା ଜଣାପଡ଼ିଛି। ଫଳରେ ମଣ୍ଡିକୁ ଶତାଧିକ ଚାଷୀ ଧାନ ମିଲକୁ ଦେବା ବଦଳରେ କିପରି ମିଲ, ମିଲରର ଏଜେଣ୍ଟଙ୍କ ଆପୋସ ବୁଝାମଣାରେ ଟୋକନ କାଟିବାରେ ବ୍ୟସ୍ତ ରହିଛି। ଟୋକନ ଲାପ୍ସ ଯେପରି ନ ହୁଏ ସେ ନେଇ ଚାଷୀମାନେ ମଣ୍ଡିମାନଙ୍କ ଅପେକ୍ଷା କରି ନିଜ ନମ୍ବର ପାଇଁ ଜଗି ରହିଛନ୍ତି। ବହୁ ଚାଷୀଙ୍କ ଟୋକନ ଆସି ନାହିଁ, ଟୋକନ ଆସିବାର ଆଶା କ୍ଷୀଣ। ଏପରି ଅବ୍ୟବସ୍ଥା ଭିତରେ ଚାଷୀ ଛନ୍ଦି ହୋଇଥିବା ବେଳେ ଓଡିଶା ରାଜ୍ୟ କୃଷକ ସଂଗଠନ, ଅତାବିରାର ପ୍ରତିନିଧି ଦଳ ବିଭିନ୍ନ ମଣ୍ଡି ପରିଦର୍ଶନ କରି ଅନ୍ତିମ ସପ୍ତାହକ ମଧ୍ୟରେ କିପରି ସମସ୍ତ ଧାନ ବିକ୍ରି ହୋଇ ପାରିବ ସେ ନେଇ ଚାଷୀଙ୍କ ଆଲୋଚନା କରିଛନ୍ତି।

### ଟୋକନ ଲାପ୍ସ; ଚିନ୍ତାରେ ଚାଷୀ

ସଂଗଠନ ପାଖାପାଖି ୨୦ଜଣିଆ ପ୍ରତିନିଧି ଦଳ ଶୁକ୍ରବାରର ଗୋଡଭଗା, ଲରମ୍ବା, କାଦୋବାହାଲ, ଖୁଣ୍ଟିଲିପାଲି, ଝରାପାଲି, ଗୁର୍ଖାପାଲି, ପତ୍ରାପାଲି, କାଠଡରୋ, ପାହାଡଶ୍ରୀଗିଡା, ଜାଙ୍ଗେଡ, ଗେଡରଟିକ୍ରା, ଅତାବିରା ମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ସଂଗଠନ ସଭାପତି ଭୂବନ ପ୍ରଧାନ, ସମ୍ପାଦକ ନରେନ୍ଦ୍ର ପ୍ରଧାନ, ଚାଷୀ ନେତା ବୀରେନ୍ଦ୍ର କର, ଟିକେଲାଲ ମିଶ୍ର, ସୁରେଶ କର୍ଣ୍ଣ, ବୃନ୍ଦଦେବ ନନ୍ଦ, ସୁଜିତ ପ୍ରଧାନ, ପାପା ରାଓ, ସତ ବାବୁ, କୃଷ୍ଣ ବାବୁ, ସୁରେନ୍ଦ୍ର ପ୍ରଧାନ, ଦେବେନ୍ଦ୍ର ସାହୁ, ଦଶରଥ ଭୋଇ, ସଂକ୍ରାନ୍ତି, ସଂସାର ପ୍ରଧାନ ପ୍ରମୁଖ ସାମିଲ ଥିଲେ।



### ଅବଧି ବାକି ଆଉ ତିନିଦିନ

# ମଣ୍ଡିରେ ପଡ଼ିଛି ୪.୩୮ ଲକ୍ଷ ପ୍ୟାକେଟ ଧାନ

ପଦ୍ମପୁର,୨୬।୬(ସମିସ)

ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡରେ ଗତ ଖରିଫ ଭଳି ଚଳିତ ବର୍ଷ ରବିରେ ମଧ୍ୟ ମଣ୍ଡିରେ ଧାନ ବିକ୍ରି ନେଇ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏବେ ଖରିଫ ଚାଷ ପାଇଁ ପ୍ରସ୍ତୁତି ହେଉଥିବା ଚାଷୀ ମଣ୍ଡିରୁ କେବେ ତାର ଧାନ ଉଠିବ ସେହି ଚିନ୍ତାରେ। ଚାଷୀ ତାର ଜମି ପ୍ରସ୍ତୁତି କାମ ଛାଡି ପ୍ରତିଦିନ ମଣ୍ଡି ଧାଉଁଥିବା ଦେଖିବାକୁ ମିଳିଛି। ମଣ୍ଡିକୁ ଧାନ ଆସୁଛି କିନ୍ତୁ ଆବଶ୍ୟକ ଟାର୍ଗେଟ ନ ଥିବାରୁ ଧାନ

### ପାଇକମାଳ ମଣ୍ଡିରେ ପଡ଼ିଛି ସର୍ବାଧିକ ୬୯ ହଜାର ପ୍ୟାକେଟ

ଉଠାଇବା ପାଇଁ ମିଲର୍ସ ଆସୁ ନାହାନ୍ତି ବୋଲି ଚାଷୀମାନେ କହୁଥିବା ବେଳେ ଉପଖଣ୍ଡ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ପଧାନ କହିଛନ୍ତି ଯେ, ମିଲର୍ସଙ୍କୁ ଆବଶ୍ୟକ ଟାର୍ଗେଟ ଦିଆହୋଇଛି, କିନ୍ତୁ ଧାନ ଉଠାଣ ମନ୍ଥର ହୋଇଛି ବୋଲି କହିଛନ୍ତି। ସେହିପରି ମୌସୁମୀ ବର୍ଷା ଯୋଗୁଁ ଚାଷୀ ଆତଙ୍କିତ



ହୋଇ ପଡୁଛନ୍ତି। ଯଦି ବର୍ଷାରେ ସେମାନଙ୍କ ଧାନ ଭିଜିଯାଏ ତାହେଲେ ବିକ୍ରି ଯୋଗ୍ୟ ରହିବ ନାହିଁ।

ପଦ୍ମପୁର ଉପଖଣ୍ଡରେ ରବିଧାନ ସଂଗ୍ରହ ପାଇଁ ପ୍ରଶାସନ ତରଫରୁ ୫୯ଟି ମଣ୍ଡି ଖୋଲାଯାଇଛି। ସର୍ବାଧିକ ସୋହେଲା ବ୍ଲକରେ ୧୬ଗୋଟି ମଣ୍ଡି ଖୋଲିଥିବା ବେଳେ ବିଜେପୁରରେ ୧୩ ଟି, ଗାଇସିଲେଟରେ ୩ଟି, ଝାରବନ୍ଧରେ ୧୨ଟ, ପାଇକମାଳରେ ୯ ଓ ପଦ୍ମପୁର ବ୍ଲକରେ ୬ଟି ମଣ୍ଡି ଖୋଲିଛି।

ତେବେ ବିଶେଷ କରି ଉପଖଣ୍ଡର ପାଇକମାଳ ମଣ୍ଡିରେ ସର୍ବାଧିକ ୬୮ହଜାର ୯୭୫ ପ୍ୟାକେଟ, ଧାରୋଲ ଧାନ ମଣ୍ଡିରେ ୫୯ ହଜାର ୧୨୯ ପ୍ୟାକେଟ, ଜାମସେଟରେ ୧୮ ହଜାର ୬୨୯ ପ୍ୟାକେଟ ଧାନ ପଡିଥିବା ବେଳେ ଝାରବନ୍ଧ ବ୍ଲକ ଡଭା ମଣ୍ଡିରେ ୨୪ ହଜାର ପ୍ୟାକେଟ ଧାନ ପଡିରହିଛି। ଶୁକ୍ରବାର ସୁଦ୍ଧା ଉପଖଣ୍ଡର ୧୭ହଜାର ୨ଶହ ୧୫ ଜଣ ଚାଷୀ ୧୭ଲକ୍ଷ ୨୨ ହଜାର ପ୍ୟାକେଟ ଧାନ ବିକ୍ରି କରିଥିବା ବେଳେ ବିଭିନ୍ନ ମଣ୍ଡିରେ ୪ ଲକ୍ଷ ୩୮ ହଜାର ୮୨୯ ପ୍ୟାକେଟ ଧାନ ପଡ଼ିଥିବା ଆର୍‌ଏମ୍‌ସି ସମ୍ପାଦକ ରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି।

ସରକାର ଗତ ମେ' ୧୧ରୁ ଧାନ ମଣ୍ଡି ଆରମ୍ଭ କରିଥିଲେ ଏବଂ ଧାର୍ଯ୍ୟ ମୁତାବକ ଜୁନ ୩୦ ସୁଦ୍ଧା ରବି ଧାନ କିଣାବିକା ଶେଷ ହେବା କଥା। ମାତ୍ର ଏବେ ବି ମଣ୍ଡି ମାନଙ୍କରେ ହଜାର ହଜାର ପ୍ୟାକେଟ ଧାନ ପଡିଛି। ସରକାର ଶୀଘ୍ର ମିଲ୍‌ମାନଙ୍କୁ ଧାନ ଉଠାଣ ଟାର୍ଗେଟ ଦେଇ ଶୀଘ୍ର ଧାନ ଉଠାଇବାକୁ ଚାଷୀମାନେ ଦାବି କରିଛନ୍ତି।

### ■ କୁଷ୍ଠରୋଗ ଚିହ୍ନଟରେ ଲଗାତର ଚାରି ବର୍ଷର ସଫଳତା

## ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଡା. ସୁଶାନ୍ତ ମେହେର ସମ୍ମାନୀତ

ବିଜେପୁର,୨୬।୬(ସମିସ): ବରଗଡ ଜିଲ୍ଲାର ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଗୋଷ୍ଠୀ ଚିକିତ୍ସାଧିକାରୀ ଡ଼ା. ସୁଶାନ୍ତ ମେହେରଙ୍କୁ କୁଷ୍ଠ ରୋଗ ଚିହ୍ନଟ ଅଭିଯାନରେ ଉଲ୍ଲେଖନୀୟ ସଫଳତା ପାଇଁ ବରଗଡ ଜିଲ୍ଲାପାଳ ଆଦିତ୍ୟ ଗୋଏଲ ସମ୍ମାନୀତ କରିଛନ୍ତି। ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୨୦୨୨-୨୩ରୁ ୨୦୨୫-୨୬ ପର୍ଯ୍ୟନ୍ତ ଲଗାତର ଚାରି ବର୍ଷ ଧରି କୁଷ୍ଠ ରୋଗୀ ଚିହ୍ନଟ ଅଭିଯାନରେ ଜିଲ୍ଲାରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ଏହି ସମ୍ମାନ ପ୍ରଦାନ କରାଯାଇଛି।




ଏହି ଅବସରରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସ୍ୱାକ୍ଷରିତ ମାନପତ୍ର ଡ଼ା. ମେହେରଙ୍କୁ ପ୍ରଦାନ କରାଯାଇଥିଲା। ଡ଼ା. ସୁଶାନ୍ତ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀମାନେ ଘରେ ଘରେ ପହଞ୍ଚି କୁଷ୍ଠ ରୋଗର ପ୍ରାରମ୍ଭିକ ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା, ନିଶୁଳ୍କ ପରୀକ୍ଷା ଏବଂ ଚିକିତ୍ସାର ବ୍ୟବସ୍ଥା କରିଥିଲେ। ଏହାର ଫଳସ୍ୱରୂପ ଅନେକ ନୂତନ ରୋଗୀଙ୍କୁ ଠିକ୍ ସମୟରେ ଚିହ୍ନଟ କରାଯାଇ ଚିକିତ୍ସା ଆରମ୍ଭ କରାଯାଇପାରିଥିଲା। ଡ଼ା. ମେହେରଙ୍କ ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ନିଃସ୍ୱାର୍ଥ ସେବା ମନୋଭାବ ପାଇଁ ଏହି ସଫଳତା ସମ୍ଭବ ହୋଇଥିବା ବେଳେ, ତାଙ୍କର ଏହି ସମ୍ମାନରେ ବିଜେପୁର ଡାକ୍ତରଖାନାର ସମସ୍ତ କର୍ମଚାରୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

**ଅନ୍ତର୍ଜାତୀୟ ନିଶା ନିବାରଣ ଏବଂ ଅବୈଧ ଚାଲାଣ ନିଷିଧ ଦିବସ**

# ନିଶାମୁକ୍ତ ସମାଜ ପାଇଁ ଆହ୍ୱାନ







**ବୌଦ୍ଧ, ୨୬।୬(ସମିସ)**

ବୌଦ୍ଧ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ନିଶା ନିବାରଣ ଏବଂ ଅବୈଧ ଚାଲାଣ ନିଷିଧ ଦିବସ ପାଳିତ ହୋଇଛି। ଏନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ପ୍ଲାକାର୍ଡ ଧରି ବିଭିନ୍ନ ସଚେତନ ଧର୍ମୀ ବାର୍ତ୍ତା ନେଇ ସ୍ଥାନୀୟ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲେ। ଏଥିରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଶାନ, ଅବକାରୀ ଇନ୍ସପେକ୍ଟର ଦିଲ୍ଲୀପ ଶତପଥୀ ଓ ସୁଧୀର ମିଶ୍ର ସବୁଜ ପତାକା ଦେଖାଇ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ସମ୍ମୁଖରୁ ସଚେତନା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଅବକାରୀ ବିଭାଗର କର୍ମଚାରୀ ଅଂଶ ଗ୍ରହଣ କରି ସହର ପରିକ୍ରମା କରିଥିଲେ।

ସେହିଭଳି ବୌଦ୍ଧ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ତରଫରୁ ମଧ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ନିଶାମୁକ୍ତ ପାଇଁ ଏକ ଦସ୍ତଖତ ଅଭିଯାନ ଓ ଶପଥ ପାଠ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ବିଭିନ୍ନ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏକ ମୋଟର ସାଇକେଲ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର କିଷାନ, କେନ୍ଦ୍ର ସଞ୍ଚାଳିକା ବିକେ ମାମିନା ଭଉଣୀ, ଭାରତ ସ୍ୱାଭିମାନ ଟ୍ରଷ୍ଟ ମୁଖ୍ୟ ଦେବାଶିଷ ପୁରୋହିତ, ଗାୟତ୍ରୀ ପରିବାର ପକ୍ଷରୁ ଡ. ପ୍ରବୀର ଦାସ, ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ରାଜଲକ୍ଷ୍ମୀ ବିଶ୍ୱାଳ ଯୋଗ ଦେଇ ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିକେ ସରୋଜ ଭାଇ, ବିକେ ରବି ଭାଇ, ବିକେ ମହେଶ ଭାଇ ପରିଚାଳନା କରିଥିଲେ।

**ଦେବଗଡ଼:** ଜିଲ୍ଲା ସାମାଜିକ ସୁରକ୍ଷା ଓ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ନିଶାଦ୍ରବ୍ୟ ଦୁରୁପଯୋଗ ଓ ଅବୈଧ ଚାଲାଣ ନିରୋଧ ପାଇଁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଅଧିକାରୀ ଶ୍ରୀନିବାସ ଜାନୀ ଓ ଆରକ୍ଷୀ ଅଧୀକ୍ଷକ ବାସନ୍ତୀ ପ୍ରଭା ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା ରଥ ଓ ଛାତ୍ରଛାତ୍ରୀଙ୍କ ଶୋଭାଯାତ୍ରାକୁ ଜିଲ୍ଲାପାଳ କବିନ୍ଦ୍ର ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ସହରର ବିଭିନ୍ନ ସ୍ଥାନ ପରିକ୍ରମା କରି ସଚେତନତା ବାର୍ତ୍ତା ଦେଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ, ଅବକାରୀ ବିଭାଗର କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।



**ତରଭା:** ବିଶ୍ୱ ନିଶା ନିବାରଣ ଦିବସ ଏବଂ ଅବୈଧ ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରାଚାଲାଣ ବିରୋଧୀ ଆନ୍ତର୍ଜାତୀୟ ଦିବସ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଭିନ୍ନ ସଂଗଠନର ପ୍ରତିନିଧି ଅଂଶଗ୍ରହଣ କରି ନିଶାମୁକ୍ତ ସମାଜ ଗଠନର ବାର୍ତ୍ତା ପ୍ରଦାନ କରିଥିଲେ। ପରବର୍ତ୍ତି ସମୟରେ ଜିଲ୍ଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଚିକିତ୍ସା ବିଭାଗ, ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି), ଅବକାରୀ ବିଭାଗ ଏବଂ ବ୍ରହ୍ମାକୁମାରୀ ସଂସ୍ଥାର ସମ୍ବଳ ବ୍ୟକ୍ତିମାନେ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ନିଶାମୁକ୍ତ ସମାଜ ହିଁ ନିଶାମୁକ୍ତ ରାଷ୍ଟ୍ର ଗଠନର ମୂଳ ଆଧାର। ଯୁବପିଢ଼ିଙ୍କୁ ନିଶାର କବଳରୁ ମୁକ୍ତ କରି ମୁଖ୍ୟସ୍ରୋତକୁ ଫେରାଇ ଆଣିବା ସହ ନିରନ୍ତର ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଅବକାରୀ ନିରୀକ୍ଷକ ଜ୍ୟୋତିର୍ମୟ ପଟେଲ ହେରୋଇନ ପରି ମାରାତ୍ମକ ନିଶାଦ୍ରବ୍ୟର ଭୟାବହତା ସମ୍ପର୍କରେ ସଚେତନ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ସମ୍ବଳ ବ୍ୟକ୍ତି ବୈଧ ଓ ଅବୈଧ ନିଶାଦ୍ରବ୍ୟ ମଧ୍ୟରେ ପାର୍ଥକ୍ୟ ବୁଝାଇଥିଲେ। ଶିଶୁ ମଙ୍ଗଳ କମିଟି ପକ୍ଷରୁ ଅବୈଧ ଚୋରାଚାଲାଣରେ ଶିଶୁଙ୍କ ବ୍ୟବହାର ଉପରେ ଚିନ୍ତା ପ୍ରକାଶ କରାଯାଇଥିଲା। ଏହି ଅବସରରେ ପ୍ରବନ୍ଧ ଓ ବିତର୍କ ପ୍ରତିଯୋଗିତା ସହ ନିଶାମୁକ୍ତି ସଚେତନତା ଉପରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇ ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଜିଲ୍ଲାର ମାଟୁପାଲି ଓ ତରଭାଠାରେ କାର୍ଯ୍ୟରତ ଦୁଇଟି ନିଶାମୁକ୍ତି କେନ୍ଦ୍ର ସମ୍ପର୍କରେ ସୂଚନା ଦେଇଥିଲେ। ଜାତୀୟ ନିଶାମୁକ୍ତି ହେଲ୍ପଲାଇନ୍ ୧୪୪୪୬ ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ। ସେ ୨୦୪୭ ସୁଦ୍ଧା ନିଶାମୁକ୍ତ ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

**ଶଗଡ଼ା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ରାଧାମୋହନ ମେହେର ଉଚ୍ଚ ବିଦ୍ୟାଳୟରେ ଆନ୍ତର୍ଜାତୀୟ ନିଶା ସେବନ ଓ ନିଶା ଦ୍ରବ୍ୟର ଅବୈଧ ଚାଲାଣ ନିରାକରଣ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ଯାଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ମନମୁଣ୍ଡା ଜୀବନ ଦୀପ ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ସଞ୍ଜୟ ବଳିୟାରସିଂ, କାଉନସିଲର ପ୍ରଦୀପ ମହାନ୍ତି, ସୁଶାନ୍ତ ରଥ, ପ୍ରଧାନଶିକ୍ଷକ ଅକ୍ଷୟ ପଣ୍ଡା, ସହକାରୀ ଶିକ୍ଷକ ଅକ୍ଷୟ ସାହୁ, ବିଜ୍ଞାନ ଶିକ୍ଷକ ମାନସ ରଞ୍ଜନ ଦାସ ଓ ବିଭୁତି ମହଲା ପ୍ରମୁଖ ନିଶା ସେବନ ଓ ନିଶା ଦ୍ରବ୍ୟର ଅବୈଧ ଚାଲାଣ, ନିରାକରଣ ଉପରେ ବକ୍ତବ୍ୟ ରଖିଥିଲେ।

## ସାହୁଜୀ ମହାରାଜାଙ୍କ ୧୫୨ତମ ଜୟନ୍ତୀ

**ଡୁଙ୍ଗୁରିପାଲି, ୨୬।୬(ସମିସ):** ଡୁଙ୍ଗୁରିପାଲି ବ୍ଲକ ଲକ୍ଷେ ଘର ଗଣ୍ଡା ସମାଜ ଅଫିସ କାର୍ଯ୍ୟାଳୟରେ ସାହୁଜୀ ମହାରାଜାଙ୍କ ୧୫୨ତମ ଜୟନ୍ତୀ ପାଳିତ ହୋଇଛି। ଗଣ୍ଡା ସମାଜର ଉପଦେଷ୍ଟା ଅସର୍ପି କୁମ୍ଭାର ଏଥିରେ ଅଧ୍ୟକ୍ଷତା କରିଥିଲେ। ଡୁଙ୍ଗୁରିପାଲି ବ୍ଲକ ଲକ୍ଷେ ଘର ଗଣ୍ଡା ସମାଜର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବାଗ, ଗଣ୍ଡା ସମାଜର କୋଷାଧ୍ୟକ ସାନନ୍ଦ ତାଣ୍ଡି, ଭୀମ୍ ଆର୍ମି ଜୟ ଭୀମ ସଂଗଠନର ବ୍ଲକ ସଭାପତି ଉପେନ୍ଦ୍ର କୁମ୍ଭାର ଯୋଗ ଦଇଥିଲେ। କେଶବ ବାଗ, ଶେଖର ବାଗ, ଦିଲ୍ଲୀପ ତାଣ୍ଡି, ରାଜକିଶୋର ତାଣ୍ଡି, ସୁନାରାମ ବାଗ, ଉତ୍ତମ ତାଣ୍ଡି, କରୁନା କର ତାଣ୍ଡି, ପଦ୍ମନ କୁମ୍ଭାର, ଗୋବିନ୍ଦ କୁମ୍ଭାର, ଶେଷଦେବ କୁମ୍ଭାର, ସୁନୀଲ କୁମ୍ଭାର, କୃଷ୍ଣଚନ୍ଦ୍ର ଦୀପ, ଗଣେଶ ତାଣ୍ଡି ଉପସ୍ଥିତ ଥିଲେ।

## ସାରସମାଲରେ ମଦ ବନ୍ଦ ପାଇଁ ମହିଳା ଥାନାର ଦ୍ୱାରସ୍ଥ



**ଦେଓଗାଁ, ୨୬।୬(ସିମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ସାରସମାଲ ପଞ୍ଚାୟତ ମୁଖ୍ୟାଳୟରେ ମଦ ବନ୍ଦ ପାଇଁ ଶୁକ୍ରବାର ସନ୍ଧ୍ୟାରେ ଗାଁର ମହିଳା ଗୋଷ୍ଠୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗାଁରେ ୫ରୁ ୭ଟି ମଦ କୁଟିଆ ଖୋଲିଥିବା ବେଳେ କେତେକ କୁଟିଆ ଅପମିଶ୍ରଣ ଖୋଲା ମଦ ବିକ୍ରି କରୁଥିବାରୁ ଗାଁରେ ଅନେକ ଲୋକ ରୋଗଗ୍ରସ୍ତ ହେବାରେ ଲାଗିଛନ୍ତି। ଆହେତୁକ ଭାବେ ବେଆଇନ ଭାବେ ମଦ ଓ ନିଶା ଟାବଲେଟ ବିକ୍ରି ହେଉଥିବାରୁ ଅନେକ ନାବାଳକ ପଥଭ୍ରଷ୍ଟ ହେଉଛନ୍ତି। ଗାଁରେ ପ୍ରତିଦିନ ଅଶାନ୍ତିର ବାତାବରଣ ଲାଗିରହିବାରୁ ୨ ସପ୍ତାହ ତଳେ ମହିଳାମାନେ ପ୍ରଥମେ ପଞ୍ଚାୟତର ଜନପ୍ରତିନିଧିମାନଙ୍କୁ ଅବଗତ କରିଥିଲେ। ସରପଞ୍ଚ ଗୋପାଳ ବାଗଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ସରପଞ୍ଚ ବାଗ ବିଡିଓଙ୍କୁ ଏ ସମ୍ପର୍କରେ ଅବଗତ କରିବା ସହ ଦେଓଗାଁ ଥାନାରେ ମଧ୍ୟ ଲିଖିତ ଭାବେ ଅବଗତ କରିଥିଲେ। ଆଜକୁ ୧୧ ଦିନ ବିତିଯାଇଥିଲେ ହେଁ ମଦ ବେପାରୀଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଇନି। ଏଣୁ ଶୁକ୍ରବାର ସନ୍ଧ୍ୟାରେ ଗାଁ ମଝିରେ ମହିଳାମାନେ ବୈଠକ କରି ମଦ ବନ୍ଦ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ପରେ ସରପଞ୍ଚ ଶ୍ରୀ ବାଗଙ୍କ ନେତୃତ୍ୱରେ ଶତାଧିକ ମହିଳା ଦେଓଗାଁ ଥାନାକୁ ଆସି ମଦ ବନ୍ଦ କରିବା ପାଇଁ ଥାନା ଅଧିକାରୀ ସବିତା ଠେମରିଆଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ ଦେଇଥିଲେ। ଗାଁରେ ନିଶା ବେପାର ବନ୍ଦ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଥାନା ଅଧିକାରୀ ଏନେଇ ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଗାଁକୁ ଫେରିଥିଲେ।



**■ ନାବାଳକଙ୍କୁ ମିଳିଲା ନୂଆ ଜୀବନ**

## ଅସ୍ତ୍ରୋପଚାର ପରେ ସୁସ୍ଥ ହୋଇ ଫେରିଲେ ସ୍ୱପ୍ନେଶ୍ୱର

**ତରଭା, ୨୬।୬(ସମିସ):** ରାଜ୍ୟ ସରକାରଙ୍କ ଜନମୁଖୀ ସ୍ୱାସ୍ଥ୍ୟସେବା ଏବଂ ଗରିବ ରୋଗୀଙ୍କୁ ଉନ୍ନତ ଚିକିତ୍ସା ଯୋଗାଇବା ପ୍ରତି ଥିବା ଅଙ୍ଗୀକାରର ଆଉ ଏକ ଉଦାହରଣ ସୃଷ୍ଟି ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ତ୍ୱରିତ ହସ୍ତକ୍ଷେପ ଓ ନିର୍ଦ୍ଦେଶକ୍ରମେ ସୁବର୍ଣ୍ଣପୁର ଜିଲ୍ଲାର ଜଣେ ନାବାଳକ ସମୟଉପଯୋଗୀ ଚିକିତ୍ସା ସହାୟତା ପାଇ ନୂଆ ଜୀବନ ପାଇଛନ୍ତି। ସୋନପୁର ବ୍ଲକ ଅଧୀନ ମଝିପଡ଼ା ବାସିନ୍ଦା ସୌମ୍ୟରଞ୍ଜନ ସାହୁଙ୍କ ପୁଅ ସ୍ୱପ୍ନେଶ୍ୱର ସାହୁ ହୃଦ୍‌ରୋଗରେ ପୀଡ଼ିତ ଥିଲେ। ଚିକିତ୍ସକମାନଙ୍କ ପରାମର୍ଶ ଅନୁଯାୟୀ ତାଙ୍କର ଶୀଘ୍ର ଅସ୍ତ୍ରୋପଚାର ଆବଶ୍ୟକ ଥିଲା। ଏଥିପାଇଁ ତାଙ୍କୁ ବେଙ୍ଗାଲୁରୁସ୍ଥିତ ଏକ ବେସରକାରୀ ସୁପର ସ୍ପେଶାଲିଟି ହସ୍ପିଟାଲକୁ ନିଆଯାଇଥିଲା; କିନ୍ତୁ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ସମ୍ଭବ ହୋଇନଥିଲା। ଏହି ପରିସ୍ଥିତିରେ ପରିବାର ଲୋକେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ। ଏ ବିଷୟରେ ଜାଣିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ସୁବର୍ଣ୍ଣପୁର ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ଓ) ଏବଂ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ଟିମ୍‌କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଆର୍‌ବିଏସ୍‌କେ ଯୋଜନା ମାଧ୍ୟମରେ ତୁରନ୍ତ ପ୍ରାୟ ୯୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଏହା ସହିତ ଚିକିତ୍ସା ସମ୍ବନ୍ଧୀୟ ସମସ୍ତ ଆବଶ୍ୟକ ପ୍ରଶାସନିକ ସହଯୋଗ ମଧ୍ୟ ସୁନିଶ୍ଚିତ କରାଯାଇଥିଲା। ଏହାଫଳରେ ବେଙ୍ଗାଲୁରୁରେ ସ୍ୱପ୍ନେଶ୍ୱରଙ୍କ ସଫଳ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଥିଲା। ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନିଜ ଗାଁକୁ ଫେରିଛନ୍ତି। ସ୍ୱପ୍ନେଶ୍ୱରଙ୍କ ସୁସ୍ଥତା ପରେ ତାଙ୍କ ପରିବାର ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି। ସରକାରଙ୍କ ତ୍ୱରିତ ପଦକ୍ଷେପ ସେମାନଙ୍କ ପୁଅକୁ ଏକ ନୂତନ ଜୀବନ ପ୍ରଦାନ କରିଛି ବୋଲି ସେମାନେ ମତପ୍ରକାଶ କରିଛନ୍ତି।

## ବିଧବା ଭତ୍ତା ପାଇଁ ପିଲାଙ୍କୁ ଧରି ଦୁଇ ପତ୍ନୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ହରଭଙ୍ଗ, ୨୬।୬(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ତଳଗାଁ ପଞ୍ଚାୟତ ଡାକପଦର ଗ୍ରାମର ସ୍ୱର୍ଗତ ମାଧବ କହଁରଙ୍କ ଦୁଇ ପତ୍ନୀ ୨ ଝିଅଙ୍କୁ ଧରି ବିଧବା ଭତ୍ତା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବର୍ଷେ ହେବ ମାଧବ ଆଖି ବୁଜିଲେଣି। ହେଲେ ତାଙ୍କ ଦୁଇ ପତ୍ନୀଙ୍କୁ ଆଜି ପର୍ଯ୍ୟନ୍ତ ବିଧବା ଭତ୍ତା ମିଳିପାରିନି। ଦୁଇ ପତ୍ନୀ ୩ ଛୋଟ ଛୁଆଙ୍କୁ ନେଇ ବହୁ କଷ୍ଟରେ ଚଳୁଛନ୍ତି। ବିଧବା ଭତ୍ତା ପାଇଁ ଉଭୟ ବର୍ଷେ ହେଲା ଦରଖାସ୍ତ ଦେଉଛନ୍ତି; ହେଲେ ଏ ପର୍ଯ୍ୟନ୍ତ ଉଭୟ ଭତ୍ତା ପାଇ ନାହାନ୍ତି। ଗତ ୨୨ ତାରିଖରେ ତଳଗାଁ ପଞ୍ଚାୟତରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଦୁଇ ବିଧବା ପତ୍ନୀ ଦୁଇ ଝିଅଙ୍କୁ ଧରି ଜିଲ୍ଲାପାଳଙ୍କୁ ଭେଟିବା ପାଇଁ ଯାଇଥିଲେ; ହେଲେ ସେଠାରେ ଯେଉଁ କର୍ମଚାରୀମାନେ ପଞ୍ଜିକରଣ କରୁଥଲେ ସେମାନେ ଦରଖାସ୍ତ ପଞ୍ଜୀକରଣ କରିବା ପାଇଁ ମନା କରିଦେଇଥିଲେ। ଭତ୍ତା ପାଇଁ ଅନଲାଇନ ଆବେଦନ କରିଥିବାରୁ ଜିଲ୍ଲାପାଳଙ୍କୁ ଭେଟିଲେ କ'ଣ ହେବ ବୋଲି କର୍ମଚାରୀମାନେ କହିଥିଲେ। ଶେଷରେ ଦୁଇ ବିଧବା ମହିଳା ବୌଦ୍ଧରେ ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ଜିଲ୍ଲାପାଳ ମଧ୍ୟ ଉଭୟଙ୍କ ଅଭିଯୋଗ ଶୁଣିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତୃତୀୟ ଶ୍ରେଣୀରେ ପଢୁଥିବା ଝିଅକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମାଧପୁର ସେବାଶ୍ରମ ବିଦ୍ୟାଳୟରେ ନାମ ଲେଖାଇବାର ବ୍ୟବସ୍ଥା କରିଛନ୍ତି। ତେବେ ଦୁଇ ପତ୍ନୀଙ୍କ ମଧ୍ୟରୁ ଜଣକୁ ମାସେ ଭିତରେ ବିଧବା ଭତ୍ତା ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ସୂଚନାଯୋଗ୍ୟ, ଉଭୟଙ୍କ ତିନି ଝିଅରୁ ଗୋଟିଏ +୨ ପଢୁଥିବା ବେଳେ ମଝିଆ ଝିଅ ତୃତୀୟ ଶ୍ରେଣୀ ଏବଂ ସାନ ଝିଅ ଶିଶୁ ବାଟିକା ପଢୁଛି।

## ଭୈରବୀ ମନ୍ଦିର ପାଇଁ ମୂଳଦୁଆ ପଡ଼ିଲା

**ଶଗଡ଼ା, ୨୬।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ମେହେରୁଣୀ ପୋଲ ନିକଟରେ ମାଁ ଭୈରବୀଙ୍କ ଏକ ଭବ୍ୟ ମନ୍ଦିର ନିର୍ମାଣ ହେବ। ଆଜି ମନ୍ଦିର ନିର୍ମାଣ ପାଇଁ ମୂଳଦୁଆ ପଡ଼ିଛି। ଦୀର୍ଘ ବର୍ଷ ହେବ ମାଁଙ୍କ ମନ୍ଦିର ନିର୍ମାଣ ପାଇଁ ସାଧକ ଅର୍ଜୁନ ବାରିକ ପ୍ରୟାସ କରିଥିଲେ।

## ଧୁତରାରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ ଭୂମିପୂଜା

**କିର୍ମିରା, ୨୬।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଅର୍ଡ଼ା ପଞ୍ଚାୟତ ଧୁତରା ଗ୍ରାମର ରାଧାମାଧବ ମଣ୍ଡପରେ ନୂତନ ରାଧାକୃଷ୍ଣ ମନ୍ଦିର ସ୍ଥାପନ ଲାଗି ଭୂମିପୂଜା କରାଯାଇଛି। ପୂଜ ବିଶ୍ୱମ୍ବର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୂଜାକାର୍ଯ୍ୟରେ ଗୋପାଳ କଳାର ଓ ରୋଲି କଳାର କର୍ତ୍ତା ଥିଲେ। ଭଗବାନ ହନୁଆ, ଅନିରୁଦ୍ଧ କଳାର, ପରମାନନ୍ଦ ପ୍ରଧାନ, ବାବୁଲି ବେହେରା, ଶତ୍ରୁଘ୍ନ ପ୍ରଧାନ, ଈଶ୍ୱର ଚନ୍ଦ୍ର ବୁଢ଼ା, ଭୁବନେଶ୍ୱର ଡନସନା, ସୁଲୋଚନା ହଲୁଆ, ସୁମିତ୍ରା କଳାର, କୈଳାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଟେକଚାନ୍ଦ ହାଲୁଆ, ନରୋତ୍ତମ ସା, ପୁରୁଷୋତ୍ତମ କଳାର, ଚୂଡ଼ାମଣି ସାହୁ, ପରମେଶ ବୁଡା, ନିର୍ମଳ ବୁଡା, ଲଳିତ ଡନସନା, ଲିଟୁ ମାଷ୍ଟର, ଜେନା କଳାର, ଯୁଗଳକିଶୋର କେଶରୀ ଓ କେଶବ ନାଏକ ପ୍ରମୁଖ ସହଯୋଗ କରିଥିଲେ। ରାଧାମାଧବ ମହିଳା ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ।

## ବିଭିନ୍ନ ଗାଁରେ ନଳକୂଅ ମରାମତି



**କଣ୍ଟାମାଳ, ୨୬।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତର ବିଭିନ୍ନ ଗାଁରେ ଅଚଳ ନଳକୂଅ ସବୁ ମରାମତି କରାଯାଇଛି। କଣ୍ଟାମାଳ ବ୍ଲକ କାର୍ଯ୍ୟାଳରେ ଲୋକେ ଅଭିଯୋଗ କରିବା ପରେ ଏହି ପଦକ୍ଷେପ ନିଆଯାଇଛି। ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ନଟ ମନହିରା, ଗୁପ୍ତେଶ୍ୱର ନାଗ ଓ ଗିରିଶ ବଣ୍ଡକି ପ୍ରମୁଖ ଏହି ସବୁ ଅଚଳ ନଳକୂଅ ମରାମତି କରିଛନ୍ତି।

## ନାଗପାଲି ମଠରେ କଳସ ଶୋଭାଯାତ୍ରା

**ଜହ୍ନାପଙ୍କ, ୨୬।୬(ସମିସ):** ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ପଞ୍ଚାୟତ ନାଗପାଲି ମଠରେ ବୈଦିକ ବିଷ୍ଣୁ ବିଶ୍ୱଶାନ୍ତି ମହାଯଜ୍ଞ ଓ ବେଦ ପାରାୟଣ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଠର ତତ୍ତ୍ୱାବଧାରକ ଗୋକୁଳା ନନ୍ଦ ଦାଶ ଶର୍ମାଙ୍କ ପୌରୋହିତ୍ୟରେ ଶ୍ରଦ୍ଧାଳୁ ନିକଟସ୍ଥ ସାଲୁଙ୍କି ନଦୀକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ସେଠାରୁ କଳସରେ ଜଳ ଆଣି ଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ। ୩୦ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଘନଶ୍ୟାମ ଦାଶ ଓ ପୀତାମ୍ବର ଦାଶ ଶର୍ମା ବେଦ ପାରାୟଣ କରିବେ। ପୁରୀ ବଡ ଛତା ମଠର ସନ୍ଥ ଭଗବାନ୍ ଦାଶ ମହାରାଜ ପ୍ରବଚନ କରିବେ ବୋଲି ସୂଚନା ମିଳିଛି।



# ସରକାରଙ୍କ ୨ ବର୍ଷର ସଫଳତା ଗାଉଛି 'ବିକାଶ ଧାରା, ଓଡ଼ିଶା ସାରା'





**ବୌଦ୍ଧ, ୨୬।୬ (ସମିସ)**

ରାଜ୍ୟ ବିଜେପି ସରକାରର ୨ ବର୍ଷ ପୂର୍ତ୍ତି ଅବସରରେ ବୌଦ୍ଧ ଟାଉନହଲ୍‌ରେ ଜିଲ୍ଲାସ୍ତରୀୟ ବିକାଶର ଧାରା ଓଡ଼ିଶା ସାରାଳ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇ ୨ ବର୍ଷରେ ବୌଦ୍ଧ ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ବିକାଶ ମୂଳକ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବନଖଣ୍ଡ ଆଧିକାରୀ ରାଜେନ୍ଦ୍ର ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପରିଚାଳନା କରିଥିଲେ। ସେହିଭଳି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବନ୍ଧାପଥର ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ଧାପଥର ସରପଞ୍ଚ ଲକ୍ଷ୍ମୀପ୍ରିୟା ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ପ୍ରଧାନ, ନାଏବ୍ ସରପଞ୍ଚ ବସନ୍ତ ଭୋଇ, କୃଷି ଗ୍ରାମ ସେବିକା କାମିନୀ ପ୍ରଧାନ, ଏଡିଇଓ ଆଲ୍‌ହାଦିନୀ ସାହୁ, ଯୋଗାଣ ସହାୟକ ବିଶ୍ୱ ବନ୍ଦିତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।




**ତରଭା:** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଚାରଭଟ୍ଟା ପଞ୍ଚାୟତରେ ମଧ୍ୟ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ପିଇଓ ରମେଶ ସୁନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ସରପଞ୍ଚ ସସ୍ମିତା ହରିପାଳ, ୟୁଜିବି ଶାଖା ପରିଚାଳକ ସାନନ୍ଦ ସେନାପତି, ନାଏବ ସରପଞ୍ଚ ଅମିନ ଦୀପ, ୱାର୍ଡସଭ୍ୟ ସୁଜିତ ପାତ୍ର, ବ୍ୟାଙ୍କ ମିତ୍ର ମମତା ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆଇସିଡିଏସ ପକ୍ଷରୁ ପଞ୍ଚାୟତର ସମସ୍ତ ୧୩ ଜଣ ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ୍ ଫୋନ ପ୍ରଦାନ କରାଯାଇଥିଲା। ଜଣେ ଲକ୍ଷପତି ଦିଦିଙ୍କୁ ୧ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା।



## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଘଟଣା

- ୧୬୯୩- ବିଶ୍ୱର ପ୍ରଥମ ମହିଳା ପତ୍ରିକା 'ଲେଡିଜ୍ ମରକ୍ୟୁରି' ଲଣ୍ଡନରେ ପ୍ରକାଶିତ ହେଲା।
- ୧୮୩୯- ମହାରାଜା ରଣଜିତ ସିଂହଙ୍କ ବିୟୋଗ।
- ୧୯୧୪- ଆମେରିକା ଇଥୋପିଆ ସହିତ ବାଣିଜ୍ୟ ସନ୍ଧିରେ ସ୍ୱାକ୍ଷର କଲା।
- ୧୯୬୭- ଲଣ୍ଡନର ଏନ୍‌ଫିଲଡ୍‌ରେ ବିଶ୍ୱର ପ୍ରଥମ ଏଟିଏମ୍ ସ୍ଥାପିତ କରାଗଲା।
- ୧୯୮୧-କାମ୍ବୋଡ଼ିଆ ନୂଆ ସମ୍ବିଧାନ ଆପଣାଇଲା।

## ଆଜି ଆସିଥିଲେ...

# ପଣ୍ଡିତ କୃପାସିନ୍ଧୁ ମିଶ୍ର



ପଣ୍ଡିତ କୃପାସିନ୍ଧୁ ମିଶ୍ର ଓଡ଼ିଶାର ସତ୍ୟବାଦୀ ଯୁଗର ଜଣେ ବରେଣ୍ୟ ସାହିତ୍ୟିକ, ପ୍ରଖ୍ୟାତ ଐତିହାସିକ, ଆଦର୍ଶ ଶିକ୍ଷକ ଏବଂ ସମାଜସେବୀ ଥିଲେ। ସେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ୧୮୮୭ ମସିହା ଆଜିର ଦିନରେ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ କୃପାସିନ୍ଧୁ ମିଶ୍ର। ସେ ଗାଁ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଥିଲେ, ପରବର୍ତ୍ତୀ ସମୟରେ କଟକର ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ପଢ଼ିଥିଲେ। ପରେ ସେ ରେଭେନ୍ସା ମହାବିଦ୍ୟାଳୟରୁ ଏଫ୍.ଏ ଓ ବି.ଏ ପାସ୍ କରିଥିଲେ। ୧୯୧୪ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ। କୃପାସିନ୍ଧୁ ଓଡ଼ିଶାର ସ୍ଥାପତ୍ୟ, ସଂସ୍କୃତି ଓ ଇତିହାସକୁ ଆଧାର କରି ଅନେକ କାଳଜୟୀ ପୁସ୍ତକ ରଚନା କରିଛନ୍ତି। ୧୯୧୩ ମସିହାଠାରୁ ତାଙ୍କ ରଚିତ ଐତିହାସିକ ପ୍ରବନ୍ଧମାନ ବ୍ରଜସୁନ୍ଦର ଦାସଙ୍କ 'ମୁକୁର' ପତ୍ରିକାରେ ପ୍ରକାଶ ପାଉଥିଲା। ପରେ ତାଙ୍କ ଲେଖନୀରୁ 'ବାରବାଟୀ ଦୁର୍ଗ', କୋଣାର୍କ', ଓ 'ଉତ୍କଳ ଇତିହାସ' ପ୍ରଭୃତି ଐତିହାସିକ ଗବେଷଣାମୂଳକ ପ୍ରବନ୍ଧ ସୃଷ୍ଟି ହେଲା। ଏହାପରେ ସେ ଓଡ଼ିଶାର ପ୍ରଥମ ଐତିହାସିକ ଭାବେ ଖ୍ୟାତିଲାଭ କଲେ। ସେ କେବଳ ଜଣେ ଐତିହାସିକ ନ ଥିଲେ, ଥିଲେ ବିଶିଷ୍ଟ ଦାର୍ଶନିକ। ତାଙ୍କ ଦର୍ଶନତତ୍ତ୍ୱ ସମ୍ବଳିତ 'ଅଦୃଷ୍ଟବାଦ' ଓ 'କା' ପ୍ରବନ୍ଧ ପାଠକମାନଙ୍କ ମନରେ ଗଭୀର ଛାପ ସୃଷ୍ଟି କରିଛି। କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ଏମ୍.ଏ. ପାସ୍ କରିବା ପରେ କୃପାସିନ୍ଧୁ ଚାହିଁଥିଲେ ବ୍ରିଟିଶ ସରକାରଙ୍କ ଅଧୀନରେ ଉଚ୍ଚ ପଦବୀରେ ଚାକିରି କରିପାରିଥାନ୍ତେ। ସେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ, କୃପାସିନ୍ଧୁ ୧୯୧୪ ମସିହାରେ ସତ୍ୟବାଦୀ ବନ ବିଦ୍ୟାଳୟରେ ଜଣେ ସହକାରୀ ଶିକ୍ଷକ ଭାବରେ ଯୋଗଦାନ କରିଥିଲେ। ତାଙ୍କ ଯୋଗଦେବା ବେଳକୁ ପଣ୍ଡିତ ନୀଳକଣ୍ଠ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ସେଠାରେ ଯୋଗ ଦେଇ ସାରିଥାନ୍ତି। ଏମାନଙ୍କ ଦ୍ୱାରା କୃପାସିନ୍ଧୁ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ। ପଢ଼ିବା ଓ ପଢ଼େଇବାରେ କୃପାସିନ୍ଧୁଙ୍କର ଆନନ୍ଦ ଥିଲା। ତାଙ୍କର ସଂସ୍କୃତ, ଓଡ଼ିଆ ଓ ଇଂରାଜୀ ଭାଷାରେ ଅଗାଧ ପାଣ୍ଡିତ୍ୟ ଥିଲା ଓ ସେ ଅନର୍ଗଳ ବକ୍ତୃତା ମଧ୍ୟ ଦେଇ ପାରୁଥିଲେ। ସର୍ବଦା ଧୋତି କୁର୍ତ୍ତା ପରିଧାନ କରିଥିବା କୃପାସିନ୍ଧୁଙ୍କର ନିରାଡମ୍ବର ଜୀବନଶୈଳୀ ଓ ସରଳ ବ୍ୟକ୍ତିତ୍ୱ ଛାତ୍ରମାନଙ୍କୁ ପ୍ରଭାବିତ କରୁଥିଲା। ୧୯୨୦ ମସିହାରେ ସେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରି ମୃତ୍ୟୁ ପର୍ଯ୍ୟନ୍ତ ଏହାକୁ ତୁଲାଇଥିଲେ। ୧୯୨୦ ସେପ୍ଟେମ୍ବର ୪ ତାରିଖରେ କୋଲକାତାଠାରେ ଲାଲ ଲଜପତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ କୃପାସିନ୍ଧୁ। ୧୯୨୪ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ପୁରୀ ଜିଲ୍ଲା ବୋର୍ଡର ସଭ୍ୟ ଭାବେ କାର୍ଯ୍ୟ କରିବା ସହିତ ଜିଲ୍ଲା ଶିକ୍ଷା କମିଟିରେ ସଭ୍ୟ ଥିଲେ। ଶିକ୍ଷା ହିଁ ସମାଜର ସବୁଠାରୁ ବଡ଼ ପରିବର୍ତ୍ତନକାରୀ ଶକ୍ତି ବୋଲି ସେ ଭାବୁଥିଲେ। ଏହି ସାରସ୍ୱତ ସାଧକଙ୍କର ୧୯୨୬ ମସିହା ଫେବ୍ରୁଆରି ୧୨ ତାରିଖରେ ମାତ୍ର ୩୮ ବର୍ଷ ବୟସରେ ପରଲୋକ ଘଟିଥିଲା।

# ଅନେକ କଥା ଲୁଚାଉଛି ଚୀନ

ଚୀନ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ଉନ୍ନତି କରୁଥିବା ସୁପରପାୱାର୍ ଦେଶ ବୋଲି ଦାବି କରେ। ବଡ଼ ବଡ଼ ହାଇୱେ, ବୁଲେଟ୍ ଟ୍ରେନ୍ ଏବଂ ଆକାଶଛୁଆଁ ବିଲ୍ଡିଂ ପାଇଁ ଚୀନ ଜଣାଶୁଣା, ହେଲେ ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ୍ ହୋଇଛି, ଯାହା ଏହାର ଏଭଳି ଚେହେରାକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଚୂରମାର କରିଦେଇଛି। ଭିଡିଓରେ ବେଜିଂର ପର୍ଯ୍ୟଟନ ଅଞ୍ଚଳରୁ ଦୂରବର୍ତ୍ତୀ ସ୍ଥାନକୁ ଦେଖାଯାଇଛି। ଏଠାରେ କୁଢ଼ କୁଢ଼ ଅଳିଆ ରାସ୍ତା ଉପରେ ପଡ଼ିଥିବାର ନଜର ଆସିଛି। ଚାରିଆଡ଼େ ଅଳିଆ ଆବର୍ଜନା ବିଛୁରିତ ହୋଇ ପଡ଼ି ରହିଥିବା ବେଳେ ଇନ୍‌ଫ୍ରାଷ୍ଟ୍ରକଚର୍ ଜର୍ଜରିତ ଅବସ୍ଥାରେ ଅଛି। ସେହିପରି ଭିଡିଓ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି ଯେ, ଏହା କ'ଣ ସେହି ବେଜିଂ, ଯିଏ ୨୦୫୦ ମସିହାରେ ବଞ୍ଚିବା ଦାବି କରୁଥିଲା। ଚୀନ ସରକାର ନିଜର ଭାବମୂର୍ତ୍ତିକୁ ସ୍ୱଚ୍ଛ ଏବଂ ଚମକଦାର କରିବା ପାଇଁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରୁଥିଲେ ମଧ୍ୟ ସେଠାକାର ଗ୍ରାମୀଣ ଏବଂ ଖାଦ୍ୟ ସୁରକ୍ଷାର ବାସ୍ତବତା ଅତ୍ୟନ୍ତ ଚିନ୍ତାଜନକ ଅଟେ। ଏଠାକାର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିଜର ଭାବମୂର୍ତ୍ତିକୁ ଚମକାଇବାରେ ଲାଗିଛନ୍ତି। ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ବିଶେଷ ଭାବରେ ସଫାସୁତୁରା ଏବଂ ଆକର୍ଷଣୀୟ ରଖାଯାଏ। ହେଲେ ଏହା ବାହାରର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଗ୍ରାମାଞ୍ଚଳ ଏବଂ ଛୋଟ ସହରଗୁଡ଼ିକରେ ରାସ୍ତାଘାଟ ଭାଙ୍ଗିରୁଜି ଯାଇଛି, ସ୍ୱେରେଜ୍ ସିଷ୍ଟମ୍ ଖରାପ ଅଛି ଏବଂ ପ୍ରଦୂଷଣର ସ୍ତର ଅତ୍ୟନ୍ତ ବିପଜ୍ଜନକ। ଖାଦ୍ୟ ସୁରକ୍ଷାର ସ୍ଥିତି ଆହୁରି ଚିନ୍ତାଜନକ ଅଟେ। ଚୀନରେ 'ଗଟର ଅଏଲ୍'ର ବ୍ୟବହାର ରେଷ୍ଟୁରାଣ୍ଟଗୁଡ଼ିକରେ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ କରାଯାଏ। କେମିକାଲ୍ ଯୁକ୍ତ ଷ୍ଟ୍ରିଟ୍ ଫୁଡ୍ ଏବଂ ନକଲି ଉତ୍ପାଦର ସ୍କାଣ୍ଡାଲ୍ କ୍ରମାଗତ ଭାବେ ସାମ୍ନାକୁ ଆସୁଛି। ଏହାଦ୍ୱାରା ପ୍ରତିଦିନ ଲକ୍ଷ ଲକ୍ଷ ନାଗରିକଙ୍କ ସ୍ୱାସ୍ଥ୍ୟ ବିପଦରେ ପଡୁଛି। ଚୀନ ସରକାର କଠୋର ସେନ୍ସରସିପ୍ ଜରିଆରେ ନକାରାତ୍ମକ ଖବରଗୁଡ଼ିକୁ ଦବାଇ ରଖନ୍ତି। ହେଲେ ସୋସିଆଲ ମିଡିଆରେ ଅନେକ ବିଦେଶୀ ୟୁଜର୍ସ ଏବଂ କିଛି ସାହସୀ ଚୀନ ନାଗରିକ ଏହି ଭିଡିଓଗୁଡ଼ିକୁ ସେୟାର କରୁଛନ୍ତି। ନିକଟରେ ଏଭଳି ଏକ ଭାଇରାଲ୍ ଭିଡିଓରେ ଦେଖାଯାଇଛି ଯେ, ଚୀନର ବ୍ୟୟବହୁଳ ପ୍ରଚାର ସତ୍ତ୍ୱେ ସାଧାରଣ ଲୋକଙ୍କ ଜୀବନରେ ସୁଧାର ଆସିପାରୁ ନାହିଁ। ବିଶେଷଜ୍ଞମାନଙ୍କ କହିବା କଥା ହେଲା, ଚୀନ ବିକାଶର ଚମକ ମଧ୍ୟରେ ନିଜର ଅନେକ ଅଞ୍ଚଳକୁ ଅଣଦେଖା କରୁଛି। ସହରଗୁଡ଼ିକରେ ବିଳାସପୂର୍ଣ୍ଣ ଅଟ୍ଟାଳିକା ଠିଆ ହେଉଥିବା ବେଳେ, ଦୂରଦୂରାନ୍ତ ଅଞ୍ଚଳରେ ମୌଳିକ ସୁବିଧା ସୁଯୋଗର ଅଭାବ ରହିଛି। ଚୀନ ସରକାର ପ୍ରାୟତଃ ନିଜର ଚମକଦାର ଭିତ୍ତିଭୂମିକୁ ଭାରତର ବିକାଶଶୀଳ ସହରଗୁଡ଼ିକ ସହ ତୁଳନା କରି ନିଜକୁ ଶ୍ରେଷ୍ଠ ପ୍ରମାଣିତ କରିବାକୁ ଚେଷ୍ଟା କରନ୍ତି। ହେଲେ ଏହାର ଭିତର କଥା ସାମ୍ନାକୁ ଆସିବା ପରେ ଜଣାପଡ଼େ ଯେ, ସେଠାରେ ମଧ୍ୟ ଭାରତ ଭଳି ବାୟୁ ପ୍ରଦୂଷଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନାର ଘୋର ଅଭାବ ରହିଛି।




# ଯଶ୍‌ଙ୍କୁ ଟକ୍କର ଦେବେ ଶ୍ରଦ୍ଧା

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ଏବେ ତାଙ୍କ ଆଗାମୀ ଫିଲ୍ମ 'ଇଥା'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାର ଟିଜର୍ ନିକଟରେ ରିଲିଜ୍ ହୋଇଥିଲା। ଟିଜର୍‌ରେ ଶ୍ରଦ୍ଧାଙ୍କ ଅଭିନୟ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। 'କକ୍‌ଟେଲ୍ ୨'ର ରିଲିଜ୍ ଦିନ ସିନେମା ହଲ୍‌ଗୁଡ଼ିକରେ 'ଇଥା'ର ଟିଜର୍ ରିଲିଜ୍ କରାଯାଇଥିଲା। ମ୍ୟାଡକ୍ ଫିଲ୍ମସ୍ ବ୍ୟାନରରେ ନିର୍ମିତ 'ଇଥା' ଏକ ବାୟୋପିକ୍ ଫିଲ୍ମ। ଏହି ଚଳଚ୍ଚିତ୍ରର କାହାଣୀ ମହାରାଷ୍ଟ୍ରର କିମ୍ବଦନ୍ତୀ ମରାଠୀ ଲାବଣୀ ନୃତ୍ୟଶିଳ୍ପୀ ବିଠାବାଇ ଭାଉ ମାଙ୍ଗ ନାରାୟଣଗାଓଁକରଙ୍କ ଜୀବନୀ ଉପରେ ଆଧାରିତ। ଏଥିରେ ଶ୍ରଦ୍ଧା କପୁର ମୁଖ୍ୟ ଭୂମିକାରେ ଥିବାବେଳେ ରଣଦୀପ ହୁଡ୍ଡା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିବେ। 'ଛାଭା' ପରେ ନିର୍ଦ୍ଦେଶକ ଲକ୍ଷ୍ମଣ ଉତେକର ମହାରାଷ୍ଟ୍ରର ଲୋକକଳା ଓ ଇତିହାସର ଆଉ ଏକ ଅଧ୍ୟାୟକୁ 'ଇଥା' ମାଧ୍ୟମରେ ବଡ଼ ପରଦାରେ ଆଣିବାକୁ ଯାଉଛନ୍ତି। ଏହାର ଟିଜର୍ ଦେଖିବା ପରେ ପ୍ରଶଂସକମାନଙ୍କ ଉତ୍ସାହ ବଢ଼ିଯାଇଛି ଏବଂ ସେମାନେ ରିଲିଜ୍‌କୁ ଅପେକ୍ଷା କରିଛନ୍ତି। ଅପରପକ୍ଷରେ 'ସ୍ତ୍ରୀ ୨'ର ଅପାର ସଫଳତାର ପାଖାପାଖି ଦୁଇ ବର୍ଷ ପରେ ଏହିଫିଲ୍ମ ଜରିଆରେ ଶ୍ରଦ୍ଧା ବଡ଼ ପରଦାକୁ ଫେରୁଛନ୍ତି। ଏହା ରକ୍ଷାବନ୍ଧନ ଅବସରରେ ୨୮ ଅଗଷ୍ଟ, ୨୦୨୬ ରେ ସିନେମାହଲ୍‌ରେ ରିଲିଜ୍ ହେବ। ଏହିଦିନ ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ ଚଳଚ୍ଚିତ୍ର 'ଟକ୍ସିକ୍' ମଧ୍ୟ ରିଲିଜ୍ ହେବ। ତେବେ ହିନ୍ଦୀ ଦର୍ଶକଙ୍କ ମଧ୍ୟରେ 'ଟକ୍ସିକ୍'ଠାରୁ 'ଇଥା'କୁ ନେଇ ଅଧିକ ଚର୍ଚ୍ଚା ହେଉଛି। ବାରମ୍ବାର 'ଟକ୍ସିକ୍'ର ରିଲିଜ୍ ଡେଟ୍‌ରେ ପରିବର୍ତ୍ତନ କାରଣରୁ ହିନ୍ଦୀ ଦର୍ଶକଙ୍କ ମଧ୍ୟରେ ଏହାକୁ ନେଇ ଉତ୍ସାହ କମିଯାଇଛି। ତେବେ ବକ୍ସ ଅଫିସ୍‌ରେ ଶ୍ରଦ୍ଧା କି ଯଶ୍ କିଏ ବାଜି ମାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।





## ପ୍ରହେଳିକା



- ପୁନେଇଁଟିଏ ସେ ଭାରି ମହାନ
  ସେଦିନ ହସଇ ଶ୍ରୀକ୍ଷେତ୍ର ଧାମ
  ଭାଇ ବଳଭଦ୍ର ସାଥେ ଭଉଣୀ
  ସିନାନ କରନ୍ତି ମଉଡ଼ମଣି
  ଶହେ ଆଠ ଗରା ଶୀତଳ ଜଳେ
  ଗାଧାନ୍ତି ସାଆନ୍ତ ଅମୃତ କାଳେ
  ପବିତ୍ର ପୁନେଇଁ ସିଏ
  ସେ ବିଧି ଦର୍ଶନ ଦିଏ କୋଟି ପୂଣ୍ୟ
  କୁହ ତା'ର ନାମ କିଏ।

  ଉତ୍ତର-ଦେବସ୍ନାନ ପୂର୍ଣ୍ଣିମ

- ଜ୍ୟୈଷ୍ଠ ପୁନେଇଁରେ କାଳିଆ ଧନ
  ଶ୍ରଦ୍ଧାରେ କରନ୍ତି ଶୁଦ୍ଧ ସିନାନ
  ସାଥିରେ ଥାଆନ୍ତି ଭାଇ ଭଉଣୀ
  ସେଥିଲାଗି ହୁଏ ଭକ୍ତ ଗହଳି
  ମଣ୍ଡପରେ ବସି ନାଥ
  ଶହେ ଆଠ ଗରା ଜଳରେ ଗାଧାନ୍ତି
  କୁହ'ତ ତା'ନାମ ମିତ।

  ଉତ୍ତର-ସ୍ନାନ ମଣ୍ଡପ

- ଶ୍ରୀକ୍ଷେତ୍ରର ସିଏ ମଉଡ଼ମଣି
  ସାଥିରେ ଥାଆନ୍ତି ଭାଇ ଭଉଣୀ
  ରତ୍ନ ମଣ୍ଡପରେ ତାଙ୍କରି ବାସ
  ଭକ୍ତଙ୍କୁ ଦିଅନ୍ତି ନିତି ଆଶିଷ
  ଲକ୍ଷ୍ମୀକାନ୍ତ ନାମେ ଖ୍ୟାତ
  କଳା ମୁହଁ ପୁଣି ନାଲି ଯେ ଅଧର
  କୁହ ତାଙ୍କ ନାମ ମିତ।

  ଉତ୍ତର-ଜଗନ୍ନାଥ

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

# ସ୍ନାନ ବେଦୀରେ ଜଗତ ସାଇଁ



ଭୁବନାନନ୍ଦ ପାଣିଗ୍ରାହୀ

ଜଗତ ନାଥ ଜଗତ ସାଇଁ
ଜାତି ଦେବତା ଆମରି ସେଇ
ନୀଳାଚଳରେ ବିଜେ ଶ୍ରୀହରି
ସାଥିରେ ଧରି ଭଉଣୀ ଭାଇ।
ମନମୋହନ ଚକାନୟନ
ରୂପରେ ଜିଣେ କୋଟି ମଦନ
କି ଯାଦୁକରୀ ମନ୍ତର ଜାଣେ
ଦୂରରୁ ଟାଣେ ଭକତ ଜନ।
ଜ୍ୟେଷ୍ଠର ଅନ୍ତେ ପୂର୍ଣ୍ଣମୀ ତିଥି
ମଣ୍ଡପେ ଆସି ଦାରୁ ମୂରତି
ଏକ ଶ' ଆଠ କଳସୀ ଜଳେ
ପାଳନ୍ତି ପୁଣ୍ୟ ସ୍ନାହାନ ନୀତି।
ଗଜାନନଙ୍କ ବେଶେ ସୁନ୍ଦର
ଶୋହନ୍ତି ପ୍ରଭୁ ରଙ୍ଗ ଅଧର
ଦରଶନରେ ହରନ୍ତି ମନ
ଭକତ ମନେ ଖୁସି ଅପାର।
ଜ୍ୱରେ ପୀଡ଼ିତ ହୁଅନ୍ତି ସାଇଁ
ଅଣସରରେ ରୁହନ୍ତି ଯାଇ
ଆକୁଳ ଚିତ୍ତେ ଜଗତ ଜନେ
ରଥଯାତକୁ ବସନ୍ତି ଚାହିଁ। ■

ଗେଡ଼ିଆପଲ୍ଲୀ, ଖୋର୍ଦ୍ଧା

# ସିନାନ ପୂର୍ଣ୍ଣିମା



ସୁଧାକର ରାଉତ

ଆଷାଢ଼ର ଶୁକ୍ଳ ଅଷ୍ଟମୀ ତିଥିରେ
ସିନାନ ମଣ୍ଡପେ ଆସି
ସୁନା କୂପର ସୁବାସିତ ଜଳରେ
ଗାଧୋଇଲ ହସି ହସି।
ଜୁଡ଼ୁ ସୁଡ଼ୁ ହୋଇ ଗାଧୋଇଲାବେଳେ
ଭୁଲି ପରିଣାମ କଥା
ଖଇଫୁଟା ଜ୍ୱରରେ ଆକ୍ରାନ୍ତ ହୋଇ
ଭୋଗିବଟି କେତେ ବ୍ୟଥା।
ବ୍ରହ୍ମାଣ୍ଡ ଠାକୁର ହୋଇ ପୁଣି କିଆଁ
ଏଡ଼େ ଅମାନିଆ ହେଲ
ଭକତ ଭାବରେ ଭୋଳ ହୋଇ ପ୍ରଭୁ
ନିଜ କଷ୍ଟ ଭୁଲି ଗଲ।
ଗୁପତ ସେବାରେ ଲାଗିବେ ବଇଦେ
ଏବେ ଅଣସର ଘରେ
ପଞ୍ଚଦଶ ଦିନ ନାନା ପଥି ଖାଇ
ସୁସ୍ଥ ହେବ ଧୀରେ ଧୀରେ।
ରତ୍ନ ସିଂହାସନ ପଡ଼ିଯିବ ଶୂନ୍ୟ
ପଟିଦିଅଁ ତୁମ ସ୍ଥାନେ
ପୂଜା ପାଇଲେ ବି ଭକତେ ତୁମକୁ
ଝୁରୁଥିବେ ମନେ ମନେ।
ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲା ପରେ
ନବ ଯଉବନ ବେଶେ
ଦରଶନ ଦେଇ ତୋଷିବ ଭକତେ
ରଥେ ବିଜେ ହେବା ଆଶେ।
ତୁମ ଲୀଳା ପ୍ରଭୁ ତୁମକୁ ଗୋଚର
ଆମେ ତ କୋମଳମତି
ଦୟା ପରବଶ ହୋଇଲେ ଠାକୁର
ରଖିବୁଟି ଯଶ ଖ୍ୟାତି। ■

ପ୍ରତାପ ନଗରୀ, କଟକ

# ସୁମନ

## ଦୁଷ୍ଟ ଓ ଭଲ କ'ଣ



କାଳିକିଙ୍କର

ରଘୁ ଓ ଗୋବିନ୍ଦ ଗୋଟିଏ ଘରେ ରୁହନ୍ତି। ରଘୁ ଅମାନିଆ କାହାରି କଥାମାନେ ନାହିଁ। ଜିନିଷପତ୍ର ସବୁ ଭଙ୍ଗାରୁଜା କରେ। ବହି ଖାତା ଚିରାଚିରି କରେ। ଘର ଦ୍ୱାର ଅଳିଆ କରେ। ଏସବୁ ଦୁଷ୍ଟାମୀ ତାଙ୍କ ଘରେ ଅନେକଙ୍କୁ ଭଲ ଲାଗେନାହିଁ କିନ୍ତୁ କେହି କିଛି କହନ୍ତି ନାହିଁ କାରଣ ରଘୁର ମାଆ ଯିଏ କହନ୍ତି ତାଙ୍କ ସହ କଳି କରନ୍ତି। ଗୋବିନ୍ଦ ସାନ ଭାଇ। ସେ ମଧ୍ୟ ରଘୁକୁ ଦେଖି ସେମିତି କିଛି କରିବାକୁ ଗଲେ ତା' ମାଆ ତାକୁ ଆକଟ କରନ୍ତି ଓ କହନ୍ତି ସେମିତି କଲେ ତୁ ଭଲ ପିଲା ହେବୁ ନାହିଁ। ସମସ୍ତେ ତୋତେ ଦୁଷ୍ଟ କହିବେ। ଗୋବିନ୍ଦ ବୁଝିପାରେ ନାହିଁ ଯେ ଭଲ କ'ଣ ଦୁଷ୍ଟ କ'ଣ? ସେ ଯାହାହେଉ, ମାଆଙ୍କ କଥା ମାନି ରଘୁ ଭଳି ହୁଏନାହିଁ। ସେଦିନ ଘରେ ଆଲୋଚନା ହେଲା ଯେ ରଘୁ ଓ ଗୋବିନ୍ଦ ଏଥର ସ୍କୁଲକୁ ଯିବେ, ପାଠ ପଢ଼ିବେ। ନୂଆ ବହି, ବ୍ୟାଗ୍, ପୋଷାକ, ଜୋତା ଆସିଲା। ଦୁଇ ଭାଇ ଖୁସି ଯେ ସ୍କୁଲ ଗଲେ ଏମିତି ସବୁ ନୂଆ ନୂଆ ଜିନିଷ ମିଳେ। ବାଃ, ବଢ଼ିଆ ତ। ପ୍ରାୟ ସପ୍ତାହେ ହୋଇଛି କି ନାହିଁ ସ୍କୁଲରୁ ରଘୁର ମାଆଙ୍କୁ କେତେଥର ଡାକରା ଆସିଲା। ସେ ସ୍କୁଲ ଗଲେ ଓ ମୁହଁ ଶୁଖେଇ ଫେରିଲେ। ଗୋବିନ୍ଦ ମାଆଙ୍କୁ କେହି ଡାକନ୍ତି ନାହିଁ। ସେଦିନ ପୁଣି ସ୍କୁଲରୁ ଫୋନ୍ ଆସିଲା ରଘୁର ବାପାଙ୍କ ପାଖକୁ। ସେ ଗଲେ ଓ ସାଥିରେ ରଘୁକୁ ଧରି ଘରକୁ ଆସିଲେ। ରଘୁର ମାଆଙ୍କୁ କହିଲେ-ଏଥର ମୂର୍ଖ କରି ପୁଅକୁ ଘରେ ରଖ। ତା'ର ଦୁଷ୍ଟାମୀ ପାଇଁ ସ୍କୁଲରୁ ବାହାର କରି ଦିଆହେଲା। ଦିନେ ତ ପୁଅକୁ ଆକଟ କଲ ନାହିଁ। ଆଉ ଯଦି ତାକୁ ଘରେ କେହି ଆକଟ କଲା ତୁମେ ତାରି ଆଗରେ ସମସ୍ତଙ୍କ ସହ କଳି କଲ। ଦୁଷ୍ଟ ପିଲାଙ୍କୁ କେହି କୌଣସି ସ୍କୁଲରେ ରଖିବେନି। ଆମ ଗୋବିନ୍ଦ କେତେ ଭଲ ପିଲା, ଦେଖ ତା ନାଁରେ ସ୍କୁଲରେ ଭଲ ପିଲା ବୋଲି ପ୍ରଶଂସା, କୌଣସି ଆପତ୍ତି ଅଭିଯୋଗ ତା ନାଁରେ ନାହିଁ। ରଘୁର ମାଆ କାନ୍ଦିବାକୁ ଲାଗିଲେ। ରଘୁ ମଧ୍ୟ ମାଆ କାନ୍ଦିବାର ଦେଖି କାନ୍ଦିବାକୁ ଲାଗିଲା। ଜେଜେ, ଜେଜେମା କହିଲେ, ଦୁଷ୍ଟ ନ ହୋଇ ଭଲ ପିଲା ହେବାକୁ ଚେଷ୍ଟାକର। ମାଆ କାନ୍ଦିବ ନାହିଁ କି ସ୍କୁଲ ତୋତେ ବାହାର କରିବ ନାହିଁ। ପରଦିନ ଗୋବିନ୍ଦ ଏକୁଟିଆ ଭାଇକୁ ନ ନେଇ ସ୍କୁଲ ଯିବାକୁ ଚାହିଁଲା ନାହିଁ। ସମସ୍ତେ ତାକୁ ବୁଝେଇଲ, ତା' ଭାଇ ଦୁଷ୍ଟ ବୋଲି ସ୍କୁଲକୁ ଯିବାକୁ ନାହିଁ କରାଯାଉଛି। ତୁ ଭଲପିଲା-କଥା ମାନୁ। ତେଣୁ ତୁ ଯାଆ। ଗୋବିନ୍ଦ କିନ୍ତୁ ଭାଇର ହାତ ଧରି ଟାଣି ଟାଣି ତାର ମାଆ ସହ ସ୍କୁଲ ନେଇଗଲା। ଗୋବିନ୍ଦର ମାଆ କହିଲେ ହେଉ, ଗୋବିନ୍ଦକୁ ସ୍କୁଲରେ ଛାଡ଼ି ରଘୁକୁ ଘରକୁ ନେଇ ଆସିବି। ସ୍କୁଲରେ ରଘୁକୁ ପୁଣି ଦେଖି ଗୁରୁମା କିଛି କହିବାକୁ ଯିବା ପୂର୍ବରୁ ଗୋବିନ୍ଦ କହିଲା ଗୁରୁମା, କ୍ଷମା କରି ଦିଅନ୍ତୁ। ମୋ ଭାଇ ଆଉ କେବେ ଦୁଷ୍ଟ ହେବନି। ଗୋବିନ୍ଦର କଥା ସମସ୍ତଙ୍କୁ ବହୁତ ଭଲ ଲାଗିଲା। ରଘୁ ମଧ୍ୟ ବୁଝିଲା ଯେ, ଦୁଷ୍ଟ କ'ଣ ଓ ଭଲ କ'ଣ। ସାନଭାଇ ଭଲ ବୋଲି ତାକୁ ଆଜି ପୁଣିଥରେ ସ୍କୁଲରେ ପାଠ ପଢ଼ିବା ପାଇଁ ଅନୁମତି ମିଳିଲା। ରଘୁ ପୂର୍ବପରି ଆଉ ଦୁଷ୍ଟ ନ ହୋଇ ଭଲ ପିଲା ହେଲା। ■

ରଟିଲ, ରେଞ୍ଚ, ପୁରୀ



ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।





ସ୍ୱସ୍ତିକା ମହାପାତ୍ର
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଖାନନଗର, କଟକ







ଅଭିଲାଷ ଦାଶ
ଦଶମ ଶ୍ରେଣୀ
ପବ୍ଲିକ୍ ସ୍କୁଲ
ବଲାଙ୍ଗୀର





ଦିପ୍ତିମୟୀ ହାଁସଦା
ପଞ୍ଚମ ଶ୍ରେଣୀ
ସରକାରୀ ପ୍ରାଥମିକ ବିଦ୍ୟାଳୟ
ବଡସିଙ୍ଗାରିଆ, ମୟୂରଭଞ୍ଜ





ଆଦ୍ୱିକ୍ ସ୍ୱାଇଁ
ଷଷ୍ଠ ଶ୍ରେଣୀ
ସେଣ୍ଟ ଜାଭିୟର୍ ହାଇସ୍କୁଲ
ଶିଖରପୁର, କଟକ

ସକାଳ
THE SAKALA
www.sakalaepaper.com






## ଷ୍ଟପେଜ ଟାଇମରେ ଜିତିଗଲା ତୁର୍କୀ

ଲସ୍ ଆଞ୍ଜେଲ୍ସ, ୨୬।୬ (ଏଜେନ୍ସି): ଏକ କଡ଼ା ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ମୁକାବିଲାରେ ତୁର୍କୀ ୩-୨ ଗୋଲରେ ଆମେରିକାକୁ ହରାଇ ଚଳିତ ଫିଫା ବିଶ୍ୱକପ୍ ଅଭିଯାନ ଶେଷ କରିଛି। ସ୍ଥାନୀୟ ଲସ୍ ଆଞ୍ଜେଲ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏହି ମ୍ୟାଚର ନିର୍ଦ୍ଧାରିତ ୯୦ ମିନିଟ୍ ସୁଦ୍ଧା ଉଭୟ ଆମେରିକା ଓ ତୁର୍କୀ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚ୍ ଡ୍ର ହେବ ବୋଲି ଆଶା କରାଯାଉଥିଲା। ତେବେ ଇଞ୍ଜୁରୀ ତଥା ଷ୍ଟପେଜ ଟାଇମ୍‌ର ଶେଷ ମିନିଟ୍ (୯୦+୮)ରେ ତୁର୍କୀର କାନ୍ ଆୟହାନ ଗୋଲ୍ ଦେଇ ମ୍ୟାଚର ଫଳାଫଳ ବଦଳାଇ ଦେଇଥିଲେ। କାନ୍‌ଙ୍କ ଏହି ଅନ୍ତିମ ମିନିଟ ଗୋଲ୍ ସହାୟତାରେ ତୁର୍କୀ ୩-୨ ଗୋଲ୍‌ରେ ଆୟୋଜକ ଆମେରିକାକୁ ମାତ୍ ଦେଇଛି। ଫଳରେ ବିଶ୍ୱକପ୍‌ରୁ ବିଦା ହୋଇସାରିଥିବା ତୁର୍କୀ ଅନ୍ତିମ ତଥା ୩ୟ ଗ୍ରୁପ୍ ମ୍ୟାଚରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଅର୍ଥାତ୍ ବିଜୟ ସହ ତୁର୍କୀ ବିଶ୍ୱକପ୍ ଅଭିଯାନ ଶେଷ କରିଛି। ଅପରପକ୍ଷରେ ନକ୍‌ଆଉଟରେ ସ୍ଥାନ ପକ୍କା କରିସାରିଥିବା ଆମେରିକା ବିଶ୍ୱକପ୍‌ରେ ପ୍ରଥମ ପରାଜୟବରଣ କରିଛି। ହ୍ୟାଟ୍ରିକ ବିଜୟ ଆଶାରେ ଥିବା ଆମେରିକାକୁ ରାଉଣ୍ଡ-୩୨ ମ୍ୟାଚ ପୂର୍ବରୁ ଏହି ପରାଜୟ ଏକ ବଡ଼ ଝଟକା ବୋଲି କୁହାଯାଉଛି। ଆସନ୍ତା ବୁଧବାର ରାଉଣ୍ଡ-୩୨ରେ ବୋସନିଆକୁ ଭେଟିବ ଆମେରିକା।

## ପ୍ରଥମଥର ନକ୍‌ଆଉଟରେ ଆଇଭରୀ କୋଷ୍ଟ



ଫିଲାଡେଲଫିଆ, ୨୬।୬ (ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ର ଆଇଭରୀ କୋଷ୍ଟ ଫିଫା ବିଶ୍ୱକପ୍ ଇତିହାସରେ ପ୍ରଥମଥର ଲାଗି ନକ୍‌ଆଉଟ୍‌ରେ ସ୍ଥାନ ପକ୍କା କରିଛି। ଗତକାଲି ବିଳମ୍ବିତ ରାତିରେ ଅନୁଷ୍ଠିତ ଗ୍ରୁପ୍-ଇ'ର ଏକ ମ୍ୟାଚରେ ଆଇଭରୀ କୋଷ୍ଟ ୨-୦ ଗୋଲ୍‌ରେ କୁରାସାଓକୁ ହରାଇଦେଇଛି। ବିଜୟୀ ଦଳ ପକ୍ଷରୁ ନିକୋଲାସ ପେପେ ୭ମ ଓ ୬୪ତମ ମିନିଟରେ ଦୁଇଟିଯାକ ଗୋଲ୍ ଦେଇଥିଲେ। ଫଳରେ ତୃତୀୟ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ଆଇଭରୀ କୋଷ୍ଟ ୬ ପଏଣ୍ଟ ପାଇ ଜର୍ମାନୀ ପଛକୁ ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିଛି। ପୂର୍ବରୁ ଆଇଭରୀ କୋଷ୍ଟ ୨୦୦୬, ୨୦୧୦ ଓ ୨୦୧୪ ବିଶ୍ୱକପ୍ ଖେଳିଥିଲେ ମଧ୍ୟ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଅପରପକ୍ଷରେ ଦେଢ଼ଲକ୍ଷ ଜନସଂଖ୍ୟା ବିଶିଷ୍ଟ କୁରାସାଓ ୨ ପରାୟଓ ଗୋଟିଏ ଡ୍ର ସହ ଏକ ପଏଣ୍ଟ ପାଇ ଗ୍ରୁପ୍‌ର ନିମ୍ନ ସ୍ଥାନରେ ରହି ବିଶ୍ୱକପ ଅଭିଯାନ ଶେଷ କରିଛି।

## ଦର୍ଶକରେ ନୂଆ ରେକର୍ଡ

ନ୍ୟୁୟର୍କ, ୨୬।୬ (ଏଜେନ୍ସି): ଦର୍ଶକ ଉପସ୍ଥିତିରେ ଫିଫା ବିଶ୍ୱକପ୍-୨୦୨୬ ସର୍ବକାଳୀନ ରେକର୍ଡ କରିଛି। ଗୁରୁବାର ଶେଷ ସୁଦ୍ଧା ଚଳିତ ବିଶ୍ୱକପ୍‌କୁ ୩୬ ଲକ୍ଷ ୫,୩୫୭ଜଣ ଦର୍ଶକ ଷ୍ଟାଡିୟମରେ ବସି ମ୍ୟାଚ୍ ଉପଭୋଗ କରିଛନ୍ତି। ନ୍ୟୁ ଜର୍ସିରେ ଇକ୍ୱେଡର ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧ ସମୟରେ ଏହି ଘୋଷଣା କରାଯାଇଥିଲା। ଚଳିତ ସଂସ୍କରଣରେ ଆହୁରି ୪୮ ମ୍ୟାଚ୍ ବାକି ଥିବାରୁ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବା ଏକପ୍ରକାର ନିଶ୍ଚିତ ହୋଇଛି। ଆମେରିକାରେ ଅନୁଷ୍ଠିତ ୧୯୯୪ ସଂସ୍କରଣରେ ମୋଟ୍ ୫୨ଟି ମ୍ୟାଚ୍ ଖେଳାଯାଇଥିବାବେଳେ ପାଖାପାଖି ୩.୬ ନିୟୁତ (୩୬ ଲକ୍ଷ) ଦର୍ଶକ ଷ୍ଟାଡିୟମରେ ଉପଭୋଗ କରିଥିଲେ। ତେଣୁ ଏଥର ଏହି ସଂଖ୍ୟା ଦ୍ୱି-ଗୁଣିତ ହେବ ବୋଲି ଆଶା କରାଯାଉଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଦ୍ୱାରା କିଛି ରାଷ୍ଟ୍ର ଉପରେ ଯାତ୍ରା ପ୍ରତିବନ୍ଧକ ସହିତ ଉଚ୍ଚ ଟିକେଟ୍ ଦର ଯୋଗୁ ଅନେକ ଲୋକ ଟୁର୍ଣ୍ଣାମେଣ୍ଟରେ ସାମିଲ ହେବାକୁ ଇଚ୍ଛା କରିଥିଲେ। କିନ୍ତୁ ଯୋଗ ଦେଇପାରି ନଥିଲେ।

# ତୃତୀୟଥର ଲାଗି ନକ୍‌ଆଉଟ୍‌ରେ ଅଷ୍ଟ୍ରେଲିଆ

ସାଣ୍ଟା କ୍ଲାରା, ୨୬।୬ (ଏଜେନ୍ସି)



ଚଳିତ ଫିଫା ବିଶ୍ୱକପ୍‌ରେ ସଦ୍ୟତମ ଦଳ ଭାବେ ଅଷ୍ଟ୍ରେଲିଆ ନକ୍‌ଆଉଟ୍ ତଥା ରାଉଣ୍ଡ-୩୨ରେ ସ୍ଥାନ ପକ୍କା କରିଛି। ଶୁକ୍ରବାର ସକାଳେ ଏଠାରେ ଅଷ୍ଟ୍ରେଲିଆ ଓ ପାରାଗୁଏ ମଧ୍ୟରେ ଅନୁଷ୍ଠିତ ଗ୍ରୁପ୍-ଡି ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଅମୀମାଂସିତ ରହିଥିଲା। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଭୟ ଦଳ ଗୋଲ୍‌ସ୍କୋର କରିବାରେ ବିଫଳ ହୋଇଥିଲେ। ସମ୍ପୂର୍ଣ୍ଣ ମ୍ୟାଚରେ ପାରାଗୁଏ ଅପେକ୍ଷା ଅଷ୍ଟ୍ରେଲିଆ ସମସ୍ତ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିଥିଲା। ସଟ୍ ଅନ୍ ଟାର୍ଗେଟ୍, ପାସ୍, ପୋଜେସନରେ ଅଷ୍ଟ୍ରେଲିଆ ଭଲ ଖେଳିଥିଲେ ମଧ୍ୟ ପାରାଗୁଏ ଗୋଲ୍‌ପୋଷ୍ଟ ଭେଦ କରିପାରି ନ ଥିଲା।

ଏହି ଡ୍ର ଫଳରେ ଉଭୟ ଅଷ୍ଟ୍ରେଲିଆ ଓ ପାରାଗୁଏକୁ ୧ ପଏଣ୍ଟ ଲେଖାଏରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏହି ୧ ପଏଣ୍ଟ ବଳରେ ଅଷ୍ଟ୍ରେଲିଆ ଗ୍ରୁପ୍-ଡି'ରେ ସମସ୍ତ ୩ଟି ମ୍ୟାଚ୍ ଖେଳି ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅର୍ଜନ କରିଛି। ଏଥିସହ ଆମେରିକା (୬ ପଏଣ୍ଟ) ପରେ ଏହି ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ଅଷ୍ଟ୍ରେଲିଆ ନକ୍‌ଆଉଟରେ ସ୍ଥାନ ପକ୍କା କରିଛି। ଫଳରେ ଫିଫା ବିଶ୍ୱକପ୍ ଇତିହାସରେ ଅଷ୍ଟ୍ରେଲିଆ ମୋଟ୍ ଉପରେ ତୃତୀୟଥର ଲାଗି ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିଛି। ଏଥିପୂର୍ବରୁ ୨୦୦୬ ଓ ୨୦୨୨ରେ କଙ୍ଗାରୁ ଦଳ ନକ୍‌ଆଉଟ୍ ଖେଳିଥିଲା। ରାଉଣ୍ଡ-୩୨ରେ ଅଷ୍ଟ୍ରେଲିଆର ମୁକାବିଲାର ଗ୍ରୁପ୍-ଜି'ର ଦ୍ୱିତୀୟ ସ୍ଥାନରେ ରହିଥିବା ସହ ହେବ। ଏହି ମ୍ୟାଚ୍ ଜୁଲାଇ ୩ ତାରିଖରେ ଆର୍ଲିଂଟନରେ ଅନୁଷ୍ଠିତ ହେବ।

ଅପରପକ୍ଷରେ ପାରାଗୁଏ ୩ଟି ମ୍ୟାଚରୁ ସମାନ ୪ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ତୃତୀୟ ସ୍ଥାନରେ ରହିଛି। ତୃତୀୟ ସ୍ଥାନିତ ଶ୍ରେଷ୍ଠ-୮ଟି ଦଳ ଭାବେ ପାରାଗୁଏ ଏବେ ନକ୍‌ଆଉଟ୍ ଖେଳିବା ଆଶା ବଜାୟ ରଖିଛି।

## ବିଶ୍ୱକପ୍ ପଏଣ୍ଟ ଟେବଲ

| ଟିମ୍ | ମ୍ୟା | ବି | ଡ୍ର | ପ | ଗୋଫ | ପ |
|---|---|---|---|---|---|---|
| ଗ୍ରୁପ୍-ଡି' | | | | | | |
| ଆମେରିକା | ୩ | ୨ | ୦ | ୧ | ୪ | ୬ |
| ଅଷ୍ଟ୍ରେଲିଆ | ୩ | ୧ | ୧ | ୧ | ୦ | ୪ |
| ପାରାଗୁଏ | ୩ | ୧ | ୧ | ୧ | -୨ | ୪ |
| ତୁର୍କୀ | ୩ | ୧ | ୦ | ୨ | ୫ | ୩ |
| ଗ୍ରୁପ୍-ଇ' | | | | | | |
| ଜର୍ମାନୀ | ୩ | ୨ | ୦ | ୧ | ୬ | ୬ |
| ଆଇଭରିକୋଷ୍ଟ | ୩ | ୨ | ୦ | ୧ | ୨ | ୬ |
| ଇକ୍ୱେଡର | ୩ | ୧ | ୧ | ୧ | ୦ | ୪ |
| କୁରାସାଓ | ୩ | ୦ | ୧ | ୨ | -୮ | ୧ |
| ଗ୍ରୁପ୍-ଏଫ' | | | | | | |
| ନେଦରଲ୍ୟାଣ୍ଡସ | ୩ | ୨ | ୧ | ୦ | ୬ | ୭ |
| ଜାପାନ | ୩ | ୧ | ୨ | ୦ | ୪ | ୫ |
| ସ୍ୱିଡେନ | ୩ | ୧ | ୧ | ୧ | ୦ | ୪ |
| ଟ୍ୟୁନିସିଆ | ୩ | ୦ | ୦ | ୩ | -୧୦ | ୦ |

ବିଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ, ଗୋଫ- ଗୋଲ ଫରକ, ପ- ପଏଣ୍ଟ।



ଫିଫା ବିଶ୍ୱକପ୍ ମୁକାବିଲା

ଜୁନ୍-୨୭, ଶନିବାର ରାତି

ଇଂଲଣ୍ଡ-ପାନାମା
ନ୍ୟୁ ଜର୍ସି, ରାତି ୨.୩୦

କ୍ରୋଏସିଆ-ଘାନା
ଫିଲାଡେଲଫିଆ, ରାତି ୨.୩୦

ଜୁନ୍-୨୮, ରବିବାର

ପର୍ତ୍ତୁଗାଲ-କଲମ୍ବିଆ
ମିଆମି, ସକାଳ ୫ଟା

ଉଜ୍‌ବେକିସ୍ତାନ-କଙ୍ଗୋ
ଆଟଲାଣ୍ଟା, ସକାଳ ୫ଟା

ଆଲଜେରିଆ-ଅଷ୍ଟ୍ରିଆ
କାନସାସ ସିଟି, ସକାଳ ୭.୩୦

ଆର୍ଜେଣ୍ଟିନା-ଜୋର୍ଡାନ
ଆର୍ଲିଙ୍ଗଟନ, ସକାଳ ୭.୩୦

ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

## ବଡ଼ ବିପର୍ଯ୍ୟୟ: ଜର୍ମାନୀକୁ ହରାଇଲା ଇକ୍ୱେଡର

ନ୍ୟୁୟର୍କ, ୨୬।୬ (ଏଜେନ୍ସି)

ନକ୍‌ଆଉଟ୍ ପର୍ଯ୍ୟାୟ ପୂର୍ବରୁ ଫିଫା ବିଶ୍ୱକପ୍‌ରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଗତକାଲି ରାତିରେ ସ୍ଥାନୀୟ ନ୍ୟୁୟର୍କ ଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଇ'ର ଏକ ମ୍ୟାଚରେ ବିଶ୍ୱ ମାନ୍ୟତାର ୨୩ତମ ଦଳ ଇକ୍ୱେଡର ୨-୧ ଗୋଲରେ ଚାରିଥରର ବିଜେତା ଜର୍ମାନୀକୁ ପରାସ୍ତ କରିଛି। ବିଶ୍ୱ ମାନ୍ୟତାର ୧୦ମ ସ୍ଥାନରେ ଥିବା ଜର୍ମାନୀ ମ୍ୟାଚର ଦ୍ୱିତୀୟ ମିନିଟରେ ଲେରୟ ସାନେଙ୍କ ଗୋଲ୍ ବଳରେ ଖାତା ଖୋଲିଥିଲା। ନିଜର ୧୫ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳୁଥିବା ଲେରୟଙ୍କ ଏହା ପ୍ରଥମ ଗୋଲ୍ ଥିଲା। ତେବେ ନବମ ମିନିଟରେ ମାନୁଏଲ୍ ନେଉରଙ୍କଠାରୁ ପାସ୍ ପାଇ ନିଲସନ ଆଙ୍ଗୁଲୋ ଇକ୍ୱେଡର ପାଇଁ ଏହି ଗୋଲ୍‌ଟି ଶୁଝି ଦେଇଥିଲେ। ଫଳରେ ମ୍ୟାଚ୍ ୧-୧'ର ବରାବର୍‌ସ୍ତରକୁ ଚାଲିଆସିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୭୭ତମ ମିନିଟରେ ଗୋଞ୍ଜାଲୋ ପ୍ଲାଟା ଆଫ୍ରିକୀୟ ରାଷ୍ଟ୍ର ଇକ୍ୱେଡର ପାଇଁ ବିଜୟସୂଚକ ଦ୍ୱିତୀୟ ଗୋଲଟି ଦେଇଥିଲେ। ଫଳରେ ବଳକା ୧୩ ମିନିଟରେ ମ୍ୟାଚକୁ ଫେରିବା ଲାଗି ଜର୍ମାନୀ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲା। ପୂର୍ବରୁ ନକ୍‌ଆଉଟ୍‌ରେ ପହଞ୍ଚି ସାରିଥିବା ଜର୍ମାନୀ ତୃତୀୟ ମ୍ୟାଚରୁ ପ୍ରଥମ ପରାଜୟ ଓ ୨ଟି ବିଜୟ ସହ ୬ ପଏଣ୍ଟ ପାଇ ଗ୍ରୁପ୍ ଶୀର୍ଷରେ ରହିଛି। ସେହିଭଳି ଇକ୍ୱେଡର ଗୁରୁତ୍ୱପୂର୍ଣ୍ଣ ବିଜୟ ପଏଣ୍ଟ ସହ ୪ ପଏଣ୍ଟ ପାଇ ଗ୍ରୁପ୍-ଇ'ରେ ତୃତୀୟ ସ୍ଥାନରେ ରହି ରାଉଣ୍ଡ-୩୨ରେ ସ୍ଥାନ ପକ୍କା କରିଛି। ଶ୍ରେଷ୍ଠ-୮ଟି ତୃତୀୟ ସ୍ଥାନିତ ଦଳ ଭାବେ ଇକ୍ୱେଡର ନକ୍‌ଆଉଟରେ ପହଞ୍ଚିଛି। ଏହି ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ଆଇଭରୀ କୋଷ୍ଟ ୬ ପଏଣ୍ଟ ପାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି।

## ନାଗାତୋମାଙ୍କ ୫ମ ବିଶ୍ୱକପ୍

ଆର୍ଲିଂଟନ, ୨୬।୬ (ଏଜେନ୍ସି): ଜାପାନର ୟୁତୋ ନାଗାତୋମୋ ଫିଫା ବିଶ୍ୱକପରେ ଇତିହାସ ରଚିଛନ୍ତି। ପ୍ରଥମ ଏସୀୟ ଖେଳାଳି ଭାବେ ୩୯ ବର୍ଷୀୟ ନାଗାତୋମା ୫ଟି ବିଶ୍ୱକପ୍ ଖେଳିବାର ବିରଳ କୃତିତ୍ୱ ହାସଲ କରିଛନ୍ତି। ଗତକାଲି ସ୍ୱିଡେନ ବିପକ୍ଷ ମ୍ୟାଚ୍ ଖେଳିବାକୁ ନାଗାତୋମାଙ୍କୁ ସୁଯୋଗ ମିଳିଥିଲା। ନାଗାତୋମାଙ୍କ ଏହା ପଞ୍ଚମ ଫିଫା ବିଶ୍ୱକପ ଅଂଶଗ୍ରହଣ ଥିଲା। ଏଥିପୂର୍ବରୁ ସେ ୨୦୧୦, ୨୦୧୪, ୨୦୧୮, ୨୦୨୨ ବିଶ୍ୱକପ୍ ଖେଳିସାରିଛନ୍ତି। ପାଞ୍ଚ କିମ୍ବା ଏହାଠାରୁ ଅଧିକ ବିଶ୍ୱକପ୍ ଖେଳିବାରେ ସେ ବିଶ୍ୱର ୧୦ମ ଖେଳାଳି ହୋଇଛନ୍ତି। ଲିଓନେଲ୍ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋ ଛଅଟି ଲେଖାଏ ଏବଂ ଲୁକା ମୋଡ୍ରିକ୍, ଲୁଇସ୍ ସୁଆରେଜ୍, ମାନୁଏଲ୍ ନୁଏର୍, ଲୋଥାର୍ ମାଥୌସ୍, ଆଣ୍ଡ୍ରେସ୍ ଗାର୍ଡାଡୋ, ରାଫେଲ୍ ମାର୍କେଜ୍, ଆଣ୍ଟୋନିଓ କାର୍ବାଜାଲ୍ ପ୍ରତ୍ୟେକ ୫ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଛନ୍ତି।

## ଜାପାନ, ସ୍ୱିଡେନ ଆଗେଇଲେ

ଆର୍ଲିଂଟନ, ୨୬।୬ (ଏଜେନ୍ସି): ଜାପାନ ଓ ସ୍ୱିଡେନ ମଧ୍ୟରେ ସ୍ଥାନୀୟ ଡଲାସ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଏଫ୍'ର ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ମ୍ୟାଚର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୫୬ତମ ମିନିଟରେ ଡାଇଜେନ ମାଇଦାଙ୍କ ଗୋଲ୍ ବଳରେ ଜାପାନ ୧-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ଜାପାନର ଏହି ଖୁସି ମାତ୍ର ୬ ମିନିଟ୍ ପାଇଁ ରହିଥିଲା। ୬୨ତମ ମିନିଟରେ ସ୍ୱିଡେନ ଏହି ଗୋଲ୍‌ଟି ଶୁଝି ଦେଇ ୧-୧'ର ସମାନସ୍ତରକୁ ଆଣିଥିଲା। ଆନ୍ଥୋନୀ ଏଲାଙ୍ଗା ସ୍ୱିଡେନ ପାଇଁ ଏହି ଗୋଲ୍‌ଟି ଦେଇଥିଲେ। ମ୍ୟାଚ୍ ଅମୀମାଂସିତ ରହିବା ସହ ଉଭୟ ଦଳ ଏକ ପଏଣ୍ଟ ଲେଖାଏ ପାଇ ନକ୍‌ଆଉଟ୍‌ରେ ପ୍ରବେଶ କରିଛନ୍ତି। ଜାପାନ ୩ଟି ଯାକ ଗ୍ରୁପ୍ ମ୍ୟାଚ୍ ଖେଳି ୨ ଡ୍ର ଓ ଗୋଟିଏ ବିଜୟ ସହ ୫ ପଏଣ୍ଟ ପାଇ ନେଦରଲ୍ୟାଣ୍ଡସ (୭) ପଛକୁ ଦ୍ୱିତୀୟ ସ୍ଥାନ ହାସଲ କରି ରାଉଣ୍ଡ-୩୨ରେ ପହଞ୍ଚିଛି। ତେବେ ସ୍ୱିଡେନ ୩ଟି ମ୍ୟାଚରୁ ୪ ପଏଣ୍ଟ ପାଇ ତୃତୀୟ ସ୍ଥାନ ହାସଲ କରିଛି। କିନ୍ତୁ ତୃତୀୟ ସ୍ଥାନିତ ଶ୍ରେଷ୍ଠ-୮ଟି ଦଳ ମଧ୍ୟରେ ରହି ସ୍ୱିଡେନ ନକ୍‌ଆଉଟ୍ ଟିକେଟ୍ ହାସଲ କରିଛି।

## ନେଦରଲ୍ୟାଣ୍ଡସ ଗ୍ରୁପ୍ ବିଜେତା

କାନସାସ୍ ସିଟି, ୨୬।୬ (ଏଜେନ୍ସି): ଟାଇଟଲ୍ ଦାବିଦାର ନେଦରଲ୍ୟାଣ୍ଡସ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ୩-୧ ଗୋଲରେ ଟ୍ୟୁନିସିଆକୁ ହରାଇଦେଇଛି। କାନସାସ୍ ସିଟି ଷ୍ଟାଡିୟମରେ ଶୁକ୍ରବାର ଭୋର ସମୟରେ ଅନୁଷ୍ଠିତ ଏହି ଏକପାଖିଆ ମ୍ୟାଚର ତୃତୀୟ ମିନିଟରେ ଟ୍ୟୁନିସିଆର ଏଲିସ ଶିରି ଏକ ଆତ୍ମଘାତୀ ଗୋଲ୍ ଦେଇଥିଲେ। ଫଳରେ ନେଦରଲ୍ୟାଣ୍ଡସ ଖାତା ଖୋଲିଥିଲା। ଏହାର ୪ ମିନିଟ୍ ପରେ ବ୍ରାଏନ ବୋବିଙ୍କ ଗୋଲ୍ ବଳରେ ନେଦରଲ୍ୟାଣ୍ଡର ଅଗ୍ରଣୀ ୨-୦କୁ ବୃଦ୍ଧି ପାଇଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଏହି ଅଗ୍ରଣୀକୁ ବଜାୟ ରଖିଥିବା ନେଦରଲ୍ୟାଣ୍ଡସ ଦଳ ୬୨ତମ ମିନିଟରେ ତୃତୀୟ ଗୋଲ୍‌ସ୍କୋର କରିଥିଲା। ଜନ୍ ପଲ୍ ଭାନ ହେକେ ଦଳ ପାଇଁ ଏହି ଗୋଲ୍‌ଟି ଦେଇଥିଲେ। ଟ୍ୟୁନିସିଆ ପକ୍ଷରୁ ହାଜିମ୍ ମାସ୍ତୌରୀ ୫୪ତମ ମିନିଟରେ ଏକମାତ୍ର ଗୋଲଟି ଶୁଝିଥିଲେ। ନେଦରଲ୍ୟାଣ୍ଡସ ୩ଟି ମ୍ୟାଚରୁ ଗୋଟିଏ ଡ୍ର ଓ ୨ଟି ବିଜୟ ସହ ୭ ପଏଣ୍ଟ ପାଇ ଗ୍ରୁପ୍-ଏଫ୍ ଶୀର୍ଷରେ ରହି ରାଉଣ୍ଡ-୩୨ରେ ପହଞ୍ଚିଛି। ଅପରପକ୍ଷରେ ହ୍ୟାଟ୍ରିକ ପରାଜୟ ସହ ଟ୍ୟୁନିସିଆ ବିଶ୍ୱକପ୍ ଅଭିଯାନ ଶେଷ କରିଛି।



## ଆନ୍ତଃ-ରାଜ୍ୟ ଆଥ୍‌ଲେଟିକ୍ସ: ଓଡ଼ିଶାକୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୬।୬ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଆନ୍ତଃ-ରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ତୃତୀୟ ଦିବସ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଦିବସରେ ଓଡ଼ିଶାର ୪ ଗୁଣା ୧୦୦ ମିଟର ପୁରୁଷ ରିଲେ ଦଳ ସ୍ୱର୍ଣ୍ଣିମ ସଫଳତା ପାଇଛି। ଫାଇନାଲରେ ଓଡ଼ିଶା ଦଳ ୩୯.୯୨ ସେକେଣ୍ଡରେ ରେସ୍ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲା। ଅଭିଜ୍ଞ ଅମୀୟ ମଲ୍ଲିକ, ସରୁନ ପାୟାସିଂ, ଲାଲୁ ପ୍ରସାଦ ଭୋଇ ଓ ଦଣ୍ଡପତି ଜୟରାମ ସ୍ୱର୍ଣ୍ଣ ବିଜୟୀ ଓଡ଼ିଶା ଦଳର ସଦସ୍ୟ ରହିଥିଲେ। ତାମିଲନାଡୁ (୪୦.୦୨ ସେକେଣ୍ଡ) ଓ ମହାରାଷ୍ଟ୍ର (୪୦.୩୭ ସେକେଣ୍ଡ) ରିଲେ ଦଳ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲା। ଅପରପକ୍ଷରେ ପୁରୁଷ ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରଭେଲ ୧୬.୯୨ ଲମ୍ଫ ପ୍ରଦାନ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ମହିଳା ଡିସକସ୍ ଥ୍ରୋ'ରେ ହରିୟାଣାର ସୀମା ୫୯.୭୩ ମିଟର ସହ ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ଜିତିବା ସହ ଏସୀୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

ପ୍ରଥମ ଟି-୨୦

## ପ୍ରଥମଥର ଭାରତକୁ ହରାଇଲା ଆୟର୍ଲାଣ୍ଡ

ବେଲ୍‌ଫାଷ୍ଟ, ୨୬।୬ (ଏଜେନ୍ସି): ଟି-୨୦ କ୍ରିକେଟ୍ ଇତିହାସରେ ଆୟର୍ଲାଣ୍ଡ ପ୍ରଥମଥର ଭାରତକୁ ହରାଇବାରେ ସମର୍ଥ ହୋଇଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଟି-୨୦ ସିରିଜର ପ୍ରଥମ ମ୍ୟାଚ୍‌ରେ ଘରୋଇ ଆୟର୍ଲାଣ୍ଡ ୩୪ ରନରେ ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ ଭାରତକୁ ପରାସ୍ତ କରିଛି। ୧୮୩ ରନକୁ ପିଛା କରିଥିବା ଭାରତ ୧୪୮ ରନରେ ଅଲ୍‌ଆଉଟ୍ ହୋଇଛି। ସିରିଜର ଅନ୍ତିମ ତଥା ଦ୍ୱିତୀୟ ଟି-୨୦ ରବିବାର ଖେଳାଯିବ। ଭାରତ ଓ ଆୟର୍ଲାଣ୍ଡ ମଧ୍ୟରେ ସର୍ବପ୍ରଥମ ଟି-୨୦ ମୁକାବିଲା ୨୦୦୯ରେ ଖେଳାଯାଇଥିଲା। ଇତିମଧ୍ୟରେ ୧୭ ବର୍ଷ ମଧ୍ୟରେ ୯ଟି ମୁକାବିଲା ଖେଳାଯାଇଛି। ଯେଉଁଥିରେ ଭାରତ ୮ ଓ ଆୟର୍ଲାଣ୍ଡ ଗୋଟିଏ ମ୍ୟାଚ୍ ଜିତିଛି। ୧୮୩ ରନର ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କେବଳ ଓପନର ଅଭିଷେକ ଶର୍ମାଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରି ନ ଥିଲେ। ଫଳରେ ଭାରତ ୭ଟି ବଲ୍ ବଳକା ଥାଇ ୧୪୮ ରନରେ ସୀମିତ ରହିଥିଲା। ଅଭିଷେକ ୭ଟି ଚୌକା ଓ ୨ଟି ଛକା ବଳରେ ୨୦ ବଲରୁ ୫୦ ରନ କରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୁ ସାମସନ ୫, ଇଶାନ କିଶାନ ୧, ଅଧିନାୟକ ଶ୍ରେୟସ ଆୟର ୩, ତିଲକ ବର୍ମା ୧୯, ଶିବମ ଦୁବେ ୨୫, ଅକ୍ଷର ପଟେଲ ୧୫, ୱାଶିଂଟନ ସୁନ୍ଦର ୯ ରନ କରିଥିଲେ। ସଫଳ ବୋଲର ଭାବେ ଆୟର୍ଲାଣ୍ଡ ପକ୍ଷରୁ ମାଥ୍ୟୁ ହୋଲାର୍ଡ ଓ ମାଥ୍ୟୁ ହମ୍ପରେସ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ପୂର୍ବରୁ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆୟର୍ଲାଣ୍ଡ ୭.୧ ଓଭର ମଧ୍ୟରେ ୫୧ ରନରେ ୪ଟି ୱିକେଟ୍ ହରାଇ ବିପର୍ଯ୍ୟୟରେ ପଡ଼ିଥିଲା। କିନ୍ତୁ ଅଧିନାୟକ ଲୋରକାନ ଟକର (୩୬ ବଲରେ ୫୦ ରନ) ଓ ଗେରେଥ ଡେଲାନୀ (୩୨ ବଲରେ ୪୯ ରନ)ଙ୍କ ଦ୍ରୁତ ବ୍ୟାଟିଂ ବଳରେ ଦଳ ୯ ୱିକେଟରେ ୧୮୨ ରନର ସମ୍ମାନଜନକ ସ୍କୋର ଠିଆ କରିପାରିଥିଲା। ଭାରତ ପକ୍ଷରୁ ହର୍ଷିତ ରାଣା ୩ଟି ଏବଂ ଅର୍ଶଦୀପ୍ ସିଂହ ଓ ଅକ୍ଷର ପଟେଲ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଯୁବ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ଅନ୍ତର୍ଜାତୀୟ ପଦାର୍ପଣର ସୁଯୋଗ ନ ମିଳିବା କ୍ରିକେଟ୍‌ପ୍ରେମୀଙ୍କୁ ନିରାଶ କରିଛି।



ଓଡ଼ିଶା ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍

## ଭୁବନେଶ୍ୱର କ୍ରୀଡ଼ାବିତ୍‌ଙ୍କୁ ୨୨ ପଦକ


ଭୁବନେଶ୍ୱର,୨୬।୬(ସମିସ)

ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘ (ଓଟିଏ) ଓ କଟକ ଜିଲ୍ଲା ତାଏକ୍ୱୋଣ୍ଡୋ ଆସୋସିଏସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିଅମରେ ଓଡିଶା ରାଜ୍ୟ କ୍ୟୁରୋଜୀ ଓ ପୁମସେ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ଏହି ୩ ଦିନିଆ ପ୍ରତିଯୋଗିତାରେ ଭୁବନେଶ୍ୱରର କ୍ରୀଡ଼ାବିତମାନେ ମୋଟ୍ ୨୨ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୮ ସ୍ୱର୍ଣ୍ଣ, ୬ ରୌପ୍ୟ ଏବଂ ୮ କାଂସ୍ୟ ପଦକ ସାମିଲ ରହିଛି। ୧୪୨୦ ପଏଣ୍ଟସ ସହ ଭୁବନେଶ୍ୱର ପଞ୍ଚମ ସ୍ଥାନ ହାସଲ କରିଛି। କ୍ରୀଡ଼ାବିତଙ୍କ ଏହି ସଫଳତା ପରେ କୋଚ ତଥା ଭୁବନେଶ୍ୱର ଆମେଚର ତାଏକ୍ୱୋଣ୍ଡୋ ଆସୋସିଏସନର ସମ୍ପାଦକ ଏହେସାସ ହୋତା, ସଭାପତି ମନମୋହନ ଭଞ୍ଜ ଏବଂ କୋଷାଧ୍ୟକ୍ଷ ବିବେକାନନ୍ଦ ସାମଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।




## ବିସିସିଆଇ ଇମର୍ଜିଂ ଟୁର୍ଣ୍ଣାମେଣ୍ଟ ଖେଳିବେ ସମ୍ବିତ

ଭୁବନେଶ୍ୱର,୨୬।୬(ସମିସ)



ଓଡ଼ିଶା କ୍ରିକେଟ୍ ଜଗତ ପାଇଁ ଏକ ଖୁସି ଖବର। ରାଜ୍ୟର ଉଦୀୟମାନ ଖେଳାଳି ସମ୍ବିତ ବରାଳ ପୁଣିଥରେ ଜାତୀୟସ୍ତରରେ ନିଜ ପ୍ରତିଭାର ପ୍ରମାଣ ଦେଇଛନ୍ତି। ସେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ଆୟୋଜିତ ହେବାକୁ ଥିବା ଉଦୀୟମାନ ପୁରୁଷ କ୍ରିକେଟ୍ ପ୍ରତିଯୋଗିତା ପାଇଁ ଘୋଷିତ ହୋଇଥିବା 'ଏ' ଦଳରେ ସ୍ଥାନ ପାଇଛନ୍ତି। ସର୍ବଭାରତୀୟ ଜୁନିଅର ଏବଂ ସିନିଅର ଚୟନ କମିଟି ଦ୍ୱାରା ଏହି ଦଳ ଚୟନ କରାଯାଇଛି। ଆସନ୍ତା ଜୁଲାଇ ୬ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁ ସ୍ଥିତ ବିସିସିଆଇର ଉତ୍କର୍ଷ କେନ୍ଦ୍ରରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ଚଳିତ ବର୍ଷ ଏପ୍ରିଲ୍ ଓ ମେ ମାସରେ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହୋଇଥିବା ୨୫ ବର୍ଷରୁ କମ୍ ଉଦୀୟମାନ ହାଇ ପରଫର୍ମାନ୍ସ ଶିବିରରେ ସମ୍ବିତ ଚମତ୍କାର ପ୍ରଦର୍ଶନ କରିଥିଲେ। ସମ୍ବିତଙ୍କର ଏହି ସଫଳତା ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଏବଂ ସମସ୍ତ କର୍ମକର୍ତ୍ତା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସୁଟ୍ ଆଉଟ୍‌ରେ ହାରିଲା ଭାରତ

ଲଣ୍ଡନ, ୨୬।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ଏହାର ୟୁରୋପ ଲେଗ୍ ଖେଳ ଜାରି ରଖିଛି। ଶୁକ୍ରବାର ସକାଳେ ଅନୁଷ୍ଠିତ ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ସୁଟ୍‌ଆଉଟ୍‌ରେ ୧-୪ ଗୋଲ୍‌ରେ ଘରୋଇ ଇଂଲଣ୍ଡ ନିକଟରୁ ପରାସ୍ତ ହୋଇଛି। ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଭାରତ ଓ ଇଂଲଣ୍ଡ ଦଳ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ଭାରତ ପକ୍ଷରୁ ଦିଲ୍‌ପ୍ରୀତ୍ ସିଂହ ଦୁଇଟି ଯାକ ଗୋଲ୍‌ସ୍କୋର କରିଥିଲେ। ଏହାପରେ ଫଳାଫଳ ପାଇଁ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଇଂଲଣ୍ଡ ୪ଟି ଗୋଲ୍ ଦେଇଥିବାବେଳେ ଭାରତ ମାତ୍ର ଗୋଟିଏ ବଲ୍ ପ୍ରତିପକ୍ଷ ପୋଷ୍ଟ ମଧ୍ୟକୁ ପଠାଇବାକୁ ସମର୍ଥ ହୋଇଥିଲା। ବିଜୟ ସହ ଇଂଲଣ୍ଡ ବୋନସ୍ ପଏଣ୍ଟ ହାତେଇନେଇଛି। ଇଂଲଣ୍ଡ ୧୪ଟି ମ୍ୟାଚରୁ ୩୧ ପଏଣ୍ଟ ପାଇ ବେଲ୍‌ଜିୟମ (୩୬) ପଛକୁ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଅପରପକ୍ଷରେ ଭାରତ ୧୪ଟି ମ୍ୟାଚରୁ ୧୪ ପଏଣ୍ଟ ସହ ୯ ଦଳୀୟ ଟେବୁଲ ତାଲିକାର ୮ମ ସ୍ଥାନରେ ରହିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ପାକିସ୍ତାନକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS